ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୬୯
୨୭ ଅକ୍ଟୋବର, ୨୦୨୫ ସୋମବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 169
27th October, 2025 Monday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଆପଦର୍ଥେ ଧନଂ ରକ୍ଷେଦ୍ଦାରାନ୍ ରକ୍ଷେଦ୍ଧନୈରପି
ଆତ୍ମାନଂ ସତତଂ ରକ୍ଷେଦ୍ଦାରୈରପି ଧନୈରପି ।**

ବିପଦ ଆପଦ ପାଇଁ ଧନ ସଞ୍ଚୟ କରିବା ସଂଗେ ସଂଗେ ସେହି ଧନ ବିନିମୟରେ ପତ୍ନୀକୁ ପାଳନ କରିବା ଉଚିତ । କିନ୍ତୁ ଆବଶ୍ୟକ ପଡ଼ିଲେ ପତ୍ନୀ ଓ ଧନ ବିନିମୟରେ ନିଜକୁ ସର୍ବତୋଭାବେ ରକ୍ଷା କରିବା ଉଚିତ । ତେଣୁ ଯଥାକ୍ରମେ ଧନ, ଦାରା ଓ ଆତ୍ମରକ୍ଷା ପ୍ରତି ଗୁରୁତ୍ୱ ଦେବା ବାଞ୍ଛନୀୟ ।

## ଉପଦେଶ

**... ବାଜିଗଲେ ଦୋଷ ନାହିଁ**

**କ୍ରୋଧ କବଳିତ ମଣିଷ ପାଇଁ...**

## କହିଥିଲେ ଶାଢ଼ି ଦେବେ ଦେଲେନି

# ଚୌକି ଫିଙ୍ଗିଲେ ମହିଳା



**ପାଟନା, ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ବିହାର ନିର୍ବାଚନ ପ୍ରଚାର ଜୋରଦାର ଚାଲିଛି । ନେତାମାନେ ନିଜନିଜ ପ୍ରଚାର ପାଇଁ ବିଭିନ୍ନ ପ୍ରକାର ଶୈଳୀ ଆପଣାଉଛନ୍ତି । ଏହି କ୍ରମରେ ଦେଖିବାକୁ ଗଲେ ଫୋର୍ବସଗଞ୍ଜର ଦୀନଦୟାଲ ଚୌକରେ ଏନଡିଏର ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟର ଉଦଘାଟନ କାର୍ଯ୍ୟକ୍ରମ ଥିଲା । ଏହି କାର୍ଯ୍ୟକ୍ରମ ଅପରାହ୍ନ ୪ଟାରେ ହେବାର ଥିଲା । ଏହି ଉଦଘାଟନ ପାଇଁ ଦଳୀୟ କର୍ମୀଙ୍କ ସହିତ ବହୁ ସଂଖ୍ୟକ ମହିଳା ସକାଳେ କାର୍ଯ୍ୟାଳୟରେ ଆସି ପହଞ୍ଚିଥିଲେ ।

ଏହି କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ଛଟ ପାଇଁ ଶାଢ଼ି ଏବଂ ଅନ୍ୟାନ୍ୟ ସାମଗ୍ରୀ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇ ସକାଳଠାରୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କୁହାଯାଇଥିଲା । *(ଶେଷ ପୃଷ୍ଠା ଦେଖନ୍ତୁ)*

## ମୋଦୀ କହିଲେ: କୋରାପୁଟ କଫି ଓଡ଼ିଶାର ଗୌରବ

**ନୂଆଦିଲ୍ଲୀ, ୨୬।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

କୋରାପୁଟ କଫିକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ୧୨୭ତମ ମନ କି ବାତରେ ମୋଦି କହିଛନ୍ତି, ଓଡିଶାର କୋରାପୁଟ କଫି ଅତ୍ୟନ୍ତ ସ୍ୱାଦିଷ୍ଟ । କୋରାପୁଟ କଫି ହେଉଛି ଓଡିଶାର ଗୌରବ । ଚାକିରି ଛାଡି କଫି ଚାଷରେ ମନ ବଳାଉଛନ୍ତି ଯୁବପିଢି । ଆଜିର ସମୟରେ କୋରାପୁଟ କଫିରୁ ବହୁ ଲାଭ ମିଳୁଛି । କଫି ଚାଷରେ ମହିଳାଙ୍କ ସହଭାଗିତାକୁ ମୋଦି ପ୍ରଶଂସା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦିନ ମନ କି ବାତ ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ଦେଶବାସୀଙ୍କୁ ଛଟ୍ ପର୍ବର ଶୁଭେଚ୍ଛା ଜଣାଇଛନ୍ତି । ଛଟର ମହାନ ପର୍ବ ସଂସ୍କୃତି, ପ୍ରକୃତି ଏବଂ ସମାଜ ମଧ୍ୟରେ ଗଭୀର ଏକତାର ପ୍ରତିଫଳନ । ସମାଜର ପ୍ରତ୍ୟେକ ବର୍ଗ ଛଠ ଘାଟରେ ଏକାଠି ଠିଆ ହୋଇଛନ୍ତି । ଏହି ଦୃଶ୍ୟ ଭାରତର ସାମାଜିକ ଏକତାର ସବୁଠାରୁ ସୁନ୍ଦର ଉଦାହରଣ ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ କାର୍ଯ୍ୟକ୍ରମ ସମୟରେ ଛତିଶଗଡ଼ ଏବଂ କର୍ଣ୍ଣାଟକର ଉଲ୍ଲେଖ କରିଥିଲେ । ସେ ଛତିଶଗଡ଼ର ଅମ୍ବିକାପୁରରେ ପ୍ଲାଷ୍ଟିକ ଅଳିଆ ସଫା କରିବା ପାଇଁ ଏକ ପଦକ୍ଷେପ ଗାର୍ବେଜ୍ କାଫେ ବିଷୟରେ କହିଥିଲେ ।

ପ୍ରଧାନମନ୍ତ୍ରୀ ମୋଦୀ ବନ୍ୟପ୍ରାଣୀଙ୍କ ଗୁରୁତ୍ୱ ଉପରେ କହିଛନ୍ତି, 'ଗୁଜରାଟର ବନ ବିଭାଗ, ମାଙ୍ଗଗୁଭ *(ଶେଷ ପୃଷ୍ଠା ଦେଖନ୍ତୁ)*

# ମାଟି ଆଡ଼କୁ ମାଡ଼ିଆସୁଛି 'ମନ୍ଥା'

**ଭୁବନେଶ୍ୱର, ୨୬।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ପାଣିପାଗ ବିଭାଗ କହିଛି ଯେ, ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ସୃଷ୍ଟି ସୁଦୃଶ ଲଘୁଚାପ ଶନିବାର ପୂର୍ବାହ୍ନରେ ଅବପାତର ରୂପ ନେଇଛି । ୨୭ ତାରିଖରେ ଏହା ବାତ୍ୟାର ରୂପ ନେଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ପୂର୍ବାନୁମାନ କରିଛି । ସମ୍ଭାବ୍ୟ ବାତ୍ୟା ଆନ୍ଧ୍ରପ୍ରଦେଶ ଉପକୂଳ ଆଡକୁ ଅଗ୍ରସର ହେଉଛି । ଏହା କେଉଁ ଅଞ୍ଚଳରେ ଲ୍ୟାଣ୍ଡଫ୍ଲ କରିବ ସେନେଇ କୁହାଯାଇ ନାହିଁ । କିନ୍ତୁ ବାତ୍ୟାର ପ୍ରଭାବରେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ ଓଡିଶାର ଅନେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ୨୮ ଓ ୨୯ ତାରିଖ ରାତିରେ ଲ୍ୟାଣ୍ଡଫଲ କରି ମାଲକାନଗିରି ଜିଲ୍ଲା ଦେଇ ଅତିକ୍ରମ କରିବା ସମ୍ଭାବନା ରହିଛି ।

ଆନ୍ଧ୍ର ପ୍ରଦେଶ ଉପକୂଳ ମୁହାଁ ହେଉଥିବା ସମ୍ଭାବ୍ୟ ବାତ୍ୟାର ବିଶେଷ ପ୍ରଭାବ ଓଡ଼ିଶାରେ ପଡିବନି । ଅକ୍ଟୋବର ୨୭ରୁ ୨୯ ତାରିଖ ଯାଏ ଓଡିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ବିଶେଷକରି ୨୭ରୁ ୨୯ ମଧ୍ୟରେ ମାଲକାନଗିରି ଓ କୋରାପୁଟରେ ଅତି ଭାରି ବର୍ଷା ଓ ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାରେ ମଧ୍ୟମରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ ବିଶେଷଜ୍ଞ ବିଶ୍ୱଜିତ ସାହୁ ସୂଚନା ଦେଇଛନ୍ତି ।

୨୬ ତାରିଖ ଆଡକୁ ଏହା ଆହୁରି ଶକ୍ତି ଗୋଟାଇବ ଏବଂ ଅଧିକ ଘନୀଭୂତ ହୋଇ ଗଭୀର ଅବପାତର ରୂପ ନେବ । ସୋମବାର (୨୭ ତାରିଖ) ସକାଳ ସୁଦ୍ଧା ଏହା ଆହୁରି ଘନୀଭୂତ ହୋଇସାରିଥିବ ଏବଂ ଦକ୍ଷିଣ-ପଶ୍ଚିମ ତଥା ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସାମୁଦ୍ରିକ ଝଡ ବା ବାତ୍ୟାର ରୂପ ନେବ । ତେବେ ଏହା କେତେ ଭୟଙ୍କର ହେବ, ଗତିପଥ କେଉଁଆଡେ ରହିବ ଓ କେଉଁଠାରେ ଏହା ସ୍ଥଳଭାଗକୁ ଛୁଇଁବ, ସେ ସଂକ୍ରାନ୍ତରେ ଏବେ କୌଣସି ସ୍ପଷ୍ଟ ସୂଚନା ନାହିଁ । ସମ୍ଭାବ୍ୟ ବାତ୍ୟା ଯୋଗୁଁ ଓଡିଶା ଉପକୂଳ ସମୁଦ୍ର ଅଶାନ୍ତ ରହିବ । ଏଥିପାଇଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ପ୍ରବେଶ ବାରଣ କରାଯାଇଛି ।



ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଅକ୍ଟୋବର ୨୭ରୁ ବର୍ଷା ଆରମ୍ଭ ହେବ । ଏହା ଅକ୍ଟୋବର ୩୦ ଯାଏଁ ଜାରି ରହିବ । ପବନର ବେଗ ଘଣ୍ଟା ପିଛା ୬୦ରୁ ୭୦ ରହିବ । ଏଥି ସହିତ ଝଟକା ପବନର ବେଗ ଘଣ୍ଟା ପିଛା ୮୦ ପର୍ଯ୍ୟନ୍ତ ହୋଇପାରେ । ରାଜ୍ୟରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୪ ଲକ୍ଷ ନକଲି ୫୦୦ ଟଙ୍କିଆ ନୋଟ୍ ଜବତ: ୩ ଗିରଫ

**ବିନିକା, ୨୬।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜାଲ୍ ନୋଟ୍ କାରବାରର ପର୍ଦ୍ଦାଫାସ କରିଛି ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ପୁଲିସ । ୪ ଲକ୍ଷ ୧୫ ଶହ ଟଙ୍କାର ନକଲି ୫୦୦ ଟଙ୍କିଆ ନୋଟ୍ ଜବତ କରାଯାଇଥିବା ବେଳେ ୩ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି, ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ବେତ୍ରାପଡାର ଅଶୋକ ନାୟକ (୨୮), ଫୁଲମୁଠିର ଅଭିଷେକ ହୋତା (୨୩) ଓ ଲଛିପୁର ଥାନା ରେଙ୍ଗାଲିର ଜୟନାରାୟଣ ବସ୍ତିଆ (୨୭) । ସାଂଘାତିକ କଥା ହେଉଛି, ଅଭିଯୁକ୍ତମାନେ ପ୍ରାୟ ୨ ଲକ୍ଷ ଟଙ୍କାର ନକଲି ୫୦୦ ଟଙ୍କିଆ ନୋଟ୍ ବଜାରକୁ ଛାଡି ଦେଇଛନ୍ତି ।



ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ କହିଛନ୍ତି, ନକଲି ଟଙ୍କା କାରବାର ନେଇ ଗତକାଲି ଆମ ପାଖକୁ ଏକ ବିଶେଷ ସୂଚନା ଆସିଥିଲା । ଏହି ସୂଚନା ଆଧାରରେ ବିନିକା ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା । ଅଭିଯୁକ୍ତଙ୍କର ମୋବାଇଲ ଫୋନ୍ ନମ୍ବର ଆମକୁ ମିଳିଥିଲା । ସେମାନଙ୍କ ମୋବାଇଲ ଫୋନ୍‌କୁ ଟ୍ରାକ୍ କରି ସେମାନଙ୍କ ଉପସ୍ଥିତି ଜାଣିବାକୁ ସକ୍ଷମ ହୋଇଥିଲା ତଦନ୍ତକାରୀ ଟିମ୍ । ଏହା ପରେ ସେମାନେ ଚଢ଼଼ଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ । ସେମାନଙ୍କୁ ଯାଞ୍ଚ କରାଯିବା ସହିତ ସେମାନଙ୍କ ଘରେ ଖୋଜାଖୋଜି କଲା ବେଳେ ନକଲି ନୋଟ୍ ଜବତ କରାଯାଇଥିଲା ।

ଏସ୍‌ପି କହିଛନ୍ତି, ୩ ଅଭିଯୁକ୍ତଙ୍କ ପାଖରୁ ୪ ଲକ୍ଷ ୧୫ ଶହ ଟଙ୍କାର ନକଲି *(ଶେଷ ପୃଷ୍ଠା ଦେଖନ୍ତୁ)*

## ବିହାର ନିର୍ବାଚନ ପ୍ରଚାରରେ ଚଳିବନି ଏଆଇ କଣ୍ଟେଣ୍ଟ

**ଭାଗଲପୁର, ୨୬।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ନିର୍ବାଚନ ଆୟୋଗ (ଇସିଆଇ) ବିହାର ବିଧାନସଭା ନିର୍ବାଚନ ୨୦୨୫କୁ ସ୍ୱତନ୍ତ୍ର, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ସମ୍ପନ୍ନ କରିବା ପାଇଁ ନିର୍ବାଚନ ପ୍ରଚାର କାଳରେ କୃତ୍ରିମ ବୁଦ୍ଧିମତା (ଏଆଇ) ସୃଷ୍ଟ ପ୍ରଚାର ସାମଗ୍ରୀ ସମ୍ପର୍କରେ ରାଜନୈତିକ ଦଳଙ୍କ ନିମନ୍ତେ ଏକ ଆଡଭାଇଜରୀ ଜାରି କରିଛନ୍ତି । ନିର୍ବାଚନ ଆୟୋଗ କହିଛନ୍ତି ଯେ ନିର୍ବାଚନ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଭାଗଚାଷୀଙ୍କ ପ୍ରତି ଉଦାସୀନତା କୃଷିକ୍ଷେତ୍ରକୁ ପ୍ରଭାବିତ କରୁଛି

**କେନ୍ଦ୍ରାପଡ଼ା, ୨୬।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ସଂପ୍ରତି ଭାଗଚାଷୀ ହେଉଛନ୍ତି କୃଷିର ମେରୁଦଣ୍ଡ । ବିପୁଳ ଭୂସମ୍ପତ୍ତିର ମାଲିକ ଥିବା ଲୋକେ ତଥା ପୂର୍ବର ବଡ଼ବଡ଼ ଚାଷୀ କେହି ଚାଷ କରୁନାହାଁନ୍ତି କିମ୍ବା ଭବିଷ୍ୟତରେ କରିବାର ସମ୍ଭାବନା ନାହିଁ । ଅଧିକନ୍ତୁ ଅନେକ କ୍ଷୁଦ୍ର ଚାଷୀ କ୍ରମେ ସେହି ଧାରାରେ ସାମିଲ ହେବାରେ ଲାଗିଛନ୍ତି । ସେମାନଙ୍କ ବିନା କୃଷି ଆଗକୁ ବଢିପାରିବନି । ସେମାନଙ୍କୁ ଛାଡ଼ିଦେଲେ ରାଜ୍ୟବ୍ୟାପୀ ଶହଶହ ଏକର ଜମି ପଡ଼ିଆ ପଡ଼ିବା ହିଁ ସାର ହେବ । ସେମାନଙ୍କ ବିକାଶ ରାଜ୍ୟର କୃଷି ବିକାଶର ଏକ ଅଂଶ ବିଶେଷ କହିଲେ ଭୁଲ୍ ହେବ ନାହିଁ । କିନ୍ତୁ ସରକାର ଏହି ଭାଗଚାଷୀଙ୍କ ପ୍ରତି ସମ୍ବେଦନଶୀଳ ହେବା ପରିବର୍ତ୍ତେ ଉଦାସୀନତା ଅବଲମ୍ବନ କରୁଥିବା ଅଭିଯୋଗ ହୋଇ ଆସୁଛି । ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ରାଜ୍ୟର ୪୩ ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ କିଷାନ ଯୋଜନା ମାଧ୍ୟମରେ ୨ହଜାର ଟଙ୍କା ଲେଖାଏଁ ବର୍ଷକୁ ଦୁଇଥର ପ୍ରଦାନ କରାଯାଉଛି । ହେଲେ ସରକାରଙ୍କ ଏହି ପଦକ୍ଷେପ କୃଷିଭିତ୍ତିକ କେନ୍ଦ୍ରାପଡା ଜିଲ୍ଲାରେ ଭାଗଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ । ଜମି ମାଲିକମାନେ ନିଜକୁ ଚାଷୀ ଦର୍ଶାଇ ରାଜ୍ୟ ସରକାରଙ୍କ ସିଏମ କିଷାନ ଯୋଜନା ଓ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିଶାନ ଯୋଜନାର ସୁଫଳ ହାତେଇ ନେଉଥିବାବେଳେ ଭାଗଚାଷୀମାନେ ବଞ୍ଚିତ ହେଉଛନ୍ତି । ସେହିପରି ଜମି ନଥିବା ଭାଗଚାଷୀଙ୍କୁ ସମବାୟ ସଂସ୍ଥା ଓ ବ୍ୟାଙ୍କ ଋଣ ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ଜମି ନଥିବାରୁ ଖରିଫ ଧାନ ବିକ୍ରି ପାଇଁ ସେମାନେ ନାମ ପଞ୍ଜିକରଣ କରିବା ଓ ଧାନ ବିକ୍ରି କରିବାରେ ମଧ୍ୟ ଅସୁବିଧା ସୃଷ୍ଟି ହେଉଛି । ନିଜ ନାମରେ ଜମି ନଥିବାରୁ ସେମାନେ ଅଭାବୀ ବିକ୍ରିର ଶୀକାର ହେଉଛନ୍ତି । କେନ୍ଦ୍ରାପଡା ଜିଲ୍ଲାର ୩ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପରିବାରଙ୍କ ମଧ୍ୟରୁ ୭୦ ଭାଗ ଚାଷୀ ପରିବାରଙ୍କ ଜମି ଭାଗଚାଷୀଙ୍କ ଦ୍ୱାରା ଚାଷ ହୋଇଥାଏ । ଭାଗଚାଷୀ ଜମି ମାଲିକଙ୍କ ନିକଟରୁ ବର୍ଷକ ପାଇଁ ଚାଷ ଜମି ନେଇଥାନ୍ତି । ଏଥିପାଇଁ ଧାନ ଫସଲରୁ ଅଧା ଓ ରବି ଫସଲରେ ଦୁଇ ପଞ୍ଚମାଂଶ ଜମି ମାଲିକଙ୍କୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ପ୍ରତିମାସରେ ଗୋଟିଏ ଯୁଦ୍ଧ ବନ୍ଦ କରିଛି

**କ୍ୱାଲାଲୁମ୍ପୁର, ୨୬।୧୦:**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଦିନ ଦାବି କରିଛନ୍ତି ଯେ ସେ ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନାକୁ 'ବହୁତ ଶୀଘ୍ର' ସମାପ୍ତ କରିପାରିବେ । ମାଲେସିଆରେ ଅନୁଷ୍ଠିତ କାମ୍ବୋଡିଆ-ଥାଇଲାଣ୍ଡ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷର ସମାରୋହ ସମୟରେ ଟ୍ରମ୍ପ ଏହି ବିବୃତ୍ତି ଦେଇଥିଲେ ।



ଟ୍ରମ୍ପ କହିଥିଲେ, ଯେପରିକି ଆପଣ ଜାଣନ୍ତି, ମୋ ପ୍ରଶାସନ ମାତ୍ର ଆଠ ମାସରେ ଆଠଟି ଯୁଦ୍ଧ ସମାପ୍ତ କରିଛି । ଆମେ ପ୍ରତି ମାସରେ ଗୋଟିଏ *(ଶେଷ ପୃଷ୍ଠା ଦେଖନ୍ତୁ)*

## ସାପ କାମୁଡ଼ାରେ ବାଳକ ମୃତ

**ରାଜନଗର, ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ପ୍ରହରାଜପୁର ଗ୍ରାମର ଜଣେ ନାବାଳକର ସାପ କାମୁଡାରେ ମୃତ୍ୟୁ ହୋଇଛି । ଏହି ଗ୍ରାମର ରଞ୍ଜନ ସେଠୀଙ୍କ ଏକମାତ୍ର ପୁଅ ରୁଦ୍ର ସେଠୀ (୧୧) । ଜେଜେ ବାପାଙ୍କ ସହିତ ଗାଁ ନିକଟସ୍ଥ ଚାଷଜମିକୁ ଯାଇଥିଲା । ତା'ଗୋଡରେ କ'ଣ କାମୁଡି ଦେଲା ବୋଲି ଜେଜେଙ୍କୁ କହିଲା । ଘର ପାଖରେ ପହଞ୍ଚିବା ବେଳକୁ ସେ ଅସୁସ୍ଥ ହୋଇ ପଡିଲା । ପରିବାର ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା । ସେଠାରେ ସେ ମୃତ୍ୟୁବରଣ କରିଛି ।

## ବାତ୍ୟା: ହୁହୁ ହୋଇ ବଢୁଛି ପରିବା ଦର



**କଟକ, ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ଭାବ୍ୟ ବାତ୍ୟା 'ମନ୍ଥା'କୁ ନେଇ ସଂପ୍ରତି ପରିବା ବଜାରରେ କୃତିମ ଅଭାବ ଦେଖାଦେଇଛି । ଲୋକମାନେ ଭୟଭୀତ ହୋଇ ପନିପରିବା କିଣିବାକୁ ଭିଡ଼ ଜମାଉଛନ୍ତି । ଗତ ୩ ଦିନ ପୂର୍ବରୁ ଯେଉଁ ପରିବା ଦର ସ୍ୱାଭାବିକ ସ୍ଥିତିରେ ଥିଲା, ଏବେ ତାହା ହୁହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି । ପ୍ରତ୍ୟେକ ପରିବା ଦର ଉପରେ ୧୦ରୁ ୨୦ ଟଙ୍କା ଚଢ଼ା ଦରରେ ଅସାଧୁ ବ୍ୟବସାୟୀମାନେ *(ଶେଷ ପୃଷ୍ଠା ଦେଖନ୍ତୁ)*



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

କେନ୍ଦ୍ରାପଡା ୨୭ ଅକ୍ଟୋବର ୨୦୨୫ । ସୋମବାର




## ଦିବ୍ୟାଙ୍ଗ ବାଳ ଶ୍ରମିକ ଛାତରୁ ପଡି ଗୁରୁତର

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୋକନ ଉପସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ଠିକାଦାରୀ କାର୍ଯ୍ୟରେ ନିୟୋଜିତ ଦିବ୍ୟାଙ୍ଗ ବାଳ ଶ୍ରମିକ ଛାତରୁ ପଡି ଗୁରୁତର ହୋଇଥିବା ଜଣାଯାଇଛି । ସୂଚନା ମୁତାବକ ଗୋକନ ପଞ୍ଚାୟତ କଲ୍ୟାଣ ମଣ୍ଡପ ନିକଟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ୩୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଠିକାଦାର ନିଯୁକ୍ତି କରାଯାଇ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୋକନ ଉପସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ କାର୍ଯ୍ୟ ଚାଲୁ ରହିଛି । ଏହି ନୂତନ ଗୃହ କାର୍ଯ୍ୟରେ ବାରିପଦା ଉଦଳା ଅଞ୍ଚଳର ଇନ୍ଧନ ମୁର୍ମୁ, ତାଙ୍କ ପତ୍ନୀ ଏବଂ ଦିବ୍ୟାଙ୍ଗ ନାବାଳକ ପୁତ୍ର ଧନେଇ ମୁର୍ମୁ ଶ୍ରମିକ ଭାବେ ନିୟୋଜିତ ଥିଲେ । ପୂର୍ବାହ୍ନରେ ଧନେଇ ମୁର୍ମୁ ଦ୍ୱିତାଲା ଛାତ ସିଡି ସଟରିଙ୍ଗ କାର୍ଯ୍ୟ କରୁଥିବା ସମୟରେ ଠିକାଦାରଙ୍କ ଦାୟିତ୍ୱହୀନତା ଯୋଗୁ ଏକ ତାଲା ଛାତ ଉପରେ ପଡି ଯାଇଥିଲେ । ଯାହା ଫଳରେ ସେ ଗୁରୁତର ଆହତ ହୋଇଥିଲେ । ସେଠାରେ କାର୍ଯ୍ୟରତ ମିସ୍ତ୍ରୀ ଓ ବାପା ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ । ତାଙ୍କର ବାମ ହାତ ଭାଙ୍ଗି ଯାଇଥିବା ଜଣାଯାଇଛି । ଏଠାରେ ସୂଚନା ଥାଉ କି ସରକାରଙ୍କ ପକ୍ଷରୁ ବାଳ ଶ୍ରମିକ ନିରୋଧ ଆଇନ କାର୍ଯ୍ୟ କରୁଥିବା ବେଳେ ସଂପୃକ୍ତ ଠିକାଦାର ଏହି ନିୟମକୁ ଫୁ କରି ଦେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସଂପୃକ୍ତ ଠିକାଦାର ଓ ଯନ୍ତ୍ରୀଙ୍କ ଖାମଖିଆଲ ନିତୀ ଯୋଗୁ ନିରାପତା ବ୍ୟବସ୍ଥା ହୋଇନଥିବା ଅଭିଯୋଗ ହୋଇଛି । ଏହି ନିର୍ମାଣ କାର୍ଯ୍ୟରେ ବିଭାଗୀୟ ଯନ୍ତ୍ରୀ ନିର୍ମାଣସ୍ଥଳରେ ଅଧିକାଂଶ ସମୟ ଉପସ୍ଥିତ ରହୁନଥିବାରୁ ସଂପୃକ୍ତ ଠିକାଦାର ମନମାନୀରେ କାର୍ଯ୍ୟ କରୁଛନ୍ତି । ଏ ସଂପର୍କରେ ବିଭାଗୀୟ ଯନ୍ତ୍ରୀ ଚନ୍ଦନ ରାଉତଙ୍କୁ ଯୋଗାଯୋଗ କରିବାରୁ ସଂପୃକ୍ତ ପିଲାଟି ତାଙ୍କ ବାପା ମାଆ କାର୍ଯ୍ୟ କରୁଥିବା ସ୍ଥଳକୁ ପାଣି ନେଇ ଯାଉଥିବାବେଳେ ପଡିଯାଇଥିବା କହିବା କଥାକୁ ଖାମଖିଆଲ ଭାବେ ନେଇ ଏଡାଇ ଦେଇଥିଲେ । ଉକ୍ତ ଘଟଣାରେ ଶ୍ରମ ଆୟୁକ୍ତ ଓ ଜିଲ୍ଲା ପ୍ରଶାସନ ତଦନ୍ତ ପୂର୍ବକ ଦାୟୀ ବ୍ୟକ୍ତି ବିଶେଷଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି ।

## ହଷ୍ଟେଲରୁ ଦଶମ ଶ୍ରେଣୀ ଛାତ୍ର ନିଖୋଜ, ଅପହରଣ ଅଭିଯୋଗ




**ଓଡ଼ାପଡ଼ା : ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ସିମିନଇ ଗ୍ରାମପଞ୍ଚାୟତର ଅଙ୍କରାନ୍ତିପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ମେଧାବୀ ଛାତ୍ରଙ୍କ ସନ୍ଦେହଜନକ ଭାବେ ନିଖୋଜ । ଅପହରଣ କରାଯାଇଥିବା ସନ୍ଦେହ କରି ପରିବାର ପକ୍ଷରୁ ସଦର ଥାନାରେ ଦିଆଯାଇଛି ଲିଖିତ ଅଭିଯୋଗ । ଖବର ଅନୁସାରେ ହିନ୍ଦୋଳ ବ୍ଲକ୍ ବାଲିମି ଥାନା ପଟାଳୋ ଗ୍ରାମର ଲୁଲୁ ମହାପାତ୍ର ଓ ପ୍ରତିଭା ମହାରଣାଙ୍କ ପୁଅ ସୁମିତ୍ ମହାପାତ୍ର ଚାରି ବର୍ଷ ହେବ ଅଙ୍କରାନ୍ତିପୂର ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପାଠପଢି ଆସୁଥିଲେ । ପାଠପଢାରେ ସୁବିଧା ପାଇଁ ସିମିନଇ କଲେଜ ଛକ ନିକଟରେ ଥିବା ଏକ ଘରୋଇ ହଷ୍ଟେଲରେ ରହିବା ସହିତ କୋଚିଙ୍ଗ ନେଉଥିଲେ । ଶନିବାର ସୁମିତ ସ୍କୁଲ ଯାଇନଥିବାରୁ, ପୁଅ ଆଜି ସ୍କୁଲ ଆସିନି ବୋଲି ତାଙ୍କ ପରିବାର ସଦସ୍ୟଙ୍କୁ ଜଣାଇ ଥିଲେ ସ୍କୁଲ କର୍ତ୍ତୃପକ୍ଷ । ପୁଅ କାହିଁକି ଓ କ'ଣ ପାଇଁ ଆଜି ସ୍କୁଲ ଯାଇନି ବୋଲି ହଷ୍ଟେଲ ଇନ୍ ଚାର୍ଜଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ ସନ୍ତୋଷଜନକ ଉତ୍ତର ପାଇନଥିଲେ ସୁମିତଙ୍କ ବାପା ଲୁଲୁ ମହାପାତ୍ର । ପରେ ଖବର ନେବାରୁ ଜାଣିବାକୁ ପାଇଲେ ପୁଅ ଶୁକ୍ରବାର ସକାଳ ପ୍ରାୟ ୧୦ ଘଟିକା ସମୟରୁ ହଷ୍ଟେଲରେ ନାହିଁ । ବନ୍ଧୁ ବାନ୍ଧବଙ୍କ ଠାରୁ ଆରମ୍ଭ କରି ସୁମିତଙ୍କ ସାଙ୍ଗସାଥୀମାନଙ୍କୁ ଯୋଗାଯୋଗ ପରେ ବି କୌଣସି ସନ୍ଧାନ ନ ପାଇବାରୁ, ବାଧ ହୋଇ ସଦର ଥାନାରେ ଏକ ଅପହରଣ ଏତେଲା ଦିଆଯାଇଥିବା ଜଣାପଡିଛି । ସୁମିତ ଜଣେ ଭଲ ପିଲା ଓ ଜଣେ ମେଧାବୀ ଛାତ୍ର ବୋଲି ତାଙ୍କ ସାଙ୍ଗସାଥୀଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସୂଚନା ଦେଇଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ସୁମିତ ଗଲା କୁଆଡେ । କିଏ ଅପହରଣ କରି ନେଇଛି ନା କୌଣସି କାରଣରୁ ନିଜ ଇଚ୍ଛାରେ କୁଆଡେ ପଳାଇଯାଇଛନ୍ତି । ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରରେ ଥିବା ବେଳେ ଶୁକ୍ରବାର ଠାରୁ ଯଦି ସୁମିତ ହଷ୍ଟେଲରେ ନାହାଁନ୍ତି, କାହିଁକି ଏ କଥା ହଷ୍ଟେଲ କର୍ତ୍ତୃପକ୍ଷ ପରିବାରଙ୍କୁ ଜଣାଇ ନ ଥିଲେ । ସଦର ପୋଲିସ ଅଧିକ ତଦନ୍ତ କରି ହଷ୍ଟେଲ ଓ କଲେଜରେ ଛାନ ଭିନ କଲେ ସତ କଥା ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ପିକଅପ ଭ୍ୟାନ ସହ କାଠ ଜବତ, ଡ୍ରାଇଭର ଫେରାର




**କଳିଙ୍ଗନଗର : ଏକ୍ସପ୍ରେସ ନ୍ୟୁଜ୍**

ଅମ୍ପର ଜଳସୁଆନ ଗ୍ରାମ ସୀମାନ୍ତ ଅଞ୍ଚଳରେ ବନ ସୁରକ୍ଷା ଓ ଅବୈଧ କାଠ ଚାଲାଣ ରୋକିବା ପାଇଁ ଏକ ଯୁକ୍ତ ଚଢ଼ାଉ ଅଭିଯାନ ବନ ବିଭାଗ ଓ କେନ୍ଦୁଝର ବନ୍ୟଜନ୍ତୁ ବିଭାଗ ଦ୍ୱାରା ଚାଲିଥିଲା । ପୂର୍ବ ସୂତ୍ର ଅନୁସାରେ, ବିକେଳ ୪ଟା ୩୦ମିନିଟ୍ ସମୟରେ କେନ୍ଦୁଝର ଦିଗରୁ ଆସୁଥିବା ଏକ ଟାଟା ଡିଆଇ ପିକଅପ ଭ୍ୟାନକୁ ଟମକା ରେଞ୍ଜ ଅଧୀନ ଟମକା ସେକ୍ସନ ଓ ଦୁବୁରି ସେକ୍ସନ ଷ୍ଟାଫ ମିଳିତ ଚେକିଂ କଲେ । ଗାଡ଼ି ମଧ୍ୟରେ ଫାସି (ପୁତିଆ) ଓ ଆମ୍ବ କାଠ ମୋଟ ଅନେକ ଟୁକୁଡ଼ ଥିବା ପାଇଁ ଜବତ କରାଯାଇଛି । ଘଟଣା ସମୟରେ ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ବନ ବିଭାଗ ଦଳ ତରଫରୁ ତଦନ୍ତ ଜାରି ରଖିଛନ୍ତି । ଏହି ଅଭିଯାନରେ ଟମକା ରେଞ୍ଜ ଅଧିକାରୀଙ୍କ ନିର୍ଦ୍ଦେଶରେ ବନ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶ ନେଇଥିଲେ । ଜବତ ହୋଇଥିବା କାଠ ଓ ଗାଡ଼ିକୁ ଟମକା ବନ ବିଭାଗ କାର୍ଯ୍ୟାଳୟକୁ ଆଣି ବନ ଅଧିନିୟମ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ସ୍ଥାନୀୟ ସୂତ୍ରମାନଙ୍କ କହିବା ଅନୁସାରେ, ଏହି ସୀମାନ୍ତ ଅଞ୍ଚଳ ଦୀର୍ଘଦିନ ଧରି ଅବୈଧ କାଠ ଚାଲାଣକାରୀମାନଙ୍କ ଗୁପ୍ତ ମାର୍ଗ ଭାବେ ବ୍ୟବହୃତ ହେଉଛି । ବନ ବିଭାଗ ଏପରି କାର୍ଯ୍ୟକଳାପ ଉପରେ ନିୟମିତ ନଜର ରଖିବା ଓ ଅଭିଯାନ ଜାରି ରଖିବା ନିଶ୍ଚୟ କରିଛି ।

## ବାତ୍ୟା 'ମନ୍ଥା'ର ମୁକାବିଲା ଲାଗି ପ୍ରସ୍ତୁତି

**ଶେରଗଡ : ଏକ୍ସପ୍ରେସ ନ୍ୟୁଜ୍**

ବାତ୍ୟା 'ମନ୍ଥା'ର ମୁକାବିଲା ଲାଗି ପ୍ରଶାସନିକ ସ୍ତରରେ ଆରମ୍ଭ ହୋଇଛି ପ୍ରସ୍ତୁତି । ରବିବାର ଆଭିସୀ ମାଧ୍ୟମରେ ଜିଲ୍ଲାପାଳ ଭି.କିର୍ତିଭାସନ ବାତ୍ୟା ମୁକାବିଲାକୁ ନଜରରେ ରଖି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ବାତ୍ୟା ଦ୍ୱାରା ବିଶେଷ ପ୍ରଭାବିତ ହେବା ଆଶଙ୍କା ଥିବା ବ୍ରାହ୍ମଣଛାଇ, ତହଁର, ପିଉଳ, ଡେଙ୍ଗାପଦର ପଞ୍ଚାୟତର ବିଭିନ୍ନ ଗ୍ରାମ ଉପରେ କଡା ନଜର ରଖିବା ଲାଗି ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ବେଳେ ସ୍ଥାନୀୟ ତହସିଲଦାର ବାତ୍ୟା ମୁକାବିଲା ଲାଗି ପ୍ରସ୍ତୁତି ବୈଠକରେ ଉପସ୍ଥିତ ନଥିବା ଦେଖିବାକୁ ମିଳିଥିଲା । ସେହିଭଳି ଜିଲ୍ଲାପାଳ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି । ଏହି ଅବସରରେ ଗ୍ରାମରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯିବ । ବାତ୍ୟା ପ୍ରଭାବରେ ନଦୀର ଜଳସ୍ତର ବୃଦ୍ଧି ପାଇବା ଦ୍ୱାରା ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି । ତେଣୁ ବିଭାଗୀୟ ଅଧିକାରୀମାନେ ପ୍ରଥମେ ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବାତ୍ୟା ପ୍ରଭାବରେ ବିଦ୍ୟୁତ ସେବା ପ୍ରଭାବିତ ହେବା ଆଶଙ୍କା ରହିଛି । ତେଣୁ ସ୍ୱାସ୍ଥ୍ୟ ଅଧିକାରୀମାନେ ନିଜ ନିଜ ମୁଖ୍ୟ ଦପ୍ତରରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ରହିଛି । ଏହା ସମେତ ଯୋଗାଣ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଆବଶ୍ୟକତା ଅନୁସାରେ ଔଷଧ, ଶୁଖିଲା ଖାଦ୍ୟ ମହଜୁଦ ରଖିବା ପାଇଁ ପରାମର୍ଶ ଦେଇଛନ୍ତି । କୌଣସି ସ୍ଥାନରେ ରାସ୍ତା ଉପରେ ଗଛ କିମ୍ବା ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡିଲେ ଯୁଦ୍ଧ କାଳୀନ ଭିତ୍ତିରେ ଗମନାଗମନ ବ୍ୟବସ୍ଥାରେ ସୁଧାର ଆଣିବାକୁ ଅଗ୍ନିଶମ ଓ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ପ୍ରଣୀ ସମ୍ପଦ, କୃଷି ବିଭାଗ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖି ମୁକାବିଲା କରିବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପରିଶେଷରେ ଜିଲ୍ଲାପାଳ ଭି.କିର୍ତିଭାସନ ବନ୍ୟା, ବାତ୍ୟା ମୁକାବିଲା ସମୟରେ କୌଣସି ସରକାରୀ କର୍ମଚାରୀ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରନ୍ତି, ତେବେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।



## ସିମେଣ୍ଟ ଢଳେଇ ଭାଙ୍ଗିଲା ପ୍ରଶାସନ

**ସାକ୍ଷୀଗୋପାଳ : ଏକ୍ସପ୍ରେସ ନ୍ୟୁଜ୍**

ସତ୍ୟବାଦୀ ପ୍ରଶାସନ ଏବେ ଅଁଳା ନବମୀ ଯାତ୍ରା ପାଇଁ ବଡ ଚଳଚଞ୍ଚଳ ହୋଇପଡିଛି । ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ଥାନା ଅଧିକାରୀ ବିଜୟ କେତନ ବେହେରା ଏବେ ଆକ୍ସନ ମୋଡରେ ରହିଛନ୍ତି । ବସଷ୍ଟାଣ୍ଡ ଠାରୁ ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ପ୍ରଥମେ ଛାମୁଣ୍ଡିଆ ହୋଡିଂ ଓ ବିଭିନ୍ନ ଲାଇଟ୍ ଉଠାଇଲା ପରେ ସରକାରୀ ରାସ୍ତା ଉପରେ ଥିବା ପିଣ୍ଡା, ପାହାଚ୍ ସିମେଣ୍ଟ ଢଳେଇ କରି ରାସ୍ତା ଗାଡ଼ି ମଟର ବା ଉଠା ଦୋକାନୀମାନେ ବସୁଥିଲେ । ସେଗୁଡିକ ଏବେ ଜେସିବ ମେସିନ ଲଗାଇ ଭାଙ୍ଗି ଦେବା ସହ ଗୋଡ଼ି ସିମେଣ୍ଟ ଢଳେଇ ଗୋଡି ଗୁଡ଼ିକ ଉଠେଇ ନେଇଛି । ଯାହାକୁ ନେଇ ସତ୍ୟବାଦୀରେ ଏବେ ବେଶ୍ ଆଲୋଚନାର ବିଷୟ ହୋଇପଡିଛି । ବ୍ୟବସାୟୀମାନେ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି । ଯେଉଁପରି ଭାବେ ପ୍ରଶାସନ ଆକ୍ସନ ମୁଡ଼ରେ ରହିଛି କେଉଁ ସମୟରେ କ'ଣ କରୁଛି ତାହା କହିବା କଷ୍ଟକର ହୋଇପଡିଛି । ଅନ୍ୟ ପକ୍ଷରେ ବ୍ୟବସାୟୀମାନେ କହିଛନ୍ତି ଆମେ ଏଥର ଭୋଟ ଦେଇଛୁ ଅଁଳା ନବମୀ ଯାତ୍ରାରେ ଭୋଗିବାକୁ ପଡୁଛି । ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ଥିବା ବହୁ ପୁରାତନ କୋଠା ଏପରିକି ବିପଦପୂର୍ଣ୍ଣ ଘୋଷଣା କରାଯାଇଥିଲା । ତାହା ଏବେ ସତ୍ୟବାଦୀ ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ମାଟିରେ ମିଶାଇ ଦିଆଯାଇଛି ।

## ମୃତ୍ୟୁପରେ ବ୍ରହ୍ମପୁର ବଡ ମେଡିକାଲକୁ ଶରୀର ଦାନ

**ବ୍ରହ୍ମପୁର : ଏକ୍ସପ୍ରେସ ନ୍ୟୁଜ୍**

ବ୍ରହ୍ମପୁର ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ମେଡିକାଲ କଲେଜର ଏନାଟାମି ବିଭାଗକୁ ମୃତ୍ୟୁପରେ ୩୨ତମ ଶରୀର ଦାନ ସୂତ୍ରରେ ମିଳିଛି । ବ୍ରହ୍ମପୁର ସହରର ଶାନ୍ତି ନଗର ନିବାସୀ ୫୦ ବର୍ଷୀୟା ମହିଳା କେ.ଭାଗ୍ୟଲକ୍ଷ୍ମୀ ଶନିବାର ରାତି ପ୍ରାୟ ୧୦ ଘଣ୍ଟା ସମୟରେ ମୃତ୍ୟୁବରଣ କରିଥିଲେ । ତାଙ୍କର ଦୁଇ ଭଉଣୀ କେ.ଭବାନୀ ଭିଲାଇରେ ଓ କେ.ବୀଣା ବେଙ୍ଗାଲୁରରେ ରହୁଛନ୍ତି । ସେମାନଙ୍କ ସହମତିରେ ମାନବବାଦୀ ହେତୁବାଦୀ ସଂଗଠନ, ଗଞ୍ଜାମ ଜିଲ୍ଲା ଶାଖା ଓ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ ବ୍ରହ୍ମପୁରର ସଭ୍ୟଙ୍କ ପ୍ରେରଣାରେ ଭାଗ୍ୟଲକ୍ଷ୍ମୀଙ୍କ ମୃତଶରୀର ଶନିବାର ମଧ୍ୟରାତ୍ରୀରେ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହବିଦ୍ୟାଳୟର ଆନାଟାମି ବିଭାଗର ମୁଖ୍ୟ ପ୍ରଫେସର ଜାମି ସାଗର ପୃଷ୍ଟିଙ୍କୁ ହସ୍ତାନ୍ତର କରିଥିଲେ । ଏହା ମେଡିକାଲର ଛାତ୍ରୀ/ଛାତ୍ରଙ୍କ ପାଠ ପଢା ଓ ଗବେଷଣା ପାଇଁ ନିୟୋଜିତ କରାଯିବ । ପ୍ରତି ବର୍ଷ ପ୍ରଥମ ବର୍ଷର ୧୦ ଜଣ ଛାତ୍ରମାନଙ୍କ ପାଇଁ ଗୋଟିଏ ମୃତ ଶରୀରର ଆବଶ୍ୟକତା ରହିଥିବା ଓ ମାନବବାଦୀ ହେତୁବାଦୀ ସଂଗଠନପରି ଅନ୍ୟାନ୍ୟ ସଂଗଠନର ଏହି କାର୍ଯ୍ୟପାଇଁ ଅବଦାନ ପ୍ରଶଂସନୀୟ ବୋଲି ପ୍ରଫେସର ପୃଷ୍ଟି କହିଥିଲେ । ଏହି କାର୍ଯ୍ୟକ୍ରମରେ ମାନବବାଦୀ ହେତୁବାଦୀ ସଂଗଠନର ସମ୍ପାଦକ କେ.ନନ୍ଦେଶ୍ବୁ ସେନାପତି, ଉପ ସଭାପତି କିଶୋର ଚନ୍ଦ୍ର ମିଶ୍ର,କୋଷାଧ୍ୟକ୍ଷ ସୁନେଜ କୁମାର ପାଣିଗ୍ରାହୀ, ଜମ୍ମୁଲା ସୁରେଶ, ରାଜ୍ୟ ସଂଗଠନର କୋଷାଧ୍ୟକ୍ଷ ଡି.ମୋହନ ରାଓ, କେ.ବାସବା ରାଜୁ, ପ୍ରତାପ ଚନ୍ଦ୍ର ପ୍ରଧାନ ମାନବ ଅଧିକାର ବିକାଶ ମଞ୍ଚର ଅଧ୍ୟକ୍ଷ ଅବନୀ ଗୟା, ଶ୍ୟାମ ସୁନ୍ଦର ଖାଡଙ୍ଗା, ଫ୍ରେଣ୍ଡ ହେଲପିଙ୍ଗ କ୍ଲବର କେ.ନାଗେଶ୍ୱର ରାଓ ଓ ବନ୍ଧୁ ବାନ୍ଧବ କେ.ଶାରଦା ସେନାପତି, ଏସ.ହାରିକା, ଏହି ମହତ କାର୍ଯ୍ୟରେ ଯୋଗଦେଇଥିଲେ ।




## ସମ୍ଭାବ୍ୟ ବାତ୍ୟାକୁ ନେଇ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ

**ଗୁଣପୁର: ଏକ୍ସପ୍ରେସ ନ୍ୟୁଜ୍**



ବଙ୍ଗୋପସାଗରରେ ବଳ ଗୋଟାଉଛି ସାମୁଦ୍ରିକ ଝଡ 'ମନ୍ଥା' । ଆନ୍ଧ୍ରପ୍ରଦେଶ ଉପକୂଳର ମଛଳୀପାଟନାମ–କଳିଙ୍ଗପାଟଣା ମଧ୍ୟବର୍ତ୍ତୀ କାକିନାଡା ନିକଟବର୍ତ୍ତୀ ଅଞ୍ଚଳରେ ସ୍ଥଳଭାଗ ଛୁଇଁବା ନେଇ ଆକଳନ କରାଯାଇଛି । ଏହାର ପ୍ରଭାବରେ ଦକ୍ଷିଣ ଓଡିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ରାୟଗଡା ଜିଲ୍ଲାକୁ ରେଡ ୱାରନଇଂ ଜାରି କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବାତ୍ୟା ମୁକାବିଲା ନିମନ୍ତେ ରାୟଗଡା ଜିଲ୍ଲା ଗୁଣପୁର ଉପଖଣ୍ଡ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଓ ସଜାଗ ରହିଥିବା ନେଇ ଗୁଣପୁର ଉପଜିଲ୍ଲାପାଳ ଅଭିଶେଖ ଦିଲୀପ ଧୂଧାଲ୍ ସୂଚନା ଦେଇଛନ୍ତି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି କେଂଦୁଗୁଡା ବଡ ନାଳ ଓ ହରଭଙ୍ଗୀ ଜଳସେଚନ ପ୍ରକଳ୍ପର ଜଳଭଣ୍ଡାରରୁ ୯୮ ପ୍ରତିଶତରୁ ୮୫ ପ୍ରତିଶତକୁ ଜଳ ନିଷ୍କାସନ କରାଯାଉଛି । ସେହିପରି ବର୍ଷାର ପ୍ରଭାବରେ ଗୁଣପୁର ବଂଶଧାରା ନଦୀରେ ମଧ ଜଳସ୍ତର ବଢିବାର ଆଶଙ୍କା କାରାଯାଇଛି । ତେଣୁ ନଦୀକୂଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଇଛି । ମୁଖତଃ ପାହାଡିଆ ଅଞ୍ଚରେ ଭୁସ୍କଳନ ସମ୍ଭାବନା ରହିଥିବାରୁ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ପାଇଁ ସମସ୍ତ ଲାଇନ ଡିପାର୍ଟମେଣ୍ଟକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉପଜିଲ୍ଲାପାଳ ଅଭିଷେକ ଦିଲ୍ଲିପ କହିଛନ୍ତି । ବାତ୍ୟା ସମୟରେ ଯଦି କାହାର କିଛି ସମସ୍ୟା ଦେଖା ଦେଲେ ଯଥା ଶୀଘ୍ର ଲାଇନ ଡିପାର୍ଟମେଣ୍ଟକୁ ଜଣାଇବାକୁ କୁହାଯାଇଛି । ଏଥିସହ ସାତୋଟି ବ୍ଲକ ଓ ଦୁଇଟି ସହରାଞ୍ଚଳରେ ବରିଷ୍ଠ ଅଧିକାରୀମାନଙ୍କୁ ନୋଡାଲ ଅଫିସର ଭାବରେ ନିୟୋଜିତ କରାଯାଇଛି । ସ୍ଥିତି ଉପରେ ତୀକ୍ଷ୍ମ ନଜର ରଖିବା ପାଇଁ ପ୍ରତି ବ୍ଲକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମର ବ୍ୟବସ୍ଥା କରାଯାଇଛି । ସମସ୍ତ ସମ୍ବେଦନଶୀଳ ଅଞ୍ଚଳରେ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ କରି ରଖାଯାଇଥିବା ଗୁଣପୁର ଉପଜିଲ୍ଲାପାଳ ଅଭିଶେଖ ଦିଲୀପ ଧୂଧାଲ୍ କହୀଛନ୍ତି ସେହିପରି ବାତ୍ୟା ପାଇଁ ୨୮–୨୯ ତାରିଖରେ ଅନୁଷ୍ଠିତ ହେବାକୁଥିବା ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ ସମାବର୍ତ୍ତନ ଉତ୍ସବକୁ ସ୍ଥଗିତ ରଖାଯାଇଛି । ସମାବର୍ତ୍ତନ ଉତ୍ସବ ଡିସେମ୍ବର ମାସକୁ ଘୁଞ୍ଚାଇ ଦିଆଯାଇଛି ବୋଲି ବିଶ୍ୱ ବିଦ୍ୟାଳୟ ରେଜିଷ୍ଟର ଡ଼. ଏନଭିଜେ ରାଓ ପ୍ରକାଶ କରିଛନ୍ତି ।

## ବାଣିଜ୍ୟ

## ଭାରତର ଅର୍ଥନୀତି ୬.୬% ବଢ଼ିବା ନେଇ ଆକଳନ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଅନ୍ତର୍ଜାତୀୟ ମୁଦ୍ରା କୋଷ (ଆଇଏମଏଫ)ର ନୂଆ ବିଶ୍ୱ ଅର୍ଥନୀତି ରିପୋର୍ଟରେ ଭାରତୀୟ ଅର୍ଥନୀତିକୁ ନେଇ ସକାରାତ୍ମକ ଅନୁମାନ କରାଯାଇଛି । ୨୦୨୫-୨୬ରେ ଭାରତର ଅର୍ଥନୀତି ୬.୬ ପ୍ରତିଶତ ବଢ଼ିବ, ଯାହା ବିଶ୍ୱର ସବୁଠାରୁ ଦ୍ରୁତ ବଢୁଥିବା ବଡ଼ ଅର୍ଥନୀତି ହେବ । ଆଇଏମଏଫ କହିଛି, ଭାରତର ପ୍ରଥମ ତ୍ରୟମାସିକର ମଜବୁତ୍ ବୃଦ୍ଧି ଆମେରିକାର ଟାରିଫ ପ୍ରଭାବକୁ ସନ୍ତୁଳନ କରିଛି । ତେଣୁ ଅନୁମାନ ୬.୩ରୁ ବଢ଼ାଇ ୬.୬ ପ୍ରତିଶତ କରାଯାଇଛି । ଚୀନ ୪.୮ ପ୍ରତିଶତ ବଢ଼ିବ ବେଳେ ଭାରତ ଆଗରେ ରହିବ ।

ପ୍ରଥମ ତ୍ରୟମାସିକରେ ଭାରତର ଜିଡିପି ୭.୮ ପ୍ରତିଶତ ବଢ଼ିଥିଲା । ଘରୋଇ ଖର୍ଚ୍ଚ, ଶିଳ୍ପ ଉତ୍ପାଦନ ଓ ଭିତ୍ତିଭୂମି ନିବେଶ କାରଣରୁ ଏହା ସମ୍ଭବ ହୋଇଥିଲା । ତଥାପି ୨୦୨୬ରେ ଅନୁମାନ ୬.୨ ପ୍ରତିଶତକୁ ଖସାଇଛନ୍ତି ଆଇଏମଏଫ । ଘରୋଇ ଚାହିଦା ମଜବୁତ୍ ରହିବ ବୋଲି କୁହାଯାଇଛି । ବିଶ୍ୱ ଅର୍ଥନୀତି ୨୦୨୫ରେ ୩.୨ ଓ ୨୦୨୬ରେ ୩.୧ ପ୍ରତିଶତ ବଢ଼ିବ । ଦରବୃଦ୍ଧିଧୀରେ କମିବ, ମାତ୍ର ଦେଶଭେଦରେ ଭିନ୍ନତା ରହିବ । ବିକଶିତ ଦେଶ ୧.୬ ଓ ବିକାଶୋନମୁଖୀ ଦେଶ ୪.୨ ପ୍ରତିଶତ ବଢ଼ିବେ । ଭାରତ ସବୁଠାରୁ ଆଗରେ ରହିବ । ଆମେରିକା ୧.୯, ବ୍ରାଜିଲ ୨.୪, କାନାଡ଼ା ୧.୨ ଓ ଜାପାନ ୧.୧ ପ୍ରତିଶତ ବଢ଼ିବ । ସ୍ପେନ ୨.୯ ପ୍ରତିଶତ ସହ ବିକଶିତ ଦେଶମାନଙ୍କରେ ଆଗରେ ରହିବ ବୋଲି ଆକଳନ କରାଯାଇଛି ।

## ମେଡିକାଲ କଲେଜରେ ଅଲଟ୍ରା ସାଉଣ୍ଡ ଓ ଏମଆରଆଇ ସୁବିଧା ନାହିଁ

**ଫୁଲବାଣୀ: ଏକ୍ସପ୍ରେସ ନ୍ୟୁଜ୍**




କନ୍ଧମାଳ ବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବ ନିମନ୍ତେ ତତ୍କାଳୀନ ନବୀନ ସରକାର ସମୟରେ ପ୍ରତିଷ୍ଠା କରାଯାଇଥିବା ମେଡିକାଲ କଲେଜକୁ ବର୍ତ୍ତମାନର ରାଜ୍ୟ ସରକାର ନିଜର ବାହାବା ନେବାପାଇଁ ଅତି ତରବରିଆ ଭାବେ ମେଡିକାଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପୂର୍ବରୁ ମେଡିକାଲ କଲେଜର କିଛି ଅଂଶ ରଙ୍ଗ ପରିବର୍ତ୍ତନ କରି ଉଦଘାଟନ କରିଥିବା ବେଳେ ଏବେ ବି ମେଡିକାଲ କଲେଜର ଫାଟକ ବନ୍ଦ ରହିଛି । ମେଡିକାଲ କଲେଜ ଭିତରକୁ ସାଧାରଣ ଜନତାଙ୍କ କଥା ଦୂରେ ଥାଉ ଏପରିକି କୌଣସି ଗଣମାଧ୍ୟମ ପ୍ରତିନିଧି ତଥା ପ୍ରିଣ୍ଟ ମିଡ଼ିଆ ସାମ୍ବାଦିକମାନଙ୍କୁ ମଧ ମେଡିକାଲ କଲେଜ ଭିତରକୁ ମନା । ହେଲେ ମେଡିକାଲ କଲେଜର ତରବରିଆ ଉଦଘାଟନ ସରକାଙ୍କ କେଉଁ ସ୍ୱାର୍ଥ ଓ କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନ ଉଠିବାରେ ଲାଗିଛି । ମେଡିକାଲ କଲେଜ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଥିଲେ ମଧ ବର୍ତ୍ତମାନ ସୁଧା ଚିକିତ୍ସା ଉପଯୋଗୀ ହୋଇପାରିନ ଥିବା ଯୋଗୁଁ ମେଡିକାଲ କଲେଜର ଚିକିତ୍ସା ଚାଲିଛି ଫୁଲବାଣୀ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାରେ, ହେଲେ ଚିକିତ୍ସା ପ୍ରଣାଳୀ ଅତି ଦୟନୀୟ ଅବସ୍ଥାରେ ରହିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଦୈନନ୍ଦିନ ଉତ୍ତମ ଚିକିତ୍ସା ବିଭିନ୍ନ ଦୂର ଦୁରାନ୍ତରୁ ବହୁ ଆଶାରେ ଆସି ଥାନ୍ତି ହେଲେ ଫୁଲବାଣୀ ମୁଖ୍ୟ ଡାକ୍ତରଖାନାରେ ଥିବା ଅଲଟ୍ରା ସାଉଣ୍ଡ ମେସିନ ଅଚଳ ଥିବା ଯୋଗୁଁ ଶତାଧିକ ରୋଗୀ ଅଲଟ୍ରା ସାଉଣ୍ଡ ପାଇଁ ସୁଦୁର ଭଞ୍ଜ ନଗର, ବ୍ରହ୍ମପୁର, ଭୁବନେଶ୍ୱର, ଏମ୍ସ ହସ୍ପିଟାଲ ଓ ଘରୋଇ କ୍ଲିନିକକୁ ଯାଇ ଅଧିକ ମାତ୍ରାରେ ଖର୍ଚ୍ଚାନ୍ତ ହେବାକୁ ପଡୁଥୀବା ଦେଖିବାକୁ ମିଳୁଛି, କନ୍ଧମାଳ ମେଡିକାଲ କଲେଜ ହେଉ ବା ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଏଭଳି ଅବ୍ୟବସ୍ଥା ଦେଖି ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ତୀବ୍ରତର ସୃଷ୍ଟି ହେଉଥିବା ବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ଅଛନ୍ତି ମେଡିକାଲ କଲେଜ ଅଧକ୍ଷ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କନ୍ଧମାଳ, ଏହାର ତୀବ୍ର ପ୍ରତିଭବାଦ କରି କନ୍ଧମାଳ ପିପୁଲସ ଫରମର ସଭାପତି ରାଧାମୋହନ ମହାପାତ୍ର, ଭଏସ ଅଫ ମିଡ଼ିଆର ସଭାପତି ଶିବାନନ୍ଦ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ଜିଲ୍ଲା ପ୍ରେସ କ୍ଲବର ସଭାପତି ସୁନୀଲ କୁମାର ପଟ୍ଟନାୟକ, କ୍ଷିପ୍ର ନ୍ୟାୟିକ ମଞ୍ଚର ପ୍ରତିଷ୍ଠାତା ସଭ୍ୟ ମହମଦ ଜିଔଦ୍ଦିନ ଅହମଦ ଓ ଆଇନ ପରାମର୍ଶଦାତା ସୌମେନ୍ଦ୍ର କୁମାର ସାହୁ ଜାଗ୍ରତ କନ୍ଧମାଳର ପ୍ରତିଷ୍ଠାତା ତଥା ବରିଷ୍ଠ ଆଇନଜୀବୀ, ସମାଜସେବୀ ସତ୍ୟନାରାୟଣ ବେହେରା କ୍ଷୋଭ ପ୍ରକାଶ କରିଛନ୍ତି । ବରିଷ୍ଠ ଆଇନଜୀବି ବିଜୟ କୃଷ୍ଣ ପଟ୍ଟନାୟକ ଗତ ପାଞ୍ଚ ବର୍ଷ ହେଲା ସିଡିଏମଓଙ୍କ ପାଖରେ ଦାବି କରି ଆସୁଛନ୍ତି । ମେଡିକାଲର ଏଭଳି ଅବ୍ୟବସ୍ଥା ଉପରେ ମଧ ଲୋକ ପ୍ରତିନିଧିଯଥା ସାଂସଦ, ବିଧାୟକମାନେ ମଧ ଉତ୍ତମ ଭାବେ ଅବଗତ ଅଛନ୍ତି । ହେଲେ ସେମାନଙ୍କର ଦୂର ଦୃଷ୍ଟିର ଅଭାବ ସହିତ ଜିଲ୍ଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାରେ ଆନ୍ତରିକତାର ଅଭାବ ଥିବା ଯୋଗୁଁ କାର୍ଯ୍ୟାନୁଷ୍ଠାନ ଜିରୋ । ଅତୀତରେ ମନ୍ତ୍ରୀ ସାଂସଦ ଅଲଟ୍ରା ସାଉଣ୍ଡ, ଇସିଜି ଓ ୱାସିଙ୍ଗ ମେସିନ ପ୍ରଦାନ କରିଥିଲେ । ଗୋଡ଼ ହାତ ଭାଙ୍ଗି ଥିଲେ ଡାକ୍ତର ଖାନାରେ କେବଳ ଚିକିତ୍ସା କରାଯାଇ ବାହାରକୁ ରେଫର କରାଯାଉଛି । ଗର୍ଭବତୀ, ଗ୍ୟାଷ୍ଟ୍ରାଇଟ ରୋଗୀଙ୍କୁ ମଧ ରେଫର କରାଯାଉଛି । ତେବେ ତୁରନ୍ତ ଅଲଟ୍ରା ସାଉଣ୍ଡ ଓ ଏମଆରଆଇ ମେସିନ ଯୋଗାଇଦେବାକୁ ସ୍ୱାସ୍ଥ୍ୟ ବିଭାଗର ରାଜ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ସାଧାରଣରେ ଦାବି କରାଯାଇଛି ।

## ସିନେମାଫିନେମା ଟିଭିଫିବି

## ବେଲୁଚିସ୍ତାନକୁ ପାକିସ୍ତାନରୁ ଏକ ପୃଥକ ଦେଶ: ସଲମାନ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ବଲିଉଡ ଅଭିନେତା ସଲମାନ ଖାନ ନିକଟରେ ସାଉଦି ଆରବରେ ଏକ ଶୋ' ସମୟରେ ବେଲୁଚିସ୍ତାନକୁ ପାକିସ୍ତାନରୁ ଏକ ପୃଥକ ଦେଶ ଭାବରେ ବର୍ଣ୍ଣନା କରିଥିଲେ । ଯାହା ପଡୋଶୀ ଦେଶକୁ କ୍ରୋଧିତ କରିଛି । ଶାହବାଜ ସରକାର ସଲମାନ ଖାନଙ୍କୁ ଆତଙ୍କବାଦୀ ଘୋଷଣା କରିଥିବା ନେଇ ପାକିସ୍ତାନ ଗୃହ ମନ୍ତ୍ରଣାଳୟ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି ।



ପାକିସ୍ତାନର ଗୃହ ମନ୍ତ୍ରଣାଳୟ ସଲମାନ ଖାନଙ୍କୁ ଚତୁର୍ଥ ସୂଚୀରେ ରଖିଛି, ଅର୍ଥାତ୍ ତାଙ୍କୁ ଆତଙ୍କବାଦୀ ଘୋଷଣା କରାଯାଇଛି । ଏହି ତାଲିକା ଆତଙ୍କବାଦ ବିରୋଧୀ ଆଇନ ଅଧୀନରେ ଆସେ ଏବଂ ଏଥିରେ ଥିବା ବ୍ୟକ୍ତିଙ୍କ ଉପରେ ପାକିସ୍ତାନରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ । ଏ ସମ୍ପର୍କରେ ଏକ ସରକାରୀ ବିଜ୍ଞପ୍ତି ଜାରି କରାଯାଇଛି । ତଥାପି, ସଲମାନ ଖାନ କିମ୍ବା ତାଙ୍କ ପ୍ରତିନିଧିମାନଙ୍କ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିନାହିଁ ।

ତେବେ ସାଉଦି ଆରବରେ ଜୟ ଫୋରମ୍ ୨୦୨୫ରେ ବଲିଉଡ୍ ଅଭିନେତା ସଲମାନ ଖାନଙ୍କ ଭାଷଣର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଭିଡିଓରେ ସେ କହିଛନ୍ତି, 'ଏମାନେ ବେଲୁଚିସ୍ତାନର ଲୋକ, ଆଫଗାନିସ୍ତାନର ଲୋକ, ପାକିସ୍ତାନର ଲୋକ, ସମସ୍ତେ ସାଉଦି ଆରବରେ କଠିନ ପରିଶ୍ରମ କରୁଛନ୍ତି ।' ଏହି ବିବୃତ୍ତିରେ ସେ ପାକିସ୍ତାନଠାରୁ ପୃଥକ ଭାବରେ ବେଲୁଚିସ୍ତାନର ଉଲ୍ଲେଖ କରିଛନ୍ତି । ସଲମାନଙ୍କ ଏହି ବୟାନ ପାକିସ୍ତାନରେ ଅସନ୍ତୋଷ ସୃଷ୍ଟି କରିଛି, ଯେତେବେଳେ ବେଲୁଚିସ୍ତାନ ବିଚ୍ଛିନ୍ନତାବାଦୀ ନେତାମାନେ ଖୁସି ହୋଇ ତାଙ୍କୁ ଧନ୍ୟବାଦ ଦେଉଛନ୍ତି । ସଲମାନ ଜାଣିଶୁଣି ବାଲୁଚିସ୍ତାନକୁ ପାକିସ୍ତାନଠାରୁ ପୃଥକ କରିଥିଲେ କି ଅଜାଣତରେ ତାହା ସ୍ପଷ୍ଟ ହୋଇନାହିଁ । ବେଲୁଚିସ୍ତାନର ସ୍ୱାଧୀନତା ଦାବି କରୁଥିବା ନେତା ମୀର ୟାର ବାଲୁଚ୍ କହିଛନ୍ତି, 'ଭାରତୀୟ ଫିଲ୍ମ ଷ୍ଟାର ସଲମାନ ଖାନଙ୍କ ସାଉଦି ଆରବରେ ବେଲୁଚିସ୍ତାନର ଉଲ୍ଲେଖ ୬୦ ନିୟୁତ ବେଲୁଚ୍ ନାଗରିକଙ୍କ ମନରେ ଆନନ୍ଦ ଆଣି ଦେଇଛି ।'

ତେବେ ବେଲୁଚିସ୍ତାନରେ ବିଦ୍ରୋହର ମୁଖ୍ୟ କାରଣ ହେଉଛି ପାକିସ୍ତାନ ସରକାରଙ୍କ ଦ୍ୱାରା ଏହାର ଜନସଂଖ୍ୟା ପ୍ରତି ଭେଦଭାବ । ଏହି ପ୍ରଦେଶ ଖଣିଜ ସମ୍ପଦରେ ସମୃଦ୍ଧ, କିନ୍ତୁ ଆର୍ଥିକ ଦୃଷ୍ଟିରୁ ଏହା ପାକିସ୍ତାନର ସବୁଠାରୁ ପଛୁଆ ରାଜ୍ୟ । ପାକିସ୍ତାନ ବେଲୁଚିସ୍ତାନର ଗ୍ୱାଦର ବନ୍ଦରକୁ ଚୀନକୁ ହସ୍ତାନ୍ତର କରିଥିଲା, କିନ୍ତୁ ଏହି ପ୍ରକଳ୍ପ ବେଲୁଚିସ୍ତାନର ଲୋକମାନଙ୍କୁ କୌଣସି ଲାଭ ଦେଇନାହିଁ । ଏହି କାରଣରୁ ଏଠାରେ ଚୀନ୍ ପ୍ରକଳ୍ପ ବିରୋଧରେ ବାରମ୍ବାର ବିରୋଧ ପ୍ରଦର୍ଶନ ହେଉଛି । ଏଠାରେ ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର ନିର୍ମାଣ କାର୍ଯ୍ୟ ଚାଲିଛି, ଯେଉଁଠାରେ ପ୍ରାୟତଃ ଆକ୍ରମଣ ଘଟୁଛି । ଏହା ବ୍ୟତୀତ, ପାକିସ୍ତାନରେ ବାଲୁଚ୍ ବଂଶୋଦ୍ଭବ ଲୋକମାନେ ଭେଦଭାବର ସମ୍ମୁଖୀନ ହୁଅନ୍ତି, ମୁଖ୍ୟତଃ ପଞ୍ଜାବ ଅଞ୍ଚଳର ମୁସଲମାନମାନଙ୍କଠାରୁ । ପାକିସ୍ତାନୀ ସେନାରେ ମଧ୍ୟ ବାଲୁଚ୍ମାନଙ୍କୁ ଉଚ୍ଚ ପଦବୀରେ ନିଯୁକ୍ତ କରାଯାଏ ନାହିଁ, ଯାହା ଅସନ୍ତୋଷକୁ ଆହୁରି ବଢ଼ାଇଥାଏ ।

## ଆଜିର ରାଶିଫଳ

| ତାରିଖ<br>୨୭.୧୦.୨୦୨୫ | ସୋମବାର– ପଞ୍ଚମୀ<br>ନକ୍ଷତ୍ର– ମୂଳା, ଧନୁଚନ୍ଦ୍ର |
|---|---|



| | | |
|---|---|---|
| ମେଷ | : | ନୂତନ ଖବର ପ୍ରାପ୍ତି । |
| ବୃଷ | : | ଶରୀରପୀଡା । |
| ମିଥୁନ | : | ସୁଖର ଦିନ । |
| କର୍କଟ | : | ଦ୍ରବ୍ୟ ଲାଭ । |
| ସିଂହ | : | ବିଦ୍ୟା ଲାଭ । |
| କନ୍ୟା | : | ବ୍ୟବସାୟିକ କ୍ଷତି । |
| ତୁଳା | : | ଧନଦ୍ରବ୍ୟପ୍ରାପ୍ତି । |
| ବିଛା | : | ଅଘଟଣ । |
| ଧନୁ | : | ମିଷ୍ଟାନ୍ନ ପ୍ରାପ୍ତି । |
| ମକର | : | ଆୟୋ ଅପକ୍ଷା ବ୍ୟୟ ବୃଦ୍ଧି । |
| କୁମ୍ଭ | : | ଶାନ୍ତିପ୍ରଦ । |
| ମୀନ | : | ବନ୍ଧୁ ସାହାଯ୍ୟ । |

# ୧୫୦ରୁ ଅଧିକ ଗାଈ ଉଦ୍ଧାର, ୨ ଗୋରୁ ଗାଡି ଜବତ

**୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲାରେ ବେଆଇନ ଗୋଚାଲାଣ ବନ୍ଦ ହେଉନାହିଁ। ପୁଲିସ ବି ବିଶେଷ ସତର୍କ ଦୃଷ୍ଟି ଦେଉନାହିଁ। କେବଳ ଗୋ ସେବକମାନଙ୍କ ଅହରହ ପ୍ରୟାସ ଯୋଗୁ ଅନେକ ସମୟରେ ବେଆଇନ ଗୋଚାଲାଣ ଗୋରୁଗାଡି ଜବତ ହେଉଛି ଏବଂ ଗୋରୁମାନଙ୍କୁ ଉଦ୍ଧାର କରାଯାଇପାରୁଛି।

ସୂଚ୍ନା ଅନୁଯାୟୀ ପାଣିକୋଇଲିରୁ ଆସୁଥିଲା ବେଆଇନ ଗୋରୁ ବୋଝେଇ ଦୁଇଟି ବଡ ଟ୍ରକ। ଏହି ଦୁଇ ଟ୍ରକରେ ୧୫୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର କରିଛନ୍ତି ଗୋ ସୁରକ୍ଷା କର୍ମୀ। ଭଦ୍ରକ ଧାମନଗର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିଷ୍ଣୁପୁର ଛକ ନିକଟରେ ଗୋ ସେବକ ତଥା ଗୋ ସୁରକ୍ଷା କର୍ମୀମାନେ ରାତି ୨ଟା ୩୦ ସମୟରେ ୨ଟି ଟ୍ରକକୁ ଅଟକାଇଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ଧାମନଗର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଉଦ୍ଧାର ଗୋରୁଙ୍କୁ ପୁଲିସର ଉପସ୍ଥିତିରେ



ଗୋ ସୁରକ୍ଷା କର୍ମୀଙ୍କ ସହଯୋଗରେ ଏହି ଦୁଇ ଟ୍ରକ ସହ ଗୋରୁଙ୍କୁ ନେଇ ବାଲେଶ୍ୱର ଜିଲ୍ଲା ମଇତାପୁରରେ ଗୋଶାଳାକୁ ନିଆଯାଇଥିଲା।

ଏଣେ କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ପୁଣି ଗୋ ଚାଲାଣକାରୀମାନେ ସକ୍ରିୟ ହୋଇ ଉଠିଛନ୍ତି। ବାରମ୍ବାର ଗୋରୁ ଗାଡି ଧରପଗଡ ପାଇଁ ଏହି ବେଆଇନ ଗୋ ଚାଲାଣ ବନ୍ଦ ରହିଥିଲା। ମାତ୍ର କିଛି ଦିନର ବିରତି ପରେ ପୁଣି ଗୋ ମାଫିଆ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଛି। ଜୟପୁର ସଦର ଥାନାଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥର ଏୟାରପୋର୍ଟ ଛକ ନିକଟରୁ ଗୋଟିଏ ଟ୍ରକ ନବରଙ୍ଗପୁରରୁ ଭଦ୍ରାଞ୍ଚଳମ ଗୋ ଚାଲାଣ ହେଉଥିଲା। ଜୟପୁର ହିନ୍ଦୁ ସମାଜର କର୍ମକର୍ତ୍ତାମାନେ ଗୋଚାଲଣ ହେଉଥିବା ଖବର ପାଇବା ପରେ ବୋରିଗୁମ୍ମା ଠାରୁ ଜୟପୁର ସଦରଥାନା ପର୍ଯ୍ୟନ୍ତ ବିଭିନ୍ନ ଛକ ମାନଙ୍କରେ ଗାଡିକୁ ଅନୁଧାନ କରୁଥିଲେ। ଗାଡି ଜୟପୁର ସଦର ଥାନା ଅଞ୍ଚଳରେ ପହଞ୍ଚିବା ପରେ ହିନ୍ଦୁ ସମାଜ କର୍ମକର୍ତ୍ତାମାନେ ସଦର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୋରୁ ଗାଡିକୁ ଜବତ କରିଥିଲେ। ଏବଂ ଗାଡିକୁ ସଦରଥାନାକୁ ଆଣିବା ପରେ ଡ୍ରାଇଭର ଓ ହେଲପରକୁ ଥାନାରେ ଅଟକ ରଖିଥିଲେ।

## ନୂଆପଡାରେ ପୋଲିସ ମହାନିର୍ଦ୍ଦେଶକ



**ନୂଆପଡା ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ଉପ ନିର୍ବାଚ୍ନ ପରିପେକ୍ଷୀରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଗସ୍ତ କରି ସମୀକ୍ଷା ବୈଠକରେ ଯୋଗଦାନ କରି ନିର୍ବାଚ୍ନକୁ ମୁକ୍ତ ଏବଂ ଅବାଧ କରିବା ନେଇ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଥିବା ବେଳେ ଆବଶ୍ୟକ ପରିମାଣରେ ସୁରକ୍ଷା ବାହିନୀ ରହିଛନ୍ତି। ଛତିଶଗଡ ଓ ଓଡ଼ିଶା ସୀମାକୁ ସିଲ କରିଥିବ ପ୍ରକାଶ କରିଛନ୍ତି। ସେହିପରି ମାଓ ଦମନ ଅପରେସନ ସ୍ଥିତି ସମୀକ୍ଷା କରିଥିବା ବେଳେ ମାଓ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଗସ୍ତ ବେଳେ ନୂଆପଡ଼ା ଏସପି ଅମୃତ ପାଲ ସିଂ, ପୋଲିସ ଉଚ୍ଚସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ଛାତ୍ରଛାତ୍ରୀଙ୍କ ପାଇଁ ବିପଦର କାରଣ ପାଲଟିଛି ୧୧ କେଭି ବିଦ୍ୟୁତ୍ ତାର

**ଖଣ୍ଡପଡା ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ଅଧିନ ରଯତି ଢୋଲମରା ଗ୍ରାମସ୍ଥିତ ବାପୁଜୀ ବିଦ୍ୟାପୀଠର କ୍ୟାମ୍ପସ ୧ ଉପର ଦେଇ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ଯାଇଥିବା ଜଣାପଡିଛି। ସାମାନ୍ୟ ବର୍ଷା କିମ୍ବା ପବନ ବୋହିଲେ ବିଦ୍ୟାଳୟ ଉପର ଦେଇ ଯାଇଥିବା ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ଛାତ୍ରଛାତ୍ରୀମାନଙ୍କ ପାଇଁ ବିପଦର କାରଣ ପାଲଟୁଛି। ତେବେ ବିପଦର କାରଣ ପାଲଟିଥିବା ଏହି ୧୧ କେଭି ବିଦ୍ୟୁତ ତାରକୁ ବିଦ୍ୟାଳୟ ଉପରୁ ହଟାଇ ଦେବା ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ଥାନୀୟ ପ୍ରଶାସନ ଓ ବିଦ୍ୟୁତ ବିତରଣ କମ୍ପାନୀ କର୍ତ୍ତୃପକ୍ଷ (ଟିପିସିଓଡିଏଲ)ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି



ଜଣାପଡିଛି। ଆଜିକୁ କିଛି ବର୍ଷ ତଳେ ବିଦ୍ୟୁତ ବିତରଣ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ବିଦ୍ୟୁତ ଖୁଣ୍ଟ ପୋତା ଯାଇ ୧୧ କେଭି ବିଦ୍ୟୁତ୍ ତାର ବିଦ୍ୟାଳୟ ଉପର ଦେଇ ଟଣା ଯାଇଥିବା ସ୍ଥାନୀୟ ଗ୍ରାମବାସୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି। ତେବେ ବିଦ୍ୟାଳୟ ଉପର ଦେଇ ଟଣା ଯାଇଥିବା ବିଦ୍ୟୁତ ତାର ଅନେକ ସ୍ଥାନରେ ଯୋଡା ହୋଇଥିବାରୁ ପ୍ରତି ମୁହୂର୍ତ୍ତରେ ବିଦ୍ୟୁତ ତାର ଛିଣ୍ଡି ପଡି ଅଘଟଣ/ଦୁର୍ଘଟଣା ଘଟିବାର ଆଶଙ୍କା ପ୍ରକାଶ ପାଇଛି। ଫଳରେ ସଦାସର୍ବଦା ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଭୟରେ ଦିନ କାଟୁଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଏ ସଂପର୍କରେ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ଖଣ୍ଡପଡ଼ାସ୍ଥିତ ବିଦ୍ୟୁତ ବିତରଣ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନିକଟ ଭବିଷ୍ୟତରେ ଉକ୍ତ ବିଦ୍ୟୁତ ତାର ଯୋଗୁଁ ଯଦି କିଛି ଅଘଟଣ ଘଟେ ସେଥିପ୍ରତି ବିଦ୍ୟୁତ ବିତରଣ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନ ଦାୟୀ ରହିବେ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି। ତେଣୁ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଉକ୍ତ ବିଦ୍ୟାଳୟ ପରିସରରୁ ବିଦ୍ୟୁତ ଖୁଣ୍ଟ ଓ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାରକୁ ତୁରନ୍ତ ଅନ୍ୟତ୍ର ହଟାଇବାକୁ ରୟତି ଢୋଲମରା ଗ୍ରାମବାସୀ ଦାବି କରିଛନ୍ତି।

## ସୁକିନ୍ଦା ଓ ଦାନଗଦିରେ ଆଳୁ ଚାଷ ଯୋଜନା ଆରମ୍ଭ

**କଳିଙ୍ଗନଗର ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ଚଳିତ ବର୍ଷରେ ପ୍ରାୟ ୫୦ ହଜାରରୁ ଅଧିକ ଏକର ଚାଷ ଜମିରେ ଆଳୁ ଚାଷ କରିବାକୁ ବ୍ୟାପକ ଯୋଜନା ନେଇଛି। ଓଡିଶାକୁ ଆଳୁ ଉତ୍ପାଦନରେ ଆତ୍ମନିର୍ଭର କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ସେହି ପରିପ୍ରେକ୍ଷିତିରେ ଯାଜପୁରଜିଲ୍ଲାର ସୁକିନ୍ଦାଓ ଦାନଗଦି ଅଞ୍ଚଳରେ ମଧ୍ୟ ଏହି ଯୋଜନା ଅଧୀନରେ ଚାଷୀମାନଙ୍କୁ ଆଗୁଆ ଆଳୁ ବିହନ ଯୋଗାଇ ଦିଆଯାଉଛି। ସ୍ଥାନୀୟ କୃଷି ଅଧିକାରୀଙ୍କ ଅନୁସାରେ, ସୁକିନ୍ଦା ବ୍ଲକରେ ପ୍ରାୟ ୪୫୦ ଏକର ଜମିରେ ଆଳୁ ଚାଷ ପାଇଁ ଯୋଜନା ହୋଇଛି, ଯାହା ପାଇଁ ୨୭୦୦ କୁଇଣ୍ଟାଲ ଆଳୁ ବିହନ ଆବଶ୍ୟକ ହେବ। ଦାନଗଦି ବ୍ଲକରେ ୩୫୦ ଏକର ଜମିରେ ଚାଷ ଯୋଜନା ରହିଛି, ଯାହା ପାଇଁ ପ୍ରାୟ ୨୧୦୦ କୁଇଣ୍ଟାଲ ବିହନ ବ୍ୟବସ୍ଥା କରାଯାଇଛି। କୃଷି ବିଭାଗ ପକ୍ଷରୁ ନଭେମ୍ବର ପ୍ରଥମ ସପ୍ତାହରୁ ଏହି ବିହନ ଯୋଗାଣ ଆରମ୍ଭ ହେବ। ବ୍ଲକ ଅନୁଯାୟୀ ଚାଷୀମାନେ ଆବେଦନ କରିଲେ ସମୟୋପଯୁକ୍ତ ଭାବେ ବିହନ ମିଳିବ। ସେଥିସହ ୬୦୦୦ ହେକ୍ଟର ଜମିରେ ପିଆଜ, ୧୦୦୦ ହେକ୍ଟର ଜମିରେ ଲଙ୍କା ଓ ୩୦୦ ହେକ୍ଟର ଜମିରେ ରସୁଣ ଚାଷ ଯୋଜନା ମଧ୍ୟ ଚାଲିଛି। ସୁକିନ୍ଦା ଅଞ୍ଚଳରେ ପ୍ରାୟ ୭୫ ହେକ୍ଟର ଜମିରେ ପିଆଜ ଚାଷ ଓ ୨୦ ହେକ୍ଟରରେ ଲଙ୍କା ଚାଷ ପାଇଁ ଆବଶ୍ୟକ ବିହନ ବିତରଣ ପ୍ରସ୍ତୁତି ହୋଇଛି। କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଅନୁରୋଧ ହେଉଛି, ବିହନ ଯୋଗାଣ ଓ ତଥ୍ୟ ସମସ୍ୟା ହେଲେ ଟୋଲ ଫ୍ରି ନମ୍ବର ୧୫୫୩୩୩ କିମ୍ବା ନିକଟସ୍ଥ ଉଦ୍ୟାନ କୃଷି ଅଧିକାରୀ ସହିତ ଯୋଗାଯୋଗ କରିବାକୁ। ଏହି ଯୋଜନା ଫଳରେ ସୁକିନ୍ଦା ଓ ଦାନଗଦି ଅଞ୍ଚଳର ଚାଷୀମାନେ ଆଗାମୀ ଦିନରେ ଆଳୁ ଓ ପିଆଜ ଉତ୍ପାଦନରେ ଆତ୍ମନିର୍ଭର ହେବାର ଆଶା ବ୍ୟକ୍ତ କରିଛନ୍ତି।

## ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଆମେ ପ୍ରସ୍ତୁତ: ଜିଲ୍ଲାପାଳ

**ମାଲକାନଗିରି ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ବଙ୍ଗୋପ ସାଗରରେ ସୃଷ୍ଟି ଲଘୁଚାପ ଯୋଗୁଁ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ମୁକାବିଲା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସୂଚନା ଦେଉଛନ୍ତି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ। ୨୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ସଜାଗ ରହିଛି। ବାତ୍ୟା ୨୮ ତାରିଖରେ ସ୍ଥଳ ଭାଗ ଛୁଇଁବା ସମ୍ଭାବନା ଥିବାରୁ ଜିଲ୍ଲାର ସମସ୍ତ ବ୍ଲକ୍ ଓ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ବିଭିନ୍ନ ବିଭାଗ ପରିଚାଳନା ଦାୟିତ୍ୱ ଦିଆଯାଇଛି। ୨୭ ତାରିଖକୁ ଅରେଞ୍ଜ ଏବଂ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳୀକୁ ପ୍ରସ୍ତୁତ ରଖାଯିବା ସହ ଅତ୍ୟାବଶ୍ୟକ ଜିନିଷ ମହଜୁଦ ରହିଥିବା ଜିଲ୍ଲାପାଳ କହିଛନ୍ତି। ଏଥିସହ ଓଡରାଫ୍ ଟିମ୍ ମଧ୍ୟ ପ୍ରସ୍ତୁତ ରହିବା ସହ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ସଡକ ସୁରକ୍ଷା ସପ୍ତାହ ପାଳନ ପାଇଁ ପ୍ରସ୍ତୁତି



**ଫୁଲବାଣୀ ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ, କନ୍ଧମାଳ ବେଦଭୂଷଣଙ୍କ ସଭାପତିତ୍ୱରେ ସଡକ ସୁରକ୍ଷା କମିଟି ବୈଠକ ଆୟୋଜିତ ହୋଇଯାଇଅଛି। ଜିଲ୍ଲାପାଳ ସଡକ ସୁରକ୍ଷା ଆକ୍ସନ ପ୍ଲାନ ଉପରେ ଆଲୋଚ୍ନା କରିବା ସହିତ ଦୁର୍ଘଟଣା ପ୍ରବଣ ଜାଗାକୁ ଚିହ୍ନଟ କରି ନିୟମିତ ସେହି ସ୍ଥାନରେ ହେଲମେଟ ଚେକ କରିବା ପାଇଁ ପରାମର୍ଶ କରିଥିଲେ ଏବଂ ଦୁର୍ଘଟଣାର ତୁରନ୍ତ ପରେ ପୀଡିତଙ୍କୁ ହସ୍ପିଟାଲ ନେଇଥିବା ୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ମିଲି ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଏହି ବୈଠକରେ ଉପଜିଲ୍ଲାପାଳ ବାଲିଗୁଡା ସୁଶ୍ରୀ ପ୍ରଣିତା ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଶମ୍ଭୁନାଥ ନନ୍ଦୀ, ଡିସିଓ, ଡିଆଇପିଆରଓ ତଥା ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଗଦାଧର ପାତ୍ର ଓ ବିଭାଗୀୟ ଅଧିକାରୀଙ୍କ ସମେତ ସମ୍ପାଦକ, ବେସରକାରୀ ବସ ମାଲିକ ସଂଘ ଅକ୍ଷୟ କୁମାର ପଟ୍ଟନାୟକ, ଟ୍ରକ ମାଲିକ ସଂଘର ସଦସ୍ୟ ପ୍ରଶାନ୍ତ କୁମାର ମହାନ୍ତି ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

**ବିବାଦୀୟ ଜମିକୁ ନେଇ ହାଇକୋର୍ଟଙ୍କ ଛାଟ**

## ଜବରଦଖଲ ଜମିରେ ମାପ ଆରମ୍ଭ

**ଅସ୍ତରଙ୍ଗ ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

କାକଟପୁର ବ୍ଲକ ଅଧିନସ୍ଥ କଣ୍ଟାପଡା ଗ୍ରାମପଞ୍ଚାୟତର ଗମ୍ଭାରିପଦା ଗ୍ରାମବାସୀ ଜଳନ୍ଧର ନାୟକ, ଅରକ୍ଷିତ କାଣ୍ଡି, ଅଭୟ ଖୁଣ୍ଟିଆ ଙ୍କ ଅଭିଯୋଗକୁ ଆଧାର କରି କାକଟପୁର ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକଙ୍କ ଜବରଦଖଲ ଜମି ଉପରେ ଉଚ୍ଚନ୍ୟାୟାଳୟ କଟକଙ୍କ ନିର୍ଦ୍ଦେଶନାମା ଡବ୍ଲୁପିସି ୩୬୯୭/୨୨.୧୧.୨୦୨୪ ଆଦେଶ ତାରିଖ ୨୪.୨.୨୦୨୫ ମୁତାବକ ମାନନୀୟ ପ୍ରଶାସିକା ତଥା ତହସିଲଦାର



କାକଟପୁରଙ୍କ ଚିଠି ସଂଖ୍ୟା ୩୫୧୬ ତାରିଖ ୧୦.୧୦.୨୦୨୫ ମୁତାବକ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ସମେତ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ସରକାରୀ ଅମିନଙ୍କ ଦ୍ୱାରା ମାପ କରାଯାଇଛି। ମାପରେ ଶ୍ରୀଧର ନାୟକଙ୍କ ଜବରଦଖଲ ଜାଗା ଖରିଗାଡ଼ିଆ କେନାଲ ବ୍ରିଜ ଠାରୁ କାଳୀ ମଣ୍ଡପ ବ୍ରିଜ ଯାଏଁ ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ମାପ ହୋଇ କେତେକ ପ୍ରତିବନ୍ଧକ ଯୋଗୁଁ ମାପ ଅମୀମାଂଶିତ ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ମାପକୁ ସ୍ୱୟଂ ସମ୍ପୂର୍ଣ୍ଣ କରାଯିବବୋଲି ଉପସ୍ଥିତ ସରକାରୀ କର୍ମଚ଼ରୀମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ଘଟଣାକୁ ନେଇ ସାଧାରଣରେ ଚ଼ପା ଉତ୍ତେଜନା ଲାଗିରହିଛି।

## ଛାତ୍ରୀକୁ ବଳାତ୍କାର ଉଦ୍ୟମ ଘଟଣା: ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ୍

**କଣାସ ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା କଣାସ ବ୍ଲକ ଗଡିଶାଗୋଦା ଥାନା ପରିସର ଭୁକ୍ତ ଗୋଟିଏ ଗ୍ରାମର ଅଷ୍ଟମ ଶ୍ରେଣୀ ୧୪ବର୍ଷୀୟ ଛାତ୍ରୀ ଗତ ୧୭ତାରିଖ ଦିନ ପ୍ରତିଦିନ ପରି ବିଦ୍ୟାଳୟ ଛୁଟିପରେ ଘରକୁ ଫେରୁଥିବା ବେଳେ ୩ଜଣ ଯୁବକ ମଟରସାଇକେଲ୍‌ରେ ଆସି ତା'ଆଗରେ ଛିଡା ହୋଇ ଅଟକାଇବା ପରେ ଛାତ୍ରଛାତ୍ରୀ ଜଣଙ୍କ ଡରିଯାଇ ସାଇକେଲ୍‌ରୁ ଓଲାଇ ପଡିଥିଲା। ଛାତ୍ରୀ ଜଣଙ୍କ ଭୟବିତ ଅବସ୍ଥାରେ ଥରୁ ଥିବା ସମୟରେ ଯୁବକମାନେ ତାର ସାଇକେଲ୍ ଓ ସ୍କୁଲ୍ ବ୍ୟାଗକୁ ରାସ୍ତାକଡକୁ ଫୋପଇଡିଦେଇ ନାବାଳିକା ଛାତ୍ରୀକୁ ଟଣାଓଟରା କରି ମଟରସାଇକେଲ୍‌ରେ ବସାଇନେବାକୁ ଉଦ୍ୟମ କରୁଥିବା ବେଳେ ଛାତ୍ରୀଜଣଙ୍କ ଚିତ୍କାର କରିବାରୁ ଆଖପାଖରେ ଥିବା ଲୋକମାନେ ଦୌଡି ଆସିବାରୁ ଯୁବକମାନେ ମଟରସାଇକେଲ୍ ଛାଡି ପଳାଇଯାଇଥିଲେ। ଛାତ୍ରୀଜଣଙ୍କ ଘରକୁ ଖବର ଦେବାପରେ ତାର ପରିବାର ଲୋକ ଆସି ଗଡିଶାଗୋଦା ଥାନାରେ ଟଣାଓଟରା କରୁଥିବା ଯୁବକ ପନାକ୍ଷୀରି ଗ୍ରାମର ରାଜେଶ ସ୍ୱାଇଁ, ଜୟପାଟଣା ଗ୍ରାମର ଦୀପକ ମାଝି ଓ କଳାମାଟି ଗ୍ରାମର କୁନା ମହାପାତ୍ରଙ୍କ ନାମରେ ଗଡିଶାଗୋଦା ଥାନାରେ ଗତ ୧୭ତାରିଖ ଦିନ ଏତେଲା ଦେଇଥିଲେ। ରାଜନୈତିକ ଚ଼ପ ପକାଇ ଘଟଣାଟିକୁ ସାମାଧାନ କରିଦେବା ପାଇଁ ଉଦ୍ୟମ ଜାରି ରହିଥିଲା। ଗଡିଶାଗୋଦା ଥାନା ଆଇଆଇସି ସୁଧିର ଦାସଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଏକ କେସ୍‌ରେ ୫ରୁ ୬ଦିନ ହେଲା ବାହାରକୁ ଯାଇଥିଲି, ଆସିବାପରେ ଘଟଣା ସଂପର୍କରେ ଜାଣି ଗଡିଶାଗୋଦା ଥାନାରେ ଏକ ମକଦ୍ଦମା କରାଯାଇ ଆସାମୀମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ଆସାମୀମାନେ ଗ୍ରାମରୁ ଫେରାର ହୋଇଯାଇଛି। ନାବାଳିକା ଛାତ୍ରୀର ଟଣାଓଟରାରେ ସାଟ୍‌ଟି ଚିରିଯାଇଥିବାରୁ ପୋଲିସ୍ ସାଟ୍‌ଟିକୁ ଜବତ କରିଛି।

## ନାଟକ 'କର୍ଣ୍ଣ ଖୋଜୁଛି ତା'ନିଜ ଠିକଣା' ମଞ୍ଚସ୍ଥ

**କଣାସ ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ବ୍ଲକ ଦିବ୍ୟସିଂହପୁର ଗ୍ରାମପଞ୍ଚାୟତର ଦିବ୍ୟସିଂହପୁର ଗ୍ରାମରେ ଶନିବାର ନାଟକ 'କର୍ଣ୍ଣ ଖୋଜୁଛି ତା'ନିଜ ଠିକଣା' ମଞ୍ଚସ୍ଥ ହୋଇଯାଇଛି । ନାଟକର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ମନମୋହନ ମହାପାତ୍ର, ପଣ୍ଡିତ ନୃସିଂହ ପଣ୍ଡା, ଡଃ କୃପାସିନ୍ଧୁ ପଣ୍ଡା, ଶିଶୁ ସାହିତିକ ବିଜୟ କୁମାର



ସାହୁ, ଶିକ୍ଷକ ସୁକାନ୍ତ ସାହୁ, ଶିକ୍ଷାବିତ୍ ମନୋଜ ପଣ୍ଡା, ପ୍ରଫୁଲ ପ୍ରଧାନ ଅତିଥି ଭାବେ ଯୋଗଦେଇ ନାଟକଟିକୁ ଉଦ୍‌ଘାଟନ କରିବା ସହିତ ଐତିହ ଓ ସଂସ୍କୃତି ବଜାୟ ରଖିବାରେ ଯୁବକମାନଙ୍କ ଭୂମିକାକୁ ଭୁରି ଭୁରି ପ୍ରଶଂସା କରିଥିଲେ।

## ସମ୍ଭାବ୍ୟ ବାତ୍ୟା 'ମନ୍ଥା'କୁ ନେଇ ଆତଙ୍କିତ ନଇକୂଳିଆବାସୀ

**ଶେରଗଡ ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ବାତ୍ୟା 'ମନ୍ଥା'କୁ ନେଇ ଆତଙ୍କିତ ଶେରଗଡ ବ୍ଲକର ନଇକୂଳିଆ ବାସୀ। ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ପ୍ରସ୍ତୁତ ହୋଇଥିବା ଆଶ୍ରୟସ୍ଥଳୀ ସବୁ ଲୋକଙ୍କୁ କେତେ ସୁରକ୍ଷା ଯୋଗାଇ ପାରିବ। ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଲାଣି। ଶେରଗଡ ବ୍ଲକରେ ୭ଟି ବାତ୍ୟା ଆଶ୍ରୟ ସ୍ଥଳୀ ରହିଥିବା ବେଳେ ତନ୍ମଧ୍ୟରୁ ଗୋଟିଏ ନିର୍ମାଣ ଚାଲିଛି। ସବୁଠି ଶୌଚାଳୟ, ପାନୀୟ ଜଳର ସୁବିଧା, ବିଜୁଳି, ଜେନେରେଟର, ଆସବାବପତ୍ର ଆଦି କେତେ ପ୍ରସ୍ତୁତ ଅଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଭାରତୀୟ ପାଣିପାଗ ବିଭାଗ ଆଉଏମଡି ଅନୁସାରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମରେ ଗତି କରିବା ସହ ଗଭୀର ଅବପାତର ରୂପ ନେବ। ଏହାର ପ୍ରଭାବରେ ପବନ ସାଙ୍ଗକୁ ପ୍ରବଳ ବର୍ଷା ହେବ। ଏହି ଖବର ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି। ବାତ୍ୟାକୁ ଲୋକଙ୍କ ଯେତିକି ଭୟ, ଅକ୍ଟୋବର ମାସକୁ ତା'ଠାରୁ ଅଧିକ ଭୟ। କାରଣ ବିଗତ କିଛି ବର୍ଷ ହେଲା ଅକ୍ଟୋବର ମାସରେ ବାତ୍ୟା ଆସିବା ସହିତ ଲୋକଙ୍କ ବ୍ୟାପକ ଧନଜୀବନ ହାନି କରି ଆସୁଛି। ବାତ୍ୟା ମୁକାବିଲା ଲାଗି ଶେରଗଡ ବ୍ଲକରେ ୬ଟି ଆଶ୍ରୟସ୍ଥଳୀ ପ୍ରସ୍ତୁତ ରହିଛି। ନଇକୂଳିଆ ପଞ୍ଚାୟତ ବ୍ରାହ୍ମଣଛାଇ ଓ ତହଁରରେ ୨ଟି ଲେଖାଏଁ ରହିଥିବା ବେଳେ ପିଉଳ ପଞ୍ଚାୟତର ସନ୍ତୋଷପୁର ଓ ଅଲାରିଗଡ ପଞ୍ଚାୟତର ଲକ୍ଷ୍ମୀପୁରରେ ଗୋଟିଏ ଲେଖାଏଁ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରହିଥିବା ବେଳେ ଡେଙ୍ଗାପଦର ପଞ୍ଚାୟତରେ ବାକିଲିକଣାରେ ଗୋଟିଏ ଆଶ୍ରୟସ୍ଥଳୀ ନିର୍ମାଣାଧୀନ ଅବସ୍ଥାରେ ରହିଛି। ପ୍ରସ୍ତୁତ ରହିଥିବା ୬ ଆଶ୍ରୟସ୍ଥଳୀକୁ ବ୍ଲକର ଅଧିକାରୀମାନେ ବୁଲି ଆନୁଷଙ୍ଗିକ ସୁବିଧା ବିଷୟରେ ପରଖିଥିଲେ। ଏନେଇ ବ୍ଲକ ପ୍ରତିନିଧି ଦଳ ପ୍ରକାଶ କରିଛନ୍ତି ଯେ, ଗୋଟିଏ ଆଶ୍ରୟସ୍ଥଳୀକୁ ଛାଡିଦେଲେ ଅନ୍ୟ ସମସ୍ତ ଆଶ୍ରୟସ୍ଥଳୀରେ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁବିଧା ରହିଛି ଏବଂ ଆବଶ୍ୟକ ପଡିଲେ ଯୁଦ୍ଧ କାଳୀନ ଭିତ୍ତିରେ ସମସ୍ତ ସୁବିଧା କରାଯିବ ବୋଲି ପ୍ରକାଶ କରିଥିଲେ। ପ୍ରକାଶ ଥାଉକି, ଅକ୍ଟୋବର ୨୯, ୧୯୯୯ ମହାବାତ୍ୟା ଗଞ୍ଜାମ ଜିଲ୍ଲାରେ ତାଣ୍ଡବ ରଚିଥିଲା। ଯାହା ଫଳରେ ନଦୀର ପାଣି ଗାଁ ଭିତରକୁ ପଶିଥିଲା, ଲୋକମାନେ ବାସହରା ହୋଇ ନାହିଁନଥିବା ଅସୁବିଧା ଭୋଗିଥିଲେ। ଏହାଛଡା ୨୦୧୩ରେ ଫାଇଲିନ, ୨୦୧୬ରେ ତିତଲିରେ ଲୋକମାନଙ୍କ ନାହିଁନଥିବା ଅସୁବିଧା ହେବା ସହ ନଇକୂଳିଆ ବାସିନ୍ଦା ନାନା ଅସୁବିଧାର ସମ୍ମୁଖୀନ ହୋଇ ଜଳବନ୍ଦୀ ଅବସ୍ଥା ଭୋଗିଥିଲେ, ଯାହା ସମଗ୍ର ଅଞ୍ଚଳର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା। ବାତ୍ୟା କଥା ଶୁଣିଲେ ଶେରଗଡ ବ୍ଲକର ବ୍ରାହ୍ମଣଛାଇ, ତହଁର, ପିଉଳ, ଡେଙ୍ଗାପଦର ପଞ୍ଚାୟତର ସମସ୍ତ ଗାଁର ଲୋକଙ୍କ ମନରୁ ଭୋକଶୋଷ ପଳେଇବା ସହ ଆଖିରୁ ନିଦ ହଜିଯାଏ। ଲୋକମାନେ ଗାଈ, ଗୋରୁ, ଛୁଆପିଲାଙ୍କୁ ଧରି ଘରଛାଡି ଅନ୍ୟତ୍ର ସୁବିଧା ସ୍ଥାନକୁ ଚାଲିଯାଆନ୍ତି। ଏଭଳି ବିପର୍ଯ୍ୟୟରେ ଚାଷଜମି ସହିତ ପନିପରିବା ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୁଏ ଏବଂ ରାସ୍ତାଘାଟ କଥା ନକହିବା ଭଲ। ତେବେ ଏହି ଅକ୍ଟୋବର ମାସରେ ଅଧିକ ପ୍ରାକୃତିକ ବିପର୍ଯ୍ୟୟ ଆଶଙ୍କା କରି ସମସ୍ତେ ଅଧିକ ଭୟଭୀତ ଅଛନ୍ତି।

## ସରକାରୀ ଜମିରେ ଦେଶୀ ମଦ ଭାଟି ସ୍ଥାନାନ୍ତର ପାଇଁ ଦାବି

**ଦେବଗଡ ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ ପାଇଁ ପ୍ରୟାସ ଜାରି ରହିଥିବାବେଳେ ଦେବଗଡ଼ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଜିଲ୍ଲା ପ୍ରଶାସନ, ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଓ ଲାଭଖୋର ମନବୃତି ଯୋଗୁଁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସରକାରୀ ଜଙ୍ଗଲ କିସମ ଜାଗାରେ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟି ପରିଚାଳିତ ହେଉଥିବା ଭଳି ଘଟଣା ଦେଖିବାକୁ ମିଳିଛି ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ସିଂଶାଲ ଆରଆଇ ମୌଜା ଅନ୍ତର୍ଗତ ଚଟିଆପାଲି ଗ୍ରାମରେ ଥିବା ଘଣ୍ଟିପୋଷି ଦେଶୀ ମଦ ଭାଟି ବୋଲି ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି ସିଂଶାଲ ଓ ଚଟିଆପାଲି ଗ୍ରାମବାସୀ। ଅଭିଯୋଗନୁସାରେ ଘଣ୍ଟିପୋଷି ସରକାରୀ ମଦ ଭାଟି ବ୍ରାହ୍ମଣୀ ନଦୀ ପାର୍ଶ୍ୱରେ ଥିବା ଜମିର ଦୁଇଟି ପ୍ଲଟରେ ସ୍ଥାପିତ ହୋଇଅଛି ଯଥାକ୍ରମେ ୧୦୨ ଓ ୧୦୩ ନମ୍ବର



ପ୍ଲଟ ଗୋଟିଏ ଜଙ୍ଗଲ ଜମି କିସମ ସରକାରୀ ଖାତା ସଂଖ୍ୟା ୩୫ ଅନ୍ୟ ପ୍ଲଟଟି ଖାତା ସଂଖ୍ୟା ୨୪ ଓ ପ୍ଲଟ ସଂଖ୍ୟା ୧୦୩ ବେସରକାରୀ ଜାଗାରେ ରହିଛି ଅବକାରୀ ବିଭାଗ ଜାଣିଶୁଣି ଉକ୍ତ ବେସରକାରୀ ଜାଗାରେ ପରିଚାଳିତ ହେଉଛି ବୋଲି ନଥିପତ୍ରରେ ଦର୍ଶାଇ ତ୍ରୁଟି ପୂର୍ଣ୍ଣାଭାବେ ସରକାରୀ ଜମିରେ ମଦ ଭାଟି ପରିଚାଳନକୁ ଅନୁମତି ଦେଇଛି। ସୂଚ୍ନା ଯୋଗ୍ୟ ଯେ ଉକ୍ତ ବେସରକାରୀ ଜାଗାଟି ସ୍ୱର୍ଗତ ସ୍ୱପ୍ନେଶ୍ୱର ବୁଢାଙ୍କ ନାମରେ ରହିଥିବାବେଳେ ତାଙ୍କର କେହି ଦାବିଦାର କି ଉତ୍ତରାଧିକାରୀ ନାହାନ୍ତି ବୋଲି କୁହାଯାଉଛି। ଉକ୍ତ ଜମିର ଦୁଇଟି ପ୍ଲଟ ମଧ୍ୟରୁ ସରକାରୀ ପ୍ଲଟରେ ମଦ ପ୍ରସ୍ତୁତ ପାଇଁ ଉଦ୍ଧିଷ୍ଟ ଚୁଲ୍ହା ଠାରୁ ଆରମ୍ଭ କରି ବ୍ୟବସାୟ ଚଳାଉଥିବା ଅଭିଯୋଗ ହେଉଛି। ଅବକାରୀ ବିଭାଗର ଜ୍ଞାତସାରରେ ସରକାରୀ ଜମିରେ ବ୍ୟବସାୟକୁ ଅଣଦେଖା କରି ମୃତ ବ୍ୟକ୍ତିର ଜାଲ ଦସ୍ତଖତ କରି ମିଥ୍ୟା ଚୁକ୍ତିନାମା, ସତ୍ୟପାଠ ଓ ଓଡିଶା ଅବକାରୀ ନିୟମକୁ ଜଳାଞ୍ଜଳି ଦେଇ ଅହେତୁକ ଅନୁକମ୍ପା ପ୍ରଦାନ କରି ଲାଇସେନ୍ସ ଦେଇଥିବା କୁହାଯାଉଛି। ଏଥିସହିତ ଉକ୍ତ ଅଂଚଳରେ ଧାନ ଅମଳ ସମୟରେ ହାତୀ ପଲ ଆସି ଡେରା ପକାଇଥାନ୍ତି ରାତ୍ରି ସମୟରେ ହାତୀ ପଲ ଦେଶୀ ମଦ ଭାଟିର ନିଆଁର ଉତ୍ସ ଦେଖି ହାତୀପଲ ଭ୍ରମିତ ହୋଇ ଗ୍ରାମରେ ପ୍ରବେଶ କରି ଧନ ଜୀବନ ନଷ୍ଟ କରୁଛନ୍ତି। ଜିଲ୍ଲା ପ୍ରଶାସନ, ଅବକାରୀ ବିଭାଗ ଓ ବନଖଣ୍ଡ ଅଧିକାରୀଙ୍କ ଠାରେ ଅଭିଯୋଗ କଲେ ମଧ୍ୟ ନୀରବତା ଅବଲମ୍ବନ କରୁଛନ୍ତି। ଉକ୍ତ ଦେଶୀ ମଦ ଭାଟିର ଅବସ୍ଥିତିକୁ ଉଚ୍ଚସ୍ତରୀୟ ତଦନ୍ତ କରି ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହେଉଛି। ଅନୁସନ୍ଧାନରୁ ଜଣାପଡିଛି ଯେ ଗତ ଦୁଇ ବର୍ଷ ତଳେ ଉକ୍ତ ମଦ ଭାଟିର ମାଲିକାନା ପରିବର୍ତ୍ତନ ପାଇଁ ଆବେଦନ କରାଯାଇଥିଲା ସେତେବେଳେ ଅବକାରୀ ବିଭାଗ ପକ୍ଷରୁ ମଦଭାଟିର ଅବସ୍ଥିତି ସମ୍ପର୍କରେ ବାରକୋଟ ତହସିଲଦାରଙ୍କୁ ତଥ୍ୟ ମଗାଯାଇଥିଲା ତହସିଲଦାରଙ୍କ ତଥ୍ୟ ଆଧାରେ ଆଉ ମାଲିକାନା ପରିବର୍ତ୍ତନ ହୋଇ ପାରି ନଥିଲା ବୋଲି କୁହାଯାଉଛି ବାସ୍ତବରେ ଜଦି ଉକ୍ତ ମଦ ଭାଟି ସରକାରୀ ଜମିରେ ପରିଚାଳିତ ହେଉଅଛି ତୁରନ୍ତ ସ୍ଥାନାନ୍ତର କରିବାକୁ ଦାବି ହେଉଛି।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୭ ଅକ୍ଟୋବର ୨୦୨୫ ସୋମବାର ପୃଷ୍ଠା ୫






# ସୁସ୍ଥ ରହୁ ହୃଦୟ

ଶରୀରର କ୍ଷୁଦ୍ର ଅଙ୍ଗ ହୃଦୟ କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ହୃଦୟ ଧକ୍ ଧକ୍ କରିବା ବନ୍ଦ କରିଦେଲେ ଜୀବନ ସରିଲା । ତେଣୁ ହୃଦୟକୁ ସୁସ୍ଥ ରଖିବା ପାଇଁ ସବୁବେଳେ ନୂଆ ନୂଆ ଉଦ୍ଭାବନ ଚାଲିଛି । ସଠିକ୍ ଯାଞ୍ଚ ଓ ସଫଳ ଚିକିତ୍ସାର ନୂଆ ନୂଆ ଜ୍ଞାନକୌଶଳ ଉଦ୍ଭାବିତ ହେଉଛି । ହୃଦ୍‌ରୋଗରୁ ରକ୍ଷା ପାଇବା କିପରି ସମ୍ଭବ ଏବଂ ଯେଉଁମାନେ ହୃଦ୍‌ରୋଗରେ ପୀଡ଼ିତ ସେମାନଙ୍କ ଚିକିତ୍ସା ଓ ଜୀବନ କିପରି ସହଜ ହେବ ସେଥିପାଇଁ ସାଧାରଣ ଲୋକଙ୍କୁ ସଚେତନ କରିବା ବର୍ତ୍ତମାନର ଆବଶ୍ୟକତା । ସୁସ୍ଥ ହୃଦୟ ପାଇଁ ସବୁଠାରୁ ଜରୁରୀ ହୃଦୟକୁ ଶକ୍ତିଶାଳୀ କରିବା । ପ୍ରଥମେ ନିଜ ହୃଦୟକୁ ଶକ୍ତିଶାଳୀ କରନ୍ତୁ ଏବଂ ଏହା କେମିତି କରିପାରିଛନ୍ତି ଏହା ଅନ୍ୟମାନଙ୍କୁ ଜଣାନ୍ତୁ । କାରଣ ଛୋଟ ଛୋଟ ପରିବର୍ତ୍ତନ ହିଁ ବଡ଼ ପରିବର୍ତ୍ତନ ଆଣେ । ପରିସଂଖ୍ୟାନ ଅନୁଯାୟୀ ଦେଶରେ ହୃଦ୍‌ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି, ଏହା ପ୍ରାୟ ୬କୋଟିରେ ପହଞ୍ଚିଲାଣି । ତେବେ ଏ ମଧ୍ୟରେ ଆଶ୍ୱାସନାର ବିଷୟ ଲୋକେ ହୃଦ୍‌ରୋଗ ପ୍ରତି ସଚେତନ ହେଲେଣି ଓ ଜୀବନଶୈଳୀ ପରିବର୍ତ୍ତନ ଆଣି ହୃଦୟକୁ ମଜଭୁତ କରିବା ଦିଗରେ ଯତ୍ନବାନ ହେଲେଣି । ଏଥିସହ ଟେକ୍ନୋଲୋଜିରେ ଅଗ୍ରଗତି ଯୋଗୁଁ ଯାଞ୍ଚ ଓ ଚିକିତ୍ସା ଆଗ ତୁଳନାରେ ଉନ୍ନତ ହେଲାଣି । ଖାଦ୍ୟ ପାନୀୟରେ ମଧ୍ୟ ପୁରୁଣା ଚିନ୍ତାଧାରାରେ ପରିବର୍ତ୍ତନ ହେଲାଣି ।







## ଫ୍ୟାଟ୍ ଠାରୁ ବିପଜ୍ଜନକ କାର୍ବୋହାଇଡ୍ରେଟ୍

ପୂର୍ବେ ବିଶ୍ୱାସ କରାଯାଉଥିଲା ଖାଦ୍ୟରେ ଫ୍ୟାଟ୍ କମ୍ ରହିଲେ ହୃଦୟ ସୁସ୍ଥ ରହିବ । କିନ୍ତୁ ନୂତନ ଅଧ୍ୟୟନରୁ ଜଣାପଡ଼ିଛି କାର୍ବୋହାଇଡ୍ରେଟ୍ ଅଧିକ କ୍ଷତିକାରକ । ହେଲ୍‌ଦି ଫ୍ୟାଟ୍ ସୀମିତ ମାତ୍ରାରେ ଖିଆଯାଇପାରିବ । ମାତ୍ର ଟ୍ରାନ୍ସଫ୍ୟାଟ୍ ଓ କାର୍ବୋହାଇଡ୍ରେଟ୍ ମଧ୍ୟ କମ୍ କରିନେବା ଉଚିତ୍ । ଅଧ୍ୟୟନରୁ ଏ କଥା ମଧ୍ୟ ଜଣାପଡ଼ିଛି ଏକଦମ୍ କମ୍ ଫ୍ୟାଟ୍ ଖାଉଥିବା ଲୋକମାନେ ଦୀର୍ଘଜୀବୀ ନୁହଁନ୍ତି । ତେଣୁ ଖରାପ ଫ୍ୟାଟ୍ ଅର୍ଥାତ୍ ସାଚୁରେଟେଡ୍ ଓ ଟ୍ରାନ୍ସ ଫ୍ୟାଟ୍‌କୁ ବର୍ଜନ କଲେ ସୁଦ୍ଧା ହେଲ୍‌ଦି ଫ୍ୟାଟ୍ ସୀମିତ ପରିମାଣରେ ଖାଦ୍ୟରେ ସାମିଲ କରିବା ଆବଶ୍ୟକ । ଭଲ ଫ୍ୟାଟ୍ ମଧ୍ୟରେ ସୋରିଷ ତେଲ ଭଲ । ଘଣା ସୋରିଷ ତେଲ ସବୁଠାରୁ ଭଲ । ଏଥିସହ ଦୈନିକ ୧-୨ ଛୋଟ ଚାମଚ ଦେଶୀ ଘିଅର ବ୍ୟବହାର ମଧ୍ୟ ଲାଭଜନକ । କିନ୍ତୁ ଦେଶୀ ଘିଅର ପରିମାଣ ଏହାଠାରୁ ଅଧିକ ହେବା ବିପଜ୍ଜନକ । ଘିଅକୁ ସିଧାସଳଖ ତରକାରି କିମ୍ବା ରୁଟିରେ ପକାଇ ଖାଇବା ଭଲ । ଅଲିଭ୍ ଅଏଲ୍, ଅଣ ପ୍ରକ୍ରିୟାକୃତ ସୂର୍ଯ୍ୟମୁଖୀ ତେଲ, ମକା ତେଲ ଆଦି ମଧ୍ୟ ବ୍ୟବହାର କରିବେ ।

ସବୁ ତେଲରେ ପ୍ରତ୍ୟେକଟି ଉପାଦାନ ନଥାଏ, ତେଣୁ ନିୟମିତ ଭାବରେ ଉପରୋକ୍ତ ସବୁ ତେଲ ଖାଦ୍ୟରେ ବ୍ୟବହାର କରିବା ଉଚିତ୍ । ଖାଦ୍ୟକୁ ରିଫାଇନ୍ କଲେ ଏହାର ଅନେକ ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ ଏବଂ ଖାଦ୍ୟ କେତେ କ୍ଷେତ୍ରରେ ଅଶୁଦ୍ଧ ମଧ୍ୟ ହୋଇଯାଏ । ତେଣୁ ରିଫାଇନ୍‌ଡ ଖାଦ୍ୟଠାରୁ ଦୂରେଇ ରହିବା ଉଚିତ୍ । ଯେମିତି ଗହମରୁ ପ୍ରସ୍ତୁତ ଦଲିଆ ଓ ଅଟା ଭଲ ମାତ୍ର ଗହମରୁ ରିଫାଇନ୍ ହୋଇ ପ୍ରସ୍ତୁତ ହେଉଥିବା ମଇଦା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଅରୁଆ ଚାଉଳ ଠାରୁ ଉଷୁନା ଏବଂ ନାଲି ଚାଉଳ ଭଲ । ରିଫାଇନ୍‌ଡ ଚିନି ଅପେକ୍ଷା ବ୍ରାଉନ୍ ଚିନି ଭଲ । ଗୁଡ ତ ଆହୁରି ଭଲ । ତେବେ ମିଠା କମ୍ ଖାଇବା ଫଳ । ପ୍ରୋସେସ୍‌ଡ ଓ ପ୍ରିଜର୍ଭଡ ଅର୍ଥାତ୍ ଡବା ଓ ପ୍ୟାକେଟ୍ ବନ୍ଦ ସଂରକ୍ଷିତ ଖାଦ୍ୟ ସ୍ୱାସ୍ଥ୍ୟ ବିଶେଷ କରି ହୃଦୟ ପାଇଁ ହାନିକାରକ । 'ରେଡି ଟୁ ଇଟ୍' ବା 'ସେମି କୁକ୍‌ଡ ଫୁଡ୍' ଖାଦ୍ୟ ମଧ୍ୟ ହୃଦୟ ପାଇଁ କ୍ଷତିକାରକ ।




## କେଉଁଥିରେ କ'ଣ ଅଛି

- ଘିଅ, ଲହୁଣୀ, ଛେନା, ନଡ଼ିଆ ତେଲ, ଲାଲ ମାଂସ ଆଦିରେ ସାଚୁରେଟେଡ୍ ଫ୍ୟାଟ୍ ଥାଏ । ଏହା ଧମନୀରେ ବସିଯାଏ କିମ୍ବା ଜମା କରାଯାଏ ଏହା ହୃଦୟର ରକ୍ତବାହୀ ନଳୀଗୁଡ଼ିକରେ ମଧ୍ୟ ବସିଯାଏ ।
- ଧଳା ଚିନି, ଧଳା ଚାଉଳ, ମଇଦା ଆଦିରେ ରିଫାଇନ୍‌ଡ କାର୍ବୋହାଇଡ୍ରେଟ୍ ଥାଏ । ସବୁ ପ୍ରକାର ମିଠା, ଫାଷ୍ଟ ଫୁଡ୍, ଆଇସ୍କ୍ରିମ୍, ବେକରୀ ପ୍ରଡକ୍ଟ, ନୁଡୁଲ୍‌ସ, ବର୍ଗର, ପିଜ୍ଜା ଆଦି ଏହି ଶ୍ରେଣୀରେ ଆସନ୍ତି ।
- ବାରମ୍ବାର ଗରମ ହେଉଥିବା ତେଲ ଓ ବନସ୍ପତି ଘିଅ ଟ୍ରାନ୍ସଫ୍ୟାଟ୍ ଶ୍ରେଣୀରେ ଆସେ । ଚିପ୍ସ, ନମକିନ୍, ରେଷ୍ଟୁରାଣ୍ଟଠାରୁ ଆରମ୍ଭ କରି ଷ୍ଟ୍ରିଟ୍ ଫୁଡ୍ ପର୍ଯ୍ୟନ୍ତ ଏହି ଶ୍ରେଣୀରେ ଆସେ ।

## ହୃଦୟ ପାଇଁ ଖାଦ୍ୟ

- ହୃଦ୍‌ରୋଗର ସବୁଠାରୁ ବଡ଼ କାରଣ ଉଚ୍ଚ ରକ୍ତଚାପ, ମଧୁମେହ, କୋଲେଷ୍ଟ୍ରୋଲ୍ ଇତ୍ୟାଦି । ତେଣୁ ଏହାକୁ ବଢ଼ାଉଥିବା ସାମଗ୍ରୀ ଯଥା- ଚିନି ଓ ଲୁଣର ବ୍ୟବହାର କମ୍‌ରୁ କମ୍ ହେବା ଦରକାର । ସର ଥିବା ଦୁଗ୍ଧକୁ ଏଡାଇବା ଭଲ, କାରଣ ଏହା ଶରୀରରେ ମେଦ ବଢ଼ାଏ । ଲାଲ ମାଂସ ହୃଦୟ ପାଇଁ ବିପଜ୍ଜନକ ହେବା ସହ କ୍ୟାନ୍‌ସରର କାରଣ ମଧ୍ୟ ହୋଇଥାଏ । ଅଧିକ କାର୍ବୋହାଇଡ୍ରେଟ୍ ଯୁକ୍ତ ଖାଦ୍ୟ ଯଥା- ସାଗୁ, ଆଳୁ ଓ କନ୍ଦମୂଳ ଆଦି କମ୍ ଖାଇବା ଉଚିତ୍ ।
- ଫାଷ୍ଟଫୁଡ୍ ଓ ଜଙ୍କ ଫୁଡ୍ ସହ ବଜାରରେ ମିଳୁଥିବା ଖାଦ୍ୟ ମଧ୍ୟ ନଖାଇବା ଭଲ । କାରଣ ଅଧିକ ଲାଭ ପାଇଁ ଖରାପ ମାନର ତେଲ ଓ ଘିଅ ବ୍ୟବହାର କରାଯାଏ ଏସବୁଥିରେ । ପୁନଶ୍ଚ ପୋଡ଼ା ତେଲରେ ହିଁ ସେସବୁ ପ୍ରସ୍ତୁତ ହୁଏ ।
- ସବୁଠାରୁ କ୍ଷତିକାରକ ତମାଖୁ । ଯେକୌଣସି ରୂପରେ ତମାଖୁ ସେବନ ହୃଦ୍‌ରୋଗ ସହ ଆଜ୍‌ମା ଓ କ୍ୟାନ୍‌ସରର କାରଣ ହୋଇଥାଏ ।
- ତା'ହେଲେ ଖାଇବେ କ'ଣ? ଯାହାସବୁ ଘରେ ତିଆରି ହୁଏ ଓ ଭଲ ତେଲରେ କରାଯାଏ ସେସବୁ କିଛି ଖାଇପାରିବେ । ଏପରି କି ଘରେ ଛଣାଛଣି ମଧ୍ୟ ମଝିରେ ମଝିରେ ସୀମିତ ପରିମାଣରେ ଖାଇପାରିବେ ।

ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ଲାଭଜନକ ସତେଜ ଫଳ ଓ ପନିପରିବା । ଏଥିସହ ଡ୍ରାଇଫ୍ରୁଟ୍‌ସ୍, ବାଦାମ ଜାତୀୟ ଖାଦ୍ୟ ଯଥା- ବାଦାମ, ଅଖରୋଟ୍, ପେସ୍ତା, କାଜୁ ଆଦି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଲାଭଜନକ । ଫ୍ୟାଟ୍ ନଥିବା କ୍ଷୀର, ସେଥିରୁ ପ୍ରସ୍ତୁତ ଦହି ଓ ଘୋଳ ଦହି ଆଦି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଲାଭଜନକ । କେବେ କେବେ ଘର ତିଆରି ଲହୁଣୀ ମଧ୍ୟ ଖାଇହେବ । ଏଥିସହ ଗ୍ରୀନ୍ ଓ ବ୍ଲାକ୍ ଟି' ମଧ୍ୟ ନିୟମିତ ପିଇପାରିବେ କାରଣ ଏହାକୋଲେଷ୍ଟ୍ରୋଲ୍ କମ୍ କରିବ । ନୂତନ ଅଧ୍ୟୟନ ଅନୁଯାୟୀ ହୃଦ୍‌ରୋଗୀମାନେ ସପ୍ତାହକୁ ତିନୋଟି ସମ୍ପୂର୍ଣ୍ଣ ଅଣ୍ଡା ଖାଇପାରିବେ । କେଶର ବିହୀନ ଅଣ୍ଡା ସବୁଦିନ ଖାଇପାରିବେ । ଆମିଷ ଖାଉଥିବା ଲୋକମାନେ ଚିକେନ୍ ଓ ମାଛ ଖାଇପାରିବେ ତେବେ କମ୍ ମାତ୍ରାରେ ଓ କମ୍ ତେଲ ମସଲା ସହ ।





## ରୋଗ ପରୀକ୍ଷାର ନୂଆ ଉପାୟ

ଦେଶରେ ହୃଦ୍‌ରୋଗୀଙ୍କ ସଂଖ୍ୟା ବଢ଼ିବାର ମୁଖ୍ୟ କାରଣ ଲୋକମାନେ ରକ୍ତଚାପ, ଶର୍କରା ଓ କୋଲେଷ୍ଟ୍ରୋଲ ନିୟମିତ ଭାବରେ ଯାଞ୍ଚ କରନ୍ତି ନାହିଁ । ଯାଞ୍ଚ କଲେ ମଧ୍ୟ କିଛି ତ୍ରୁଟି ପ୍ରତି ସାବଧାନ ହୁଅନ୍ତି ନାହିଁ କିମ୍ବା ଜୀବନଶୈଳୀ ବଦଳାନ୍ତି ନାହିଁ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପରବର୍ତ୍ତୀ ପରୀକ୍ଷା ମଧ୍ୟ କରାନ୍ତି ନାହିଁ । ଏବେ ଏମିତି ପ୍ରକ୍ରିୟା ଉଦ୍ଭାବିତ ହୋଇଛି ଯଦ୍ଦ୍ୱାରା କୌଣସି ବଡ଼ ବଡ଼ ଯାଞ୍ଚ ପ୍ରକ୍ରିୟା ଦେଇ ନଯାଇ ମଧ୍ୟ ହୃଦ୍‌ରୋଗ ସହଜରେ ଚିହ୍ନଟ କରାଯାଇପାରୁଛି ।

**ଟ୍ରପ୍ ଟି' :** ଏହାକୁ ଟ୍ରୋପୋନିନ୍ ଟେଷ୍ଟ ମଧ୍ୟ କୁହାଯାଏ । ଏହି ପ୍ରକ୍ରିୟାରେ ରୋଗୀର ରକ୍ତରେ ଥିବା ଟ୍ରୋପୋନିନ୍ ନାମକ ପ୍ରୋଟିନ୍‌ର ମାତ୍ରା ଯାଞ୍ଚ କରି ଜଣାଯାଏ ରୋଗୀର ହୃଦାଘାତ ହୋଇଛି ନା ନାହିଁ । ଏହି ପରୀକ୍ଷା ପାଇଁ ୧୪୦୦ରୁ ୧୬୦୦ ପର୍ଯ୍ୟନ୍ତ ଖର୍ଚ୍ଚ ହୁଏ । ଯେଉଁସବୁ ସରକାରୀ ଡାକ୍ତରଖାନାରେ ଏହି ସୁବିଧା ଅଛି ସେଠାରେ ଏହି ଯାଞ୍ଚ ମାଗଣାରେ ହୋଇଥାଏ ।

**ଏଚ୍‌ଏସ୍‌ସିଆର୍‌ପି ଟେଷ୍ଟ :** ଏହି ପରୀକ୍ଷାର ପୂରା ନାମ ହାଇସେନ୍ସିଟିଭିଟି ସି' ରିଆକ୍ଟିଭ୍ ପ୍ରୋଟିନ୍ । ଯେଉଁମାନଙ୍କ ବଂଶାବଳୀରେ ହୃଦ୍‌ରୋଗୀ ଇତିହାସ ଅଛି ସେମାନଙ୍କ ପାଇଁ ଅଧିକ ଉପଯୋଗୀ । ଯାଞ୍ଚରେ ସିଆର୍‌ପି କାଉଣ୍ଟ ଜଣାଇଦିଏ ଉକ୍ତ ବ୍ୟକ୍ତି ପାଇଁ ହୃଦାଘାତର ଆଶଙ୍କା କେତେ । ଏହାର ଦାମ୍ ୭୦୦-୮୦୦ ଟଙ୍କା ମଧ୍ୟରେ, ବଡ଼ ବଡ଼ ସରକାରୀ ଡାକ୍ତରଖାନାରେ ଏହି ପରୀକ୍ଷା ମାଗଣାରେ ହୋଇଥାଏ ।

ଏହା ବ୍ୟତୀତ ସିଟି କରୋନାରୀ ଆଞ୍ଜିଓଗ୍ରାଫି ଦ୍ୱାରା ମଧ୍ୟ ଯାଞ୍ଚ ସହଜ । ପୂର୍ବେ ଆଞ୍ଜିଓଗ୍ରାଫି କଷ୍ଟକର ଥିଲା । ଯେଉଁମାନଙ୍କ ରକ୍ତବାହୀ ନଳୀକାରେ ରୋଧ ଆରମ୍ଭ ହୋଇଛି । ଯେଉଁମାନେ ମଧୁମେହୀ ବା ପରିବାରରେ ହୃଦ୍‌ରୋଗୀ ଅଛନ୍ତି ସେମାନଙ୍କ ପାଇଁ ଏହା ଅଧିକ ଉପଯୋଗୀ ।



ଏମ୍‌ଆର୍‌ଆଇ ଦ୍ୱାରା ମଧ୍ୟ ହୃଦୟସ୍ଥିତି ଅନେକାଂଶରେ ଜଣାପଡେ । ପରିସଂଖ୍ୟାନରୁ ଜଣାପଡ଼ିଛି ଦେଶରେ ହୃଦ୍‌ରୋଗୀଙ୍କ ସଂଖ୍ୟା ବଢ଼ିଛି ମାତ୍ର ସେହି ହାରରେ ହୃଦ୍ ଅସ୍ତ୍ରୋପଚାର ସଂଖ୍ୟା ବଢୁନାହିଁ । ପୂର୍ବେ ପ୍ରତିଦିନ ୨୫ଲକ୍ଷ ଲୋକ ହୃଦ୍‌ରୋଗ ଯୋଗୁଁ ମୃତ୍ୟୁବରଣ କରୁଥିଲେ, ଏବେ ଏହା ୨୦ଲକ୍ଷକୁ ଖସି ଆସିଛି । ଏହି ଯାଞ୍ଚର ଆଧୁନିକ ଟେକ୍ନୋଲୋଜି ଓ ପ୍ରଭାବଶାଳୀ ଔଷଧ ଦ୍ୱାରା ହିଁ ହୋଇପାରିଛି । ଅନେକ ଔଷଧ ହୃଦ୍‌ରୋଗୀ ବିପଦକୁ କମ୍ କରି ଦେଇଛି । ଏମିତି ଏକ ଔଷଧ ଷ୍ଟେଟିନ୍ । ଏହା ଆଟୋଭାଷ୍ଟେଟିନ୍ ରୋଜୁଭାଷ୍ଟେଟିନ୍ ଭାବରେ ଭିନ୍ନ ଭିନ୍ନ ବ୍ରାଣ୍ଡ ନେମ୍‌ରେ ମିଳୁଛି । ୧୦ବର୍ଷ ପୂର୍ବରୁ ଏହି ଔଷଧ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଏହାର ପରିଣାମ ଏବେ ଠିକ୍ ଭାବରେ ଜଣାପଡ଼ିଛି । ଏହା କୋଲେଷ୍ଟ୍ରୋଲ୍ କମ୍ କରିବା ସହ ହୃଦ୍‌ଘାତର ଆଶଙ୍କାକୁ କମ୍ କରିଦିଏ । ରକ୍ତପତଳା କରିବା ପାଇଁ ଏକ ନୂତନ ଔଷଧ ଆସିଛି ଯାହା ରକ୍ତକୁ ଆବଶ୍ୟକତା ଠାରୁ ଅଧିକ ପତଳା କରିବ ନାହିଁ, ତେଣୁ ବାରମ୍ବାର ରକ୍ତ ପରୀକ୍ଷାର ଆବଶ୍ୟକତା ହିଁ ନାହିଁ । ଏହା ଡେବିଗ୍ରଟନ୍, ରିଭ୍ରୋକ୍ସବାନ୍, ଅପିକ୍ସାବନ୍ ଓ ଏଡୋକ୍ସାବନ ନାମରେ ଭିନ୍ନ ଭିନ୍ନ ବ୍ରାଣ୍ଡନେମ୍‌ରେ ଉପଲବ୍ଧ ହୁଏ । ସେହିପରି ଦୁର୍ବଳ ହୃଦୟ ଥିବା ରୋଗୀମାନଙ୍କ ପାଇଁ ଏଣ୍ଟ୍ରୋଷ୍ଟୋ ନାମକ ଔଷଧ ଉଦ୍ଭାବିତ ହୋଇଛି ଯାହା ହୃଦ୍‌ଘାତରୁ ବଞ୍ଚାଉଛି । ବର୍ତ୍ତମାନ ୟୁରୋପୀୟ ଦେଶରେ ଏହାର ବ୍ୟବହାର ବଢ଼ିଛି ।

## ବିନା ସର୍ଜରୀରେ ଚିକିତ୍ସା

ଏବେ ବିନା ସର୍ଜରୀରେ ମଧ୍ୟ ହୃଦ୍‌ରୋଗୀଙ୍କ ଚିକିତ୍ସା ସମ୍ଭବ ହେଉଛି । ଏହା ବେଲୁନିଙ୍ଗ, ଆଞ୍ଜିଓପ୍ଲାଷ୍ଟି ଓ ଡିଭାଇସ୍ କ୍ଲୋଜର ଟେକ୍ନୋଲୋଜିରେ ବିକାଶ ଦ୍ୱାରା ସମ୍ଭବ ହୋଇଛି । ଏବେ ସର୍ଜରୀ ମଧ୍ୟ ସହଜ ହେଲାଣି । ଛୋଟ ଛୋଟ କଟ୍ କରି ମଧ୍ୟ ସର୍ଜରୀ ହୋଇପାରୁଛି । ସର୍ଜରୀର ଖର୍ଚ୍ଚ ମଧ୍ୟ କମ୍ ହେଉଛି । ନିୟମିତ ଔଷଧ ଓ ସୁସ୍ଥ ଜୀବନଶୈଳୀ ଦ୍ୱାରା ହୃଦ୍‌ରୋଗକୁ ଅଟକାଯାଇ ପାରୁଛି, ଏଡାଯାଇପାରୁଛି । ହଁ ହୃଦ୍ ପ୍ରତ୍ୟାରୋପଣ ମଧ୍ୟ ଅଧିକ ହୋଇଛି ଏ ମଧ୍ୟରେ । ଅର୍ଥାତ୍ ଲୋକେ ଅଙ୍ଗଦାନ ପାଇଁ ମଧ୍ୟ ସଚେତନ ହେଲାଣି । ତେବେ ସବୁ ଡାକ୍ତରଙ୍କ ମତ ହୃଦ୍‌ରୋଗୀର ସବୁଠାରୁ ବଡ଼ କାରଣ ମାନସିକ ଚାପ । ଏହା ରକ୍ତଚାପ ଓ ଶର୍କରା ସ୍ତର ମଧ୍ୟ ବଢ଼ାଏ । ତେଣୁ ଏହି ମୂଳ କାରଣକୁ ଏଡାନ୍ତୁ ।



# ଡାକ୍ତର ବହୁଳ ଦେଶ



ପ୍ରତିଟି ଦେଶର ସ୍ୱାସ୍ଥ୍ୟସେବାର ମାନ ନିର୍ଭର କରେ ଡାକ୍ତରଙ୍କ ଉପରେ । ଭଲ ଡାକ୍ତରଙ୍କ ସହ ଅଧିକ ସଂଖ୍ୟାରେ ଡାକ୍ତର ମଧ୍ୟ ଦରକାର ଦେଶବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ । ସବୁଠୁ ବଡ଼ କଥା ହେଉଛି ସରକାର ଡାକ୍ତରୀ ଶିକ୍ଷା ଉପରେ ଗୁରୁତ୍ୱ ଦେବା । ଏହି ପରିପ୍ରେକ୍ଷୀରେ ଆସନ୍ତୁ ଦେଖିବା ସେସବୁ ଦେଶକୁ ଯେଉଁଠାରେ ରୋଗୀ ଓ ଡାକ୍ତରଙ୍କ ଅନୁପାତ ସବୁଠାରୁ ଅଧିକ ।

## ଫ୍ରାନ୍ସ

ଆମେରିକା ତୁଳନାରେ ଏଠାରେ ଡାକ୍ତରଙ୍କ ଆୟ ଅପେକ୍ଷାକୃତ ଅନେକ କମ୍ । କିନ୍ତୁ ସରକାର ଡାକ୍ତରୀ ବୃତ୍ତି ଏବଂ ଡାକ୍ତରମାନଙ୍କୁ ଖୁବ୍ ସମ୍ମାନ ଦିଅନ୍ତି । ଉଭୟ ସରକାରୀ ଏବଂ ବେସରକାରୀ ଡାକ୍ତରଖାନାରେ ପିଲାଙ୍କୁ ମାଗଣା ଶିକ୍ଷାଦାନର ବ୍ୟବସ୍ଥା ରହିଛି । ଡାକ୍ତରମାନଙ୍କ ଆୟକରର ଏକ ବୃହଦ୍ ଅଂଶ ସରକାର ନିଜେ ପୈଠ କରନ୍ତି । ଡାକ୍ତରୀ ଶିକ୍ଷା ପ୍ରତି ପ୍ରୋତ୍ସାହନ ଏଠାରେ ଏତେ ଅଧିକ ଯେ ପରୀକ୍ଷାରେ ଛୋଟମୋଟ କପି କରିବାକୁ ଦଣ୍ଡନୀୟ ବୋଲି ବିଚାର କରାଯାଏ ନାହିଁ । ଡାକ୍ତରଙ୍କୁ ସରକାରୀ ସାହାଯ୍ୟ ଏବଂ ସାମାଜିକ ପ୍ରତିଷ୍ଠା ମିଳୁଥିବାରୁ ଏହି ଦେଶରେ ଡାକ୍ତରଙ୍କ ସଂଖ୍ୟା ଅଧିକ ଏବଂ ଏହି ଅନୁପାତରେ ଦେଶର ସ୍ୱାସ୍ଥ୍ୟସେବାର ଅବସ୍ଥା ଖୁବ୍ ଉନ୍ନତ ।

## ଆଜେର୍ ବୈଜାନ

ସ୍ୱାସ୍ଥ୍ୟସେବା ଏବଂ ଔଷଧ ଆଜେର୍ ବୈଜାନ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ବିଶ୍ୱ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଆଜେର୍ ବୈଜାନର ଅବଦାନ ମଧ୍ୟ ଖୁବ୍ ଅଧିକ । ସେମାନେ ଗୋଟିଏ ଗୋଟିଏ ରୋଗକୁ ସମୂଳେ ବିନାଶ କରିବାର ଅଭିଯାନ ଉପରେ ଗୁରୁତ୍ୱ ଦିଅନ୍ତି । ଏହାବ୍ୟତୀତ ସମାଜର ନିର୍ଦ୍ଦିଷ୍ଟ ବର୍ଗମାନଙ୍କରେ ବ୍ୟାପୁଥିବା ନିର୍ଦ୍ଦିଷ୍ଟ ରୋଗଗୁଡ଼ିକର ନିରାକରଣ ଦିଗରେ ସେମାନେ ଖୁବ୍ ସଜାଗ । ଦେଶର ଦୁର୍ବଳ ଆର୍ଥିକ ବର୍ଗରେ ବ୍ୟାପୁଥିବା ଯକ୍ଷ୍ମାରୋଗକୁ ସମୂଳେ ଉତ୍ପାଟନ ପାଇଁ ବର୍ତ୍ତମାନ ଦେଶରେ ଅଭିଯାନ ଚାଲିଛି । ଏଠାରେ ଡାକ୍ତରଖାନା, କ୍ଲିନିକ୍ ଏବଂ ଡାକ୍ତରୀ ଗବେଷଣା କେନ୍ଦ୍ରର ସଂଖ୍ୟା ଅପେକ୍ଷାକୃତ ଭାବରେ ଅଧିକ ।

## ମାଲ୍‌ଟା

ଦେଶର ଜନସଂଖ୍ୟା ତୁଳନାରେ ଡାକ୍ତରଙ୍କ ସଂଖ୍ୟା ଖୁବ୍ ଅଧିକ ମାଲ୍‌ଟାରେ । ଏ ଦେଶର ଲୋକମାନେ ସ୍ୱାସ୍ଥ୍ୟ ସଚେତନ । ତେଣୁ ଡାକ୍ତରଙ୍କ ଚାହିଦା ଅଧିକ । ଏଠାରେ ଡାକ୍ତରମାନଙ୍କର ସରକାରୀ ଦରମା ଅନ୍ୟ ବୃତ୍ତିଧାରୀଙ୍କ ତୁଳନାରେ ଅଧିକ । ଘରୋଇ ଡାକ୍ତରମାନଙ୍କ ପାଉଣା ମଧ୍ୟ ଅଧିକ । ଦେଶର ଡାକ୍ତରୀ ଶିକ୍ଷାନୁଷ୍ଠାନଗୁଡ଼ିକର ମାନ ଖୁବ୍ ଉଚ୍ଚଧରଣର । ଏହି କାରଣରୁ ସାରା ବିଶ୍ୱରୁ ବହୁ ମେଧାବୀ ଛାତ୍ର ଏଠାରେ ଡାକ୍ତରୀ ଶିକ୍ଷା ପାଇଁ ଆସନ୍ତି ଏବଂ ବିଶେଷ କ୍ଷେତ୍ରରେ ଉଚ୍ଚତର ଅଧ୍ୟୟନ ପାଇଁ ମଧ୍ୟ ଏହା ବିଶ୍ୱର ଅନ୍ୟତମ ଦେଶ ।



## ୟୁକ୍ରେନ୍

ଏଠାର ସମାଜରେ ଡାକ୍ତରମାନେ ଖୁବ୍ ସମ୍ମାନନୀୟ । ଏହି ସମ୍ମାନ ସବୁବେଳେ ଥିଲା । କିନ୍ତୁ ବର୍ତ୍ତମାନ ଦେଶରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ସେମାନଙ୍କର ଚାହିଦା ବଢ଼ିଛି । ଏବେ ଦେଶରେ ଆର୍ଥିକ ଅବସ୍ଥା ଖୁବ୍ ଅସ୍ଥିର । ଅନେକ କ୍ଷେତ୍ରରେ ଡାକ୍ତରମାନଙ୍କୁ ଦରମା ଦିଆଯାଉପାରୁନାହିଁ । ସେମାନେ ବିପଜ୍ଜନକ ପରିସ୍ଥିତିରେ ରହୁଛନ୍ତି । ତଥାପି ଅଧିକାଂଶ ଡାକ୍ତର ଏ ପର୍ଯ୍ୟନ୍ତ ରୋଗୀସେବାରେ ଲାଗି ରହିଛନ୍ତି । ଏ ଦେଶର ଡାକ୍ତରମାନେ ନିଜର ସେବା ମନୋଭାବ ପାଇଁ ଖ୍ୟାତ ।

## କାଜାକସ୍ଥାନ

ବିଶେଷଜ୍ଞ ଡାକ୍ତର ଏବଂ ଉଚ୍ଚମାନର ଡାକ୍ତର ଏ ଦେଶର ଗର୍ବ ଏବଂ ସମ୍ମାନ । ଭଲ ଡାକ୍ତର ଏବଂ ଉନ୍ନତମାନର ଡାକ୍ତରୀ ସେବା ପାଇଁ ସାରା ବିଶ୍ୱର ବିଭିନ୍ନ ଦେଶରୁ ଲୋକମାନେ କାଜାକସ୍ଥାନକୁ ଆସୁଛନ୍ତି । ତେଣୁ ଡାକ୍ତରଙ୍କୁ ନେଇ ମେଡିକାଲ ଟୁରିଜିମ୍ ଦେଶର ଅନ୍ୟତମ ମୁଖ୍ୟ ଆୟ । ଡାକ୍ତରମାନଙ୍କ ବିଶେଷଜ୍ଞତା ଯୋଗୁ ସାରା ବିଶ୍ୱର ଅନେକ ବଡ଼ ବଡ଼ ଡାକ୍ତରଖାନା ସେମାନଙ୍କ ପରାମର୍ଶ ନିଅନ୍ତି । ଡାକ୍ତର ଏବଂ ଔଷଧ ଶିଳ୍ପକୁ ଏଠାରେ ଖୁବ୍ ସମ୍ମାନ ଦିଆଯାଏ ଏବଂ ସରକାର ସବୁପ୍ରକାର ସହାୟତା ଯୋଗାଇ ଦିଅନ୍ତି ।

## ଆର୍ଜେଣ୍ଟିନା

ଜନସଂଖ୍ୟା ଅନୁପାତରେ ଆର୍ଜେଣ୍ଟିନାରେ ଡାକ୍ତରଙ୍କ ସଂଖ୍ୟା ଅଧିକ । ବିଶ୍ୱର ମହାନ୍ ଡାକ୍ତରମାନଙ୍କୁ ସୃଷ୍ଟି କରିବାର ଇତିହାସ ରହିଛି ଏହି ଦେଶରେ । ସମାଜରେ ଡାକ୍ତରୀ ଶିକ୍ଷା ଓ ଗବେଷଣାକୁ ଖୁବ୍ ମର୍ଯ୍ୟାଦା ଦିଆଯାଏ । ବିଭିନ୍ନ ଦେଶରେ ସାହିତ୍ୟ ସମାଜ ପରି ଏ ଦେଶରେ ପ୍ରତିଟି ଅଞ୍ଚଳରେ ଡାକ୍ତର ସମାଜ ରହିଛି । ଏ ଦେଶର ବିଜ୍ଞାନ ଅନୁଷ୍ଠାନଗୁଡ଼ିକ ଅନ୍ୟାନ୍ୟ ଜ୍ଞାନ କୌଶଳ ତୁଳନାରେ ନୂତନ ଏବଂ ଭଲ ଔଷଧ ପ୍ରସ୍ତୁତି ଦିଗରେ ଗବେଷଣା କରିବାକୁ ଗୁରୁତ୍ୱ ଦିଅନ୍ତି ।



## ବେଲାରୁଷ

ଡାକ୍ତରମାନଙ୍କ ପାଇଁ ଏବଂ ସ୍ୱାସ୍ଥ୍ୟସେବା ପାଇଁ ଅନ୍ୟତମ ଶ୍ରେଷ୍ଠ ଦେଶ ହେଉଛି ବେଲାରୁଷ । ଏଠାରେ ଡାକ୍ତରୀ ଶିକ୍ଷାକୁ ଗୁରୁତ୍ୱ ଏବଂ ସହଯୋଗ ଦିଆଯାଏ । ଫଳରେ ବହୁ ସଂଖ୍ୟକ ବିଦେଶୀ ଛାତ୍ର ଏଠାରେ ଅଧ୍ୟୟନ କରନ୍ତି । ବିଶ୍ୱସ୍ତରର ଅନେକ ଶ୍ରେଷ୍ଠ ଡାକ୍ତର ଏବଂ ଡାକ୍ତରଖାନା ଏଠାରେ ଅଛି । ତେବେ ସାଧାରଣ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଏଠାରେ କ୍ରମଶଃ ମହଙ୍ଗା ହୋଇଯାଉଥିବାର ଅଭିଯୋଗ ଗତ କେଇବର୍ଷ ଧରି ହେଉଇଛି ।

## ଜର୍ଜିଆ

୧୯୯୧ ମସିହାରେ ସୋଭିଏତ୍ ସଂଘ ବିଘଟନ ପୂର୍ବରୁ ଜର୍ଜିଆ ରୁଷ ନିୟନ୍ତ୍ରଣାଧୀନ ଥିଲା ଏବଂ ଏହି ବର୍ଷ ସେ ସ୍ୱାଧୀନତା ଲାଭ କଲା । ତୁରନ୍ତ ଦେଶର ଲୋକମାନଙ୍କ ସ୍ୱାସ୍ଥ୍ୟରକ୍ଷା ସ୍ୱାର୍ଥରେ ଜର୍ଜିଆ ସରକାର ଦେଶର ସେବା କ୍ଷେତ୍ରରେ ଘରୋଇକରଣ ଆଣିଥିଲେ । କାରଣ ରାଜନୈତିକ ଅସ୍ଥିରତା ସମୟରେ ଦେଶରେ ଡାକ୍ତରଙ୍କ ଅଭାବ ଥିଲା । ଏହାପରଠାରୁ ଜର୍ଜିଆରେ ଡାକ୍ତରୀ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଚାଲିଛି ।

## ବେଲ୍‌ଜିୟମ୍

ବେଲ୍‌ଜିୟମ୍‌ର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମଗ୍ର ୟୁରୋପରେ ଖୁବ୍ ଉଚ୍ଚସ୍ତରରେ ପହଞ୍ଚିଛି । ଡାକ୍ତରମାନଙ୍କୁ ସରକାର ଏବଂ ଘରୋଇ କମ୍ପାନୀମାନେ ସହଯୋଗ ଓ ପ୍ରୋତ୍ସାହନ ଦିଅନ୍ତି । ଡାକ୍ତରୀ ଶିକ୍ଷାକୁ ମଧ୍ୟ ଖୁବ୍ ଗୁରୁତ୍ୱ ଦିଆଯାଏ । ସରକାରୀ ନୀତିରେ ଡାକ୍ତରୀ ଶିକ୍ଷା ଏବଂ ଡାକ୍ତରଙ୍କ ପାଇଁ ବିଭିନ୍ନ ପ୍ରକାର ସୁବିଧା ଥିବାରୁ ମେଧାବୀ ଛାତ୍ରମାନେ ଅନ୍ୟାନ୍ୟ ବୃତ୍ତି ଅପେକ୍ଷା ଏହି ଦିଗରେ ଅଧ୍ୟୟନ ପାଇଁ ମନ ବଳାନ୍ତି ।



## ସ୍ପେନ୍

ଡାକ୍ତରୀ ସଂସ୍କୃତି ଏ ଦେଶରେ ସାରା ବିଶ୍ୱଠାରୁ ଭିନ୍ନ । ଅନ୍ୟାନ୍ୟ ଦେଶରେ ଡାକ୍ତରମାନେ ଡାକ୍ତରଖାନା ଏବଂ କ୍ଲିନିକ୍‌ରେ ବସି ରୋଗୀଙ୍କୁ ଅପେକ୍ଷା କରନ୍ତି । କିନ୍ତୁ ସ୍ପେନ୍‌ର ଡାକ୍ତରମାନେ ନିଜକୁ ବିଜ୍ଞାପିତ କରନ୍ତି । ବିଭିନ୍ନ କମ୍ପାନୀ ଏବଂ ଉତ୍ପାଦର ବିଜ୍ଞାପନ ପରି ଏଠାରେ ଡାକ୍ତର, କ୍ଲିନିକ୍ ଏବଂ ଡାକ୍ତରଖାନାଗୁଡ଼ିକର ବିଜ୍ଞାପନ ଗଣମାଧ୍ୟମଗୁଡ଼ିକରେ ଖୁବ୍ ଅଧିକ । ଡାକ୍ତରମାନେ ନିଜ ପ୍ରଚାର ପାଇଁ ବଡ଼ ବଡ଼ ବିଜ୍ଞାପନ ଏଜେନ୍ସୀର ସାହାଯ୍ୟ ନିଅନ୍ତି ଏବଂ ଖୁବ୍ ଖର୍ଚ୍ଚ କରନ୍ତି ଏ ବାବଦରେ । ଯେଉଁ ଡାକ୍ତର ଯେତେ ପ୍ରଚାର କରିପାରନ୍ତି, ସେ ସେତେ ଜଲ୍‌ଦି ରୋଗୀ ସଂଖ୍ୟା ବଢ଼ାଇ ପାରନ୍ତି ଏବଂ ସମାଜରେ ନିଜକୁ ଭଲ ଡାକ୍ତର ଭାବରେ ପ୍ରମାଣିତ କରିପାରନ୍ତି । ତେବେ ଏସବୁ ସହ ଦେଶରେ ଉଚ୍ଚମାନର ଅନେକ ଡାକ୍ତରୀ ଶିକ୍ଷାନୁଷ୍ଠାନ ରହିଛି, ଯାହାଦ୍ୱାରା ଦେଶରେ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଅଭିଜ୍ଞ ଡାକ୍ତର ସୃଷ୍ଟି ହୁଅନ୍ତି ।

## ସାନ୍ ମାରିନୋ

ଏହା ୟୁରୋପର ଅନ୍ୟତମ କ୍ଷୁଦ୍ର ଦେଶ । କିନ୍ତୁ ଆର୍ଥିକ ସ୍ଥିତି ଖୁବ୍ ମଜଭୁତ ଏହାର । ସରକାର ଡାକ୍ତରୀ ଶିକ୍ଷା ଏବଂ ବୃତ୍ତି ପାଇଁ ଅଶେଷ ପ୍ରକାର ସୁବିଧା ଉପଲବ୍ଧ କରାନ୍ତି । ଏହି କାରଣରୁ ଏଠାରେ ଡାକ୍ତରଙ୍କ ସଂଖ୍ୟା ଅଧିକ । ଏହାଛଡ଼ା ବିଶ୍ୱର ଅନେକ ଧନୀତମ ବ୍ୟକ୍ତି ରହୁଥିବାରୁ ସ୍ୱାସ୍ଥ୍ୟସେବା ଏବଂ ଔଷଧକୁ ଖୁବ୍ ଗୁରୁତ୍ୱ ଦିଅନ୍ତି । ପ୍ରତି ପରିବାରର ସ୍ୱତନ୍ତ୍ର ଡାକ୍ତର ଥାଆନ୍ତି । ସେମାନେ ଯେକୌଣସି ମୁହୂର୍ତ୍ତରେ ରୋଗୀ ପାଖରେ ଉପସ୍ଥିତ ହୁଅନ୍ତି ଏବଂ ଡାକ୍ତରମାନଙ୍କୁ ଲୋକମାନେ ଖୁବ୍ ଉଚ୍ଚ ଦେୟ ପ୍ରଦାନ କରିବାକୁ ଆଦୌ କୁଣ୍ଠିତ ହୁଅନ୍ତି ନାହିଁ ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
କେନ୍ଦ୍ରାପଡା ୨୭ ଅକ୍ଟୋବର ୨୦୨୫ । ସୋମବାର

# ଗୁଲନଗରରେ ମା' କାଳୀଙ୍କ ଭସାଣୀ ଉତ୍ସବ

**କେନ୍ଦ୍ରାପଡ଼ା :୨୬।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅଧିନସ୍ଥ ଗୁଲନଗର ପଞ୍ଚାୟତର ଗୁଲନଗର ଗ୍ରାମରେ ୫ଦିନଧରି ପୂଜା ପାଉଥିବା ମା' ଦକ୍ଷୀଣକାଳୀଙ୍କର ଶୁକ୍ରବାର ରାତିରେ ବିସର୍ଜନ କରାଯିବା ପରେ ଶନିବାର ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାତଃ ୬ଟା ସମୟରେ ଗୁଲନଗର ଗ୍ରାମବାସୀମାନଙ୍କ ଦ୍ୱାରା ମେଢକୁ ଏକ ବିରାଟ ଶୋଭାଯାତ୍ରାରେ ଢୋଲ ବାଦ୍ୟ ଓ ନଗର କୀର୍ତ୍ତନ କରି ଗ୍ରାମ ପରିକ୍ରମା କରାଯିବା ପରେ ଗୋବରୀ ନଦୀ ଘାଟରେ ମା'ଙ୍କୁ ବିସର୍ଜିତ କରଯାଇଥିଲା। ଗ୍ରାମବାସୀମାନେ ଅଶ୍ରୁଳ ନେତ୍ରରେ ମା' କାଳୀଙ୍କୁ ବିଦାୟ ଦେଇଥିଲେ। ଏହି ଅବସରରେ ଗତ ୫ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଚକ୍ରବର୍ତ୍ତି ପରିବାର ସହ ଗୁଲନଗର ଗ୍ରାମର ଯୁବକମାନେ ପରିଚାଳନା କରିଥିଲେ।

# 'ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ପ୍ରତିଭା ଓ ଜ୍ଞାନର ବିକାଶ ପାଇଁ ସୁରଭି ଉପଯୁକ୍ତ ପ୍ରକୋଷ୍ଠ'

**ମାର୍ଶାଘାଇ :୨୬।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ମଧୁସାଗର ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତଃନିହିତ ପ୍ରତିଭା ଓ ଜ୍ଞାନର ବିକାଶ ପାଇଁ ସୁରଭି ଏକ ପ୍ରକୃଷ୍ଟ ମଞ୍ଚ ବୋଲି କହିବା ସହିତ ବଦ୍ୟାଳୟରେ ପାଠ ପଢା ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶର ଆବଶ୍ୟକତା ରହିଛି। ଯାହାକି ଛାତ୍ରଛାତ୍ରୀମାନଙ୍କର ବିକାଶ କ୍ଷେତ୍ରରେ ସହାୟକ ହୋଇଥାଏ ବୋଲି ମୁଖ୍ୟଅତିଥି ମହାକାଳପଡା ବିଧାୟକ ଡ଼ ନାୟକ ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀ, ବିଆରସିସି ଶୁଶାନ୍ତ କୁମାର ବେଉରା, ଅତିଥି ଭାବରେ ଯୋଗଦେଇ ଥିଲେ। ବ୍ଲକର ସମସ୍ତ ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଉଭୟ କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ବକ୍ତୃତା, ଏଲୋକେଶନ, ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ, କଣ୍ଠସଙ୍ଗୀତ, ସୃଜନଶୀଳ ଲିଖନ, ଓଡିଆ ଶ୍ରୁତଲିଖନ, ହସ୍ତାକ୍ଷର ସମେତ ୨୨ଟି ବିଭାଗର ପ୍ରତିଯୋଗିତା ହୋଇ ସମସ୍ତ ବିଭାଗର ପ୍ରଥମ ପ୍ରତିଯୋଗିଙ୍କୁ ଜିଲ୍ଲାସ୍ତରକୁ ବବେଚିତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ।

# ସମ୍ଭାଷଣ ଶିବିରର ଉଦଯାପନ

**ଯାଜପୁର :୨୬।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ସ୍ଥିତ ନରସିଂହ ଚୌଧୁରୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗରେ ଡ଼.ସରୋଜିନୀ ଜେନାଙ୍କ ତତ୍ତ୍ୱାବଧାନରେ ସଂସ୍କୃତ ଶିବିରର ଉଦଯାପନୀ ଉତ୍ସବ ପାଳନ କରାଯାଇଅଛି। ଏହି ଶିବିର ଚଳିତ ଅକ୍ଟୋବର ମାସ ୧୫ତାରିଖରୁ ଆରମ୍ଭ ହୋଇ ୨୫ତାରିଖରେ ଶେଷ ହୋଇଛି। ବିଭାଗୀୟ ଆଚାର୍ଯ୍ୟା କୁମାରୀ ତୃପ୍ତିମୟୀ ସାହୁଙ୍କର ମଙ୍ଗଳାଚରଣ ଦ୍ୱାରା ହୋଇଥିଲା। ଧେୟମନ୍ତ୍ର ଦୀପିକା ଭଉଣୀ, ଅତିଥି ପରିଚୟ ଡ଼. ଅକ୍ଷୟ କୁମାର ଦତ୍ତ ଓ ବର୍ଗ ବିବରଣୀ ଶିବିର ଶିକ୍ଷକ ଶାନ୍ତନୁ ମଣ୍ଡଳ ଉପସ୍ଥାପନା କରିଥିଲେ। ମହାବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ଗୀତ ଓ ଅନୁଭୂତି କଥନ ତଥା ପ୍ରତିଭା ମଧ୍ୟ ପ୍ରଦର୍ଶନ ହୋଇଥିଲା। ମୁଖ୍ୟଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ସଂସ୍କୃତ ଭାଷା କିପରି ଦୈନନ୍ଦିନ ଭାଷା ହୋଇ ପାରିବ ପିଲାମାନଙ୍କୁ ବୁଝାଇ କହିଥିଲେ। ମୁଖ୍ୟବକ୍ତା ଭାବରେ ସଂସ୍କୃତ ଭାରତୀର ପୂର୍ବକ୍ଷେତ୍ର ସଂଯୋଜକ ନୃସିଂହ ଚରଣ ପଣ୍ଡା ଯୋଗଦେଇ ସଂସ୍କୃତ କିପରି ବିଜ୍ଞାନର ଭାଷା ଥିଲା, ରହିଛି ଆଉ ରହିବ ସେ ବିଷୟରେ ମତ ପୋଷଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ରଞ୍ଜନ କୁମାର ବେହେରା ଯୋଗଦେଇ ସଂସ୍କୃତ କିପରି ପିଲାମାନଙ୍କର ଅନିର୍ବାର୍ଯ୍ୟ ଭାଷା ହୋଇ ପାରିବ ସେ ବିଷୟରେ ମତ ପୋଷଣ କରିଥିଲେ। ସଂସ୍କୃତ ବିଭାଗର ମୁଖ୍ୟା ଡ଼.ସରୋଜିନୀ ଜେନା ସଂସ୍କୃତର ଉପକାରିତା ବିଷୟରେ ଉଦବୋଧନ ଦେଇଥିଲେ। ସଭା ସଂଚାଳନ ସ୍ମୃତି ଭଉଣୀ କରିଥିଲେ। ଡ଼. ତାପସ କୁମାର ପଣ୍ଡା, ସ୍ୱପ୍ନାଶ୍ରୀ ସାହୁ, ଜ୍ୟୋତିପ୍ରଦା ଜେନା, ବନିତା ଦଳାଇ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧ୍ୟାପକ ଓ ଅଧ୍ୟାପିକାମାନେ ଏହି ସଭାରେ ଉପସ୍ଥିତ ଥିଲେ। ପର୍ଯ୍ୟାୟ କ୍ରମେ ଛାତ୍ରୀ ରାଣୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଶାନ୍ତି ମନ୍ତ୍ର ସହିତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

# 'ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦'ର ପ୍ରସ୍ତୁତି ଜୋରଦାର

**କଳିଙ୍ଗନଗର:୨୬।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଆରମ୍ଭ ହୋଇଛି 'ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦'। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ଏହି ଅଭିଯାନକୁ ସଫଳ କରିବା ପାଇଁ ବିସ୍ତୃତ ଯୋଜନା ଗଠନ କରିଛି। ଜିଲ୍ଲାପାଳ କହିଛନ୍ତି, ତମାଖୁ ଦେହ ଓ ମନ ପାଇଁ ବିନାଶକାରୀ। ଏହାକୁ ଛାଡିବା ହେଉଛି ଜୀବନକୁ ରକ୍ଷା କରିବା। ସଚେତନତା ଓ ସମୁଦାୟୀ ଅଭିନିତି ହେଉଛି ଏହି ଅଭିଯାନର ମୁଖ୍ୟ ଅସ୍ତ୍ର।ସୁକିନ୍ଦା ଓ ଦାନଗଦିରେ ତଳସ୍ତରରେ ପ୍ରସ୍ତୁତି ଜୋରଦାରତମାଖୁ ମୁକ୍ତ ଯୁବ ଅଭିଯାନ ୩.୦ର ଅଂଶ ଭାବେ ସୁକିନ୍ଦା ଓ ଦାନଗଦି ବ୍ଲକରେ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ ଓ ସ୍ଥାନୀୟ ସଂଗଠନମାନଙ୍କ ସହଯୋଗରେ ତଳସ୍ତରରେ ଜୋରଦାର ପ୍ରସ୍ତୁତି ଚାଲିଛି। ସୁକିନ୍ଦା ବ୍ଲକରେ, ସମସ୍ତ ବିଦ୍ୟାଳୟ ଓ କଲେଜକୁ 'ତମାଖୁ ମୁକ୍ତ କ୍ୟାମ୍ପସ' ଭାବେ ଘୋଷଣା ପାଇଁ ଅଭିଯାନ ଆରମ୍ଭ ହୋଇଛି। ସଚେତନତା ଶିବିର, ପୋଷ୍ଟର ପ୍ରତିଯୋଗିତା ଓ ନିଶା ବିରୋଧୀ ରାଲି ଆୟୋଜନ ହେବ।ଗ୍ରାମସ୍ତରରେ ଗୀତ, ନାଟକ ଓ ସ୍ଲୋଗାନ ମାଧ୍ୟମରେ ଯୁବ ଓ ଶିଶୁମାନଙ୍କ ମନୋଭାବରେ ପରିବର୍ତ୍ତନ ଆଣିବା ଉଦ୍ୟମ ଚାଲିଛି। ଦାନଗଦି ବ୍ଲକରେ, ପ୍ରାୟ ୩୫ଟି ଶିକ୍ଷାନୁଷ୍ଠାନ ମାଧ୍ୟମରେ 'ତମାଖୁ ବିରୋଧୀ ସପ୍ତାହ' ପାଳନ ହେବ। ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତ ରାଜ ବିଭାଗ ଓ ସ୍ଥାନୀୟ ଯୁବ ସଂଗଠନ ସହଯୋଗରେ 'ତମାଖୁ ମୁକ୍ତ ଗ୍ରାମ' ଗଠନ ହେବା ଯୋଜନା ଅଛି। ସ୍ୱୟଂସହାୟିକ ଦଳ, ଆଙ୍ଗନବାଡ଼ି କର୍ମୀ ଓ ସଚେତନ ଯୁବମାନେ ଘରେଘରେ ଯାଇ ସନ୍ଦେଶ ପହଞ୍ଚାଇବେ। ଶିଳ୍ପ ଓ ଖଣି ଅଞ୍ଚଳରେ ନିଶାର ଚିନ୍ତାଜନକ ପ୍ରଭାବସୁକିନ୍ଦା ଖଣି ଅଞ୍ଚଳ ଓ ଦାନଗଦି ପରିସରରେ ଗଞ୍ଜା, ବ୍ରାଉନସୁଗାର, ଚୋରାମଦ ଓ ତମାଖୁ ଦ୍ରବ୍ୟର ଆସକ୍ତି ଦିନକୁ ଦିନ ବଢୁଛି। ଏହି ନିଶାକରକ ଅଭ୍ୟାସରେ ଅନେକ ଯୁବ ଓ ଛାତ୍ର ଗ୍ରସକଲାଣି । ବହୁ ପରିବାର ଉଜୁଡି ପଡ଼ିଲାଣି। ଚିନ୍ତାରେ ବାପ ମା। ସେପରିସ୍ଥିତିରେ ଏହି 'ତମାଖୁ ମୁକ୍ତ ଯୁବ ଅଭିଯାନ' ଏକ ସମୟୋପଯୋଗୀ ପଦକ୍ଷେପ ଭାବେ ଦେଖାଯାଉଛି। ଲକ୍ଷ୍ୟ ଯୁବପିଢିକୁ ତମାଖୁ ଓ ନିଶାରୁ ଦୂରେଇ ବାଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସୋସିଆଲ ମିଡିଆ, ହୋଆଟସଅପ ଗ୍ରୁପ, ସ୍ଥାନୀୟ କେବଲ ଚ୍ୟାନେଲ ମାଧ୍ୟମରେ ବିଶେଷ କରି ୭ରୁ ୧୨ ବର୍ଷ ଶିଶୁ ଓ କଲେଜ୍ ଯୁବପିଢିଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ପହଞ୍ଚାଇବା ଉଦ୍ୟମ ଚାଲିଛି। ସମସ୍ତ ବିଭାଗ ମିଳିତ ଭାବେ ଏହାକୁ ସଫଳ କରିଲେ, ଆଗାମୀ ଦିନରେ ସୁକିନ୍ଦା ଓ ଦାନଗଦି 'ତମାଖୁ ମୁକ୍ତ ଅଞ୍ଚଳ' ଭାବେ ଉଦାହରଣ ସୃଷ୍ଟି କରିପାରିବ, ଏହା ହେଉଛି ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଲକ୍ଷ୍ୟ। ଦେଖିବାକୁ ବାକି ରହିଲା ଏହି ଲକ୍ଷ ପୂରଣ କେତେ ସଫଳ ହେଉଛି।

# ବାତ୍ୟା 'ମନ୍ଥା'ର ମୁକାବିଲା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ

**ଫୁଲବାଣୀ ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**




ରାଜ୍ୟରେ ବାତ୍ୟା 'ମନ୍ଥା'କୁ ନେଇ ସମସ୍ତ ପ୍ରକାର ପ୍ରସ୍ତୁତ ଜାରି ରହିଛି। ରାଜ୍ୟର ସମସ୍ତ ସରକାରୀ କର୍ମଚାରୀମାନଙ୍କ ଛୁଟିକୁ ବାତିଲ କରାଯାଇଛି। ଆଉ ଯେଉଁମାନେ ବି ଆଗରୁ ଚୁଟିରେ ରହିଛନ୍ତି ସେମାନେ ତୁରନ୍ତ ଆସି ନିଜ କାର୍ଯ୍ୟ କ୍ଷେତ୍ରରେ ଯୋଗଦାନ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଅବଶ୍ୟ ଓଡିଶା ଉପରେ ଏତେ 'ମନ୍ଥା'ର ପ୍ରକୋପ ନ ଥିଲେ ମଧ ଏହାଦ୍ୱାରା ଦକ୍ଷିଣ ଓଡ଼ିଶାରେ ଏହାର ପ୍ରଭାବ କିଛି କିଛି ମାତ୍ରାରେ ପଡିବ ବୋଲି ଆଇଏମଡ଼ିର ସୂଚନା ପ୍ରକାରେ ଜଣାପଡିଛି। ଗଞ୍ଜାମ ଗଜପତି, ମାଲକାନଗିରି, ରାୟଗଡା, ନବରଙ୍ଗପୁର, ନୂଆପଡା, ରାୟଗଡା, କନ୍ଧମାଳ ଜିଲ୍ଲାରେ ସ୍ଥାନେ ସ୍ଥାନେ ପ୍ରବଳରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ବେଳେ ଏହି ଜିଲ୍ଲା ଗୁଡିକରେ ୫୦ରୁ ୬୦/୭୦ କିଲୋମିଟର ବେଗରୁ ଅଧିକ ପବନ ବହିବାର ଆଶଙ୍କା ରହିଛି। ସେଇଥିପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ସତର୍କ କରିଦିଆଯାଇଛି। ଯେପରିକି ସମସ୍ତ ଜିଲ୍ଲାରେ ଜିରୋ କାଜୁଏଲଟି କରିବା ପାଇଁ ନିର୍ଦ୍ଦେଶ ନାମା ଜାରିକରାଯଇଛି। 'ମନ୍ଥା'ର ସମସ୍ତ ମୁକାବିଲା ଉପରେ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତେକ୍ଷ୍ୟ ଭାବରେ ଅନୁଧ୍ୟାନ କରୁଛନ୍ତି। ତଥାପି ଗଞ୍ଜାମ, ଗଜପତି, ମାଲକାନଗିରି, ରାୟଗଡା ଜିଲ୍ଲାରେ ରେଡ ଓ୍ୱାର୍ନିଙ୍ଗ କରାଯାଇଥିବା ବେଳେ ପୁରୀ ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ଜିଲ୍ଲାରେ ଓରେଞ୍ଜ ଓ୍ୱାର୍ଣ୍ଣିଙ୍ଗ ଜାରି କରାଯାଇଛି। ସୋନପୁର, ବୌଦ୍ଧ, କନ୍ଧମାଳ ବଲାଙ୍ଗୀର ଜିଲ୍ଲା ଗୁଡିକରେ ମଧ ପ୍ରବଳ ବର୍ଷାର ଅନୁମାନ କରୁଛି ଭାରତୀୟ ପାଣିପାଗ ବିଭାଗ। ଏହାଦ୍ୱାରା ୨୮/୨୯ ତାରିଖରେ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷାର ଆଶଙ୍କା କରିଛି ପାଣି ପାଗ ବିଭାଗ। ବିଶେଷ ଘଟଣା ହେଲା ବାତ୍ୟା 'ମନ୍ଥା'ର କନ୍ଧମାଳ ଜିଲ୍ଲା ଉପରେ ମଧ କିଛି ମାତ୍ରାରେ ପ୍ରଭାବ ପଡିବାର ସମ୍ଭାବନାକୁ ଆଖି ଆଗରେ ରଖି ଜିଲ୍ଲାପାଳ ବେଦଭୂଷଣ ସତର୍କ ରହିବାକୁ ସମସ୍ତ ବିଡିଓ, ତହସିଲଦାର, ରାସ୍ତା ଓ ପୂର୍ତ୍ତବିଭାଗ ଅଧିକାରୀ, ପୋଲିସ ବାହିନୀ, ଓଡ୍ରାଫ ଟିମ, ଅଗ୍ନିଶମ ବାହିନୀର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କନ୍ଧମାଳ ଜିଲ୍ଲାରେ ଅକ୍ଟୋବର ୨୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ଓ ପବନ ବହିବା ସମ୍ଭାବନା ଥିବାରୁ ଜିଲ୍ଲାର ପାର୍ବତ୍ୟ ଅଞ୍ଚଳ ଗୁଡିକରେ ଭୂ-ସ୍ଖଳନକୁ ଆଖି ଆଗରେ ରଖି କଳିଙ୍ଗିଆ ଘାଟିରେ ୨୭ ତାରିଖରୁ ୩୦ ତାରିଖ ଯାଏ ଯାନବାହାନ ଯିବା ଆସିବା ଉପରେ ସମ୍ପୂର୍ଣ୍ଣ କଟକଣା ଜାରୀ କରାଯାଇଛି। ସମସ୍ତ ଅଧିକାରୀ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ଶ୍ରୀ କ୍ଷେତ୍ରରୁ ତୁଳସୀ କ୍ଷେତ୍ରକୁ ଆସିଲା ପାଟବସ୍ତ୍ର

**କେନ୍ଦ୍ରାପଡ଼ା :୨୬।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ପାରମ୍ପରିକ ପ୍ରଥା ଅନୁଯାୟୀ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରୁ କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉ ମହାପ୍ରଭୁଙ୍କ ପାଇଁ ଆସିଛି ୩ଟି ପାଟବସ୍ତ୍ର। ଦେବୋତ୍ତର ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ଅପରାହ୍ନରେ ନୀଳ, ରକ୍ତ ଓ ହରିଦ୍ରା ରଙ୍ଗର ତିନୋଟି ପାଟବସ୍ତ୍ରକୁ ବଡଭାଇ ଶ୍ରୀବଳଦେବଜିଉ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆସିଛି। ସେହି ପାଟବସ୍ତ୍ରକୁ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ଆଣିଥିବା ସହକାରୀ ପ୍ରଶାସକ ଡ. ପ୍ରଭୂପିୟୁଷ ମହାପାତ୍ର, ଡିଇଓ ସତ୍ୟନାରାୟଣ ପାତ୍ର, ଜଗବନ୍ଧୁ ପୂଜାପଣ୍ଡା, ଅମର ମହାପାତ୍ର ପ୍ରମୁଖ କେନ୍ଦ୍ରାପଡା ଶ୍ରୀ ବଳଦେବ ଜୀଯୁ ମନ୍ଦିର କାର୍ଯ୍ୟାଳୟରେ ପହଞ୍ଚିବା ପରେ ମନ୍ଦିର ପ୍ରଶାସନ ପକ୍ଷରୁ ସନ୍ଧ୍ୟା ଆଳତୀ ପରେ ରୁପା ଥାଳିରେ ସେହି ପାଟବସ୍ତ୍ରକୁ ମନ୍ଦିର ସିଂହଦ୍ୱାର ନିକଟକୁ କିର୍ତ୍ତନ ମଣ୍ଡଳୀ, ବାଜା, ଘଣ୍ଟଘଣ୍ଟା, ଶଙ୍ଖ, କାହାଳୀ ବଜାଇ ଏକ ବର୍ଣ୍ଣାଢ୍ୟ ପଟୁଆରରେ ନିଆଯାଇ ବଡପଣ୍ଡା ମାଧବ ପତ୍ରୀ ଓ ଭାବଗ୍ରାହୀ ପତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଏହା ବେଢା ପରିକ୍ରମା କରାଯିବା ପରେ ଠାକୁରଙ୍କ ଭଣ୍ଡାର ଘରେ ରଖାଯାଇଥିଲା। ଆସନ୍ତା ଶୁକ୍ଳ ଏକାଦଶୀ ତିଥିରେ ଏହି ପାଟ ବସ୍ତ୍ର ପରିଧାନ କରି ପ୍ରଳମ୍ବାସୁର ବଧ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ ଶ୍ରୀବଳଦେବଜୀଉ। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଦ୍ୱାପର ଯୁଗରେ ମହାପ୍ରଭୁ ବଳରାମ ପ୍ରଳମ୍ବାସୁରକୁ ସଂହାର କରିଥିଲେ। ଅନୁଜ ଶ୍ରୀକୃଷ୍ଣ ଖୁସି ହୋଇ କାନ୍ଧରୁ ଅଙ୍ଗ ବସ୍ତ୍ର ବାହାର କରି ବଡ଼ଭାଇ ବଳରାମଙ୍କ ମସ୍ତକରେ ବାନ୍ଧି ଦେଇଥିଲେ। ପୌରାଣିକ ମତରେ ଦ୍ୱାପର ଯୁଗରେ ପ୍ରଳମ୍ବାସୁର ବଦ୍ଧ ପରେ ଶ୍ରୀ କୃଷ୍ଣ ବଡଭାଇ ବଳରାମଙ୍କୁ ପାଟବସ୍ତ୍ର ପରିଧାନ କରିବାକୁ ଦେଇଥିଲେ। ଏହାକୁ ଆଧାରକରି ଏହି ପରମ୍ପରା ଦୀର୍ଘବର୍ଷ ଧରି ହୋଇଆସୁଥିବା ମନ୍ଦିର ପ୍ରଶାସନ ସୂତ୍ରରୁ ପ୍ରକାଶ। ଶୋଭାଯାତ୍ରାରେ ଶ୍ରୀ ବଳଦେବଜୀଉ ମନ୍ଦିର ପରିଚାଳନା ପରିଷଦର ଟ୍ରଷ୍ଟର ସଭାପତି ନବକୃଷ୍ଣ ଜେନା, ଟ୍ରଷ୍ଟ ବୋର୍ଡ ସଭ୍ୟ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ପଣ୍ଡିତ ହୃଷିକେଶ ରଥ, ସଭ୍ୟ ତଥା ପୂର୍ବତନ ପୌରାଧକ୍ଷ ଧିରେନ କୁମାର ସାହୁ, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ଓ ବହୁ ସେବାୟତ, ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

# ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ'

**ବୁଗୁଡ଼ା :୨୬।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବୁଗୁଡା ଏନ୍ଏସି କ୍ଲଷ୍ଟର ପକ୍ଷରୁ ଆୟୋଜିତ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ଅବସରରେ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଏକ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଶିକ୍ଷାଠାରୁ ଦୂରେଇ ରହିଥିବା ୧୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ୧୨୦ ଜଣ ବ୍ୟକ୍ତି ପରୀକ୍ଷାର୍ଥୀ ଭାବେ ଅଂଶ ଗ୍ରହଣ କରିଥିଲେ। ଏନ୍ଏସି କ୍ଲଷ୍ଟର ସିଆରସିସି କିରଣ ବାଳା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପରୀକ୍ଷା କେନ୍ଦ୍ରରେ ନିରୀକ୍ଷକ ଭାବେ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ବେହେରା ଓ ସବିତା ରଶ୍ମି ସାହୁ ନିୟୋଜିତ ରହିଥିଲା ବେଳେ ପର୍ଯ୍ୟବେକ୍ଷକ ଭାବେ ବିଇଓ ଚିନ୍ମୟ ମହାପାତ୍ର ଯୋଗ ଦେଇଥିଲେ। ସେହିପରି ବୁଗୁଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା କେନ୍ଦ୍ର ଗୁଡିକରେ ୨ ହଜାରରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ଅଂଶ ଗ୍ରହଣ କରିଥିବା ଜଣାଯାଇଛି।

# ଆଧ୍ୟାତ୍ମିକ ଜୀବନ ଶାନ୍ତି ଆନନ୍ଦର ମୂଳ ଉତ୍ସ

**ଭୁବନେଶ୍ୱର ୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**




ଭାରତୀୟ ଷ୍ଟେଟ ବ୍ୟାଙ୍କ ପ୍ରାକ୍ତନ ଅଧିକାରୀମାନଙ୍କ ଦ୍ୱାରା ଗଠିତ ଗ୍ଲୋବାଲ ସ୍ପିରି ଟୁଆଲ ମିଶନର ମାସିକ ଆଲୋଚନା ଚକ୍ର ଭିଆଇପି କଲୋନୀ ସ୍ଥିତ ରାମ କୃଷ୍ଣ ମଠ ସଭା ଗୃହରେ ଡାକ୍ତର ସୁଶୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଓ ବକ୍ତା ଭାବେ ସୁସାହିତ୍ୟିକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ବିଭିନ୍ନ ଉଦାହରଣ ମାଧ୍ୟମରେ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକନନ୍ଦ, ଆଦିଗୁରୁ ଶଙ୍କରାଚାର୍ଯ୍ୟ, ମା' ସାରଦା ଦେବୀ ଆଦିଙ୍କ ଜୀବନଦର୍ଶ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରି ବେଦ ବେଦାନ୍ତ ଉପନିଷଦ ଓ ଅନ୍ୟାନ ଧର୍ମଗ୍ରନ୍ଥ ଆଦି ନିୟମିତ ପାଠ କଲେ ବ୍ୟକ୍ତିର ଜୀବନ ଆନନ୍ଦ ମୟ, ସୁସ୍ଥ ଓ ନିରାମୟ ହେବ ବୋଲି ମତ ପ୍ରକାଶ କରିଥିଲେ। ସମ୍ପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ସମାକାନ୍ତ ମିଶ୍ର ଆଧ୍ୟାତ୍ମିକ ଜୀବନର ବ୍ୟାଖ୍ୟା କରିବା ସହ ବରିଷ୍ଠ ନାଗରିକମାନେ ଏଥିପ୍ରତି ଯତ୍ନବାନ ହେବାକୁ ଆହ୍ୱାହଣ ଦେଇଥିଲେ। ବରିଷ୍ଠ ସଦସ୍ୟ ନାଟ୍ୟକାର ବିଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମୁରଲୀ ଧର ପଲାଇ କୃଷ୍ଣା ପଲାଇ ଜଗନ୍ନାଥ ସହସ୍ର ନାମ ପାଠ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ପ୍ରବୋଧ କୁମାର ମହାନ୍ତି, ବିଜୟ କୁମାର ଦାଶ, ବିଜୟ କୁମାର ବରାଳ, ଦୈତାରୀ ସେଠୀ ଆଦି ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ଟାଇକୋଣ୍ଡା ପ୍ରତିଯୋଗିତାରେ କେନ୍ଦ୍ରାପଡାକୁ ୬ସ୍ୱର୍ଣ୍ଣ ପଦକ

**କେନ୍ଦ୍ରାପଡ଼ା:୨୬।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟସ୍ତରୀୟ ୩୮ତମ ଟାଇକୋଣ୍ଡା ପ୍ରତିଯୋଗିତାରେ କେନ୍ଦ୍ରାପଡା ଟାଇକୋଣ୍ଡା ଆସୋସିଏସନର ୧୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ୬ଟି ସ୍ୱର୍ଣ୍ଣ, ୨ରୌପ୍ୟ ଏବଂ ୯ଟି ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଥିବା ସମ୍ପାଦକ କିଶୋର ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। କଟକସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଚଳିତମାସ ୨୨ ଓ ୨୩ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୪ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦେଇଥିଲେ। ଏଥିରେ କେନ୍ଦ୍ରାପଡାର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ୬ଜଣ ପ୍ରତିଯୋଗୀ ହେଉଛନ୍ତି ପ୍ରିତିମୟୀ ମହାନ୍ତି, ଲକ୍ଷ୍ମୀଧର ପାତ୍ର, ଦେବାଶିଷ ମଲିକ, ଗାୟତ୍ରୀ ସେଠୀ, ଆରିୟନ ଧଳ ଓ ବୈଷ୍ଣବୀ ପାତ୍ର। ରୌପ୍ୟ ପଦକ ହାସଲ କରିଥିବା ୨ଜଣ ହେଉଛନ୍ତି ଜ୍ୟୋତିର ଆଦିତ୍ୟ ସେଠୀ ଓ ଅଭିନବ ଦାସ। ବ୍ରୋଞ୍ଜ ପଦକ ହାସଲ କରିଥିବା ୯ଜଣ ହେଉଛନ୍ତି ଜନ୍ମେଜୟ ନାୟକ, ଓମ ଶାଇ ନାୟକ,କିର୍ତ୍ତୀ କୁମାର ସାହୁ, ଶକ୍ତି ପ୍ରସାଦ ସିଂ, ଶୁଭମ ମଲିକ, ଆୟୁଷ୍ମାନ ସାହୁ, ଶୁଭମ କୁମାର ଜେନା, ଆର.ଡି. ଶ୍ରେୟାଂଶ ଲେଙ୍କା ଓ ସ୍ୱସ୍ତିକରାଜ ସାହୁ ପ୍ରମୁଖ କେନ୍ଦ୍ରାପଡା ମାଟି ପାଇଁ ସୁନାମ ଆଣିଥିବାରୁ ଜିଲ୍ଲା ଟାଇକୋଣ୍ଡା ସଙ୍ଘର ସଭାପତି ବିମଲ କୁମାର ପଣ୍ଡା ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ପଣ୍ଡିତ କୃଷ୍ଣଚନ୍ଦ୍ର ଷଡଙ୍ଗୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରାଜନଗର:୨୬।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ କୁରୁଂଟି ପଞ୍ଚାୟତ ନୋଧାବସନ୍ତସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠରେ ପ୍ରଧାନ ପଣ୍ଡିତ କୃଷ୍ଣଚନ୍ଦ୍ର ଷଡଙ୍ଗୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ସଂସ୍କୃତ ଶିକ୍ଷକ ସଂଘ ଆନୁକୂଲ୍ୟରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂସ୍କୃତ ଶିକ୍ଷକ ସଂଘର ସଭାପତି ସୁବାଷଚନ୍ଦ୍ର ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ପଣ୍ଡିତ ଶ୍ରୀ ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ପ୍ରଧାନ ପଣ୍ଡିତ ଶରତକୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସତ୍ୟ ଶିବ ସୁନ୍ଦର ସଂସ୍କୃତ ବିଦ୍ୟାପୀଠର ପ୍ରଧାନ ପଣ୍ଡିତ ବଳରାମ ବାଗ, ସହକାରୀ ଶିକ୍ଷକ ଅନିରୁଦ୍ଧ ପ୍ରଧାନ, ନଳିନୀକାନ୍ତ କର, ଘନଶ୍ୟାମ ପରିଡା, ଅବସରପ୍ରାପ୍ତ ପଣ୍ଡିତ ନାରାୟଣ ପ୍ରଧାନ, ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା ଓ ଅଧ୍ୟାପକ ପ୍ରଦୀପ୍ତ ପାଲ ଯୋଗଦେଇ ଶ୍ରୀ ଷଡଙ୍ଗୀ ଜଣେ ଛାତ୍ର ବତ୍ସଳ, ମେଳାପି ଶିକ୍ଷକ ଭାବରେ ସମସ୍ତଙ୍କ ନିକଟରେ ଆଦରଣୀୟ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଧାନ ପଣ୍ଡିତ ଶ୍ରୀ ଷଡଙ୍ଗୀଙ୍କୁ ଛାତ୍ରଛାତ୍ରୀମାନେ ଉପଢୌକନ ପ୍ରଦାନ କରିଥିଲେ।

# ପୂଜା ମଣ୍ଡପ ବୁଲିଲେ ଜିଲ୍ଲାପାଳ ଓ ଏସ୍‌ପି

**ଯାଜପୁର:୨୬।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଗଣପର୍ବ କାଳୀପୂଜାର ପଞ୍ଚମ ସନ୍ଧ୍ୟାରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଓ ଏସ୍‌ପି ଯଶ ପ୍ରତାପ ଶ୍ରୀମାଲ୍ ସହରର ସମସ୍ତ ପୂଜା ମଣ୍ଡପ ବୁଲି ଦେଖିଥିଲେ। ପ୍ରଥମଥର କରି ଯାଜପୁର ଗଣପର୍ବ ଜିଲାପାଳ ଦେଖି ଖୁସି ଅନୁଭବ କରିବା ସହିତ ଯାଜପୁରରେ ନିଜର ଐତିହ୍ୟ ଓ ପରମ୍ପରା ଅଛି। ଯେଉଁଭଳି ଆଶା କରିଥିଲି ସେଭଳି ପାଇଲି। ଲୋକମାନେ ଭରପୁର ପୂଜାକୁ ଉପଭୋଗ କରୁଛନ୍ତି। ଦେଖି ବହୁତ ଖୁସି ଲାଗିଲା ବୋଲି ଜିଲାପାଳ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସହରର ସମସ୍ତ ସ୍ଥାନରେ ପୁଲିସ ମୁତୟନ କରାଯିବା ସହିତ ଲୋକମାନେ ସୁରୁଖୁରୁରେ ପୂଜା ମଣ୍ଡପ ବୁଲିବା ଦେଖି ଖୁସି ଅନୁଭବ କରିଥିଲେଲ ବୋଲି ଏସ୍‌ପି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ତହସିଲଦାର ରବି ପରିଡ଼ା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର, ବିଡିଓ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ ପ୍ରମୁଖ ପୂଜା ମଣ୍ଡପ ବୁଲିବା ସହ ମା' ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣଙ୍କୁ ଦର୍ଶନ କରିଥିଲେ।

# ବୁଗୁଡ଼ା-ଆସ୍କା ମୁଖ୍ୟ ରାସ୍ତା ମଝିରେ ବିପଦଜନକ ଖାଲ

**ବୁଗୁଡ଼ା:୨୬।୧୦ ଏକ୍ସପ୍ରେସ୍ ନ୍ୟୁଜ୍**




ବୁଗୁଡ଼ା-ଆସ୍କା ମୁଖ୍ୟ ସଡକର ବାଲିପଦର ଉପକଣ୍ଠସ୍ଥ ପେଟ୍ରୋଲ ପମ୍ପ ନିକଟ ସମ୍ମୁଖ ରାସ୍ତା ମଝିରେ ଥିବା ଦୁଇଟି ବଡ ଖାଲ ଅନେକ ଦୁର୍ଘଟଣାର କାରଣ ପାଲଟିଛି। ବାଲିପଦରଠାରୁ ଆସ୍କା ମଧ୍ୟରେ ଯାତାୟତ ବେଳେ ଏହି ଖାଲ ରାସ୍ତା ନିକଟରେ ସାମନା ପଟୁ ଆସୁଥିବା ଯାନବାହାନଠାରୁ ସୁରକ୍ଷିତ ମଣିବା କଷ୍ଟକର ହୋଇପଡୁଛି। ବିଶେଷକରି ବର୍ଷା କାଳରେ ପାଣି ଭର୍ତ୍ତି ଖାଲର ଗଭୀରତା ଜଣାପଡୁନଥିବାରୁ ଯାତାୟତ କରୁଥିବା ଯାନବାହାନର ଚାଳକମାନେ ଏହି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେବେ ସ୍ଥାନୀୟ ପୂର୍ତ୍ତ ବିଭାଗର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ବିପଦଜନକ ଖାଲ ଯୋଗୁଁ ସୃଷ୍ଟ ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ସାଧାରଣରେ ଦାବି ହେଉଛି।

# ମହିଳାଙ୍କ ବେକରୁ ଚେନ୍ ଝାମ୍ପି ନେଲେ

**ଯାଜପୁର:୨୬।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଦିନ ଦ୍ୱିପ୍ରହରରେ ଜନଗହଳିପୂର୍ଣ୍ଣ ରାସ୍ତାରେ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଅନ୍ତର୍ଧାନ ହୋଇଗଲେ ଲୁଟିଆ। ଏପରି ଘଟଣା ଯାଜପୁର ସଦର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଶନିବାର ୧୦ଟା ୪୫ ମିନିଟ୍ ସମୟରେ ସାନଭୁବନପୁର ଗ୍ରାମର ସ୍ମରଣୀକା ପ୍ରଧାନ ତାଙ୍କ ସ୍ୱାମୀ ବିନୟ ଭୂଷଣ ବିଶ୍ୱାଳଙ୍କ ସହିତ ବାପ ଘରକୁ ଯିବା ବାଟରେ ମହେଶ୍ୱରପୁର ଗ୍ରାମ ନିକଟରେ ପଛପଟୁ ଏକ କଳା ରଙ୍ଗର ପଲସର ମୋଟର ସାଇକେଲରେ ଦୁଇଜଣ ଲୁଟିଆ ଆସି ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇ ଜହଳ ଘାଟ ଆଡ଼କୁ ଦ୍ରୁତ ଗତିରେ ପଳାଇଯାଇଥିଲେ। ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଉଠା ଜଳସେଚନ କାର୍ଯ୍ୟକଳାପକୁ ନେଇ ଚାଷୀ ମହଲରେ ଅସନ୍ତୋଷ

**ଖଣ୍ଡପଡ଼ା:୨୬।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ହେକ୍ଟର ହେକ୍ଟର ଚାଷଜମି ଗୁଡିକୁ ଜଳସେଚିତ କରିବାର ମହତ ଲକ୍ଷ୍ୟ ନେଇ ଖଣ୍ଡପଡ଼ା ସହରର ତ୍ରିନାଥ ଛକସ୍ଥିତ ଏକ ଭଡାଘରେ ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟଟି ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଛି। ମାତ୍ର ଉକ୍ତ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀଙ୍କର କେତେବେଳେ ହେଲେ ଦେଖା ମିଳୁନଥିବାରୁ ବିଭିନ୍ନ ସମୟରେ ଅଭିଯୋଗ ନେଇ କାର୍ଯ୍ୟାଳୟକୁ ଆସୁଥିବା ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଚାଷୀମାନେ ନିରାଶ ହୋଇ ଫେରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିବର୍ଷ ଅନିୟମିତ ବୃଷ୍ଟିପାତ ସାଙ୍ଗକୁ ବର୍ଷା ପାଣି ଅଭାବରୁ ରବି ଓ ଖରିଫ ଫସଲ ପ୍ରଭାବିତ ହେବା ସହ ଶହଶହ ଚାଷୀ ପରିବାରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥାନ୍ତି। ଠିକଣା ସମୟରେ ଆବଶ୍ୟକ ପାଣି ଅଭାବରୁ ହେକ୍ଟର ହେକ୍ଟର ଚାଷ ଜମିରେ ଫସଲପାଟି ଉଜୁଡ଼ି ଯାଉଥିବା ବେଳେ ଉଠା ଜଳସେଚନ ବିଭାଗ କରୁଛି କ'ଣ? ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶଥାଉକି ଖଣ୍ଡପଡ଼ା ଉଠା ଜଳସେଚନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାଷ ଜମିଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣର ପାଣି ଯୋଗାଣ ନିମନ୍ତେ ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ପରି ଉଠା ଜଳସେଚନ ପଏଣ୍ଟ ଗୁଡିକ ସ୍ଥାପିତ ହୋଇଛି। ମାତ୍ର ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବରୁ ଏକାଧିକ ଉଠା ଜଳସେଚନ ପଏଣ୍ଟ ଗୁଡିକ ବର୍ଷ ବର୍ଷ ଧରି ଅଚଳ ଅବସ୍ଥାରେ ପଡିରହିଛି। ବାରମ୍ବାର ଦାବି ଓ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ ଅଚଳ ଅବସ୍ଥାରେ ପଡି ରହିଥିବା ଜଳସେଚନ ପଏଣ୍ଟ ଗୁଡିକୁ କାର୍ଯ୍ୟକ୍ଷମ କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଓ ଉଚ୍ଚ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନଥିବା ଅଭିଯୋଗ ହେଉଛି। ଅପରପକ୍ଷେ ଉଠା ଜଳସେଚନ ପଏଣ୍ଟ ଜରିଆରେ ଚାଷ ଜମିଗୁଡିକ ଜଳସେଚିତ ହେଉଛି ବୋଲି କାଗଜପତ୍ରରେ ଦର୍ଶାଇ ବିଭାଗୀୟ କର୍ତ୍ତୃପକ୍ଷ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରୁଥିବା ଅଭିଯୋଗ ହେଉଛି। ଖଣ୍ଡପଡା ବ୍ଲକର କୃଷିପ୍ରଧାନ ଅଞ୍ଚଳ ରୂପେ ପରିଚିତ ବୋଦସା ପଞ୍ଚାୟତରେ ଉଠା ଜଳସେଚନ ବିଭାଗର ପାରିବାର ପଣିଆ ପଦାରେ ପଡିଛି। ବୋଦସା ପଞ୍ଚାୟତ ପାର୍ଶ୍ୱ ଦେଇ ପ୍ରବାହିତ କୁସୁମୀ ନଦୀ ପଠାରେ ସ୍ଥାନୀୟ ଅଞ୍ଚଳର ଚାଷଜମି ଗୁଡିକୁ ଜଳସେଚନ ସୁବିଧା ଯୋଗାଇଦେବାର ଲକ୍ଷ୍ୟ ନେଇ ୨୦୧୮ ମସିହାରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ମାତ୍ର ଗତ ୪ ବର୍ଷ ତଳେ ଉଠା ଜଳସେଚନ ପ୍ରକଳ୍ପକୁ ସଂଯୋଗ କରୁଥିବା ବିଦ୍ୟୁତ ଖୁଣ୍ଟରୁ ଦୁର୍ବୃତ୍ତମାନେ ତାର ଚୋରି କରିନେବା ଫଳରେ ପ୍ରକଳ୍ପଟି ଅଚଳ ହୋଇ ପଡିଥିଲେ ହେଁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ନଦେଇ ନୀରବଦ୍ରଷ୍ଟା ସାଜିଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ବୋଦସା ପଞ୍ଚାୟତର ବିଜୁ ସେତୁ ନିକଟରେ ଅବସ୍ଥିତ ଉଠା ଜଳସେଚନ ପ୍ରକଳ୍ପ ବିଦ୍ୟୁତ ତାର ଚୋରି ଯୋଗୁଁ ଅଚଳ ଅବସ୍ଥାରେ ପଡି ରହିଥିବା ଜଣାପଡିଛି। ଫଳରେ ବୋଦସା ପଞ୍ଚାୟତର ଶହଶହ ଏକର ଚାଷ ଜମି ଜଳସେଚନ ସୁବିଧାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ଅଚଳ ଅବସ୍ଥାରେ ଥିବା ପ୍ରକଳ୍ପ ଗୁଡିକୁ କାର୍ଯ୍ୟକ୍ଷମ କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେଉନଥିବା ବେଳେ ବୋଦସା ପଞ୍ଚାୟତ ସରପଞ୍ଚ ପୁଷ୍ପାଞ୍ଜଳି ରାଉତ ଏ ସଂପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ନୂତନ ପ୍ରକଳ୍ପ ନିର୍ମାଣ ଓ ପୁରାତନ ପ୍ରକଳ୍ପର ପୁନରୁଦ୍ଧାର ନିମନ୍ତେ ବିପୁଳ ପରିମାଣର ଅନୁଦାନ ଅର୍ଥ ବ୍ୟୟ ହେଉଥିଲେ ହେଁ ଏହାର ସୁଫଳ ସାଧାରଣରେ ଉପଲବ୍ଧ ନହେବା ପରିତାପର ବିଷୟ ଅଟେ। ଖଣ୍ଡପଡ଼ା ଉଠା ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ନିବାରଣ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No. 8207,date- 24-10- 2025. I Suryakanti Bardhan,W/O-Bikram Kumar Sahani, Vill-Balarampur,P.O.-Kurunti,P.S.- Rajnagar, Dist- Kendrapara, State-Odisha, PIN- 754225,declare that, I have changed my minor son's name from Mihir Sahani to Mahiri Sahani.Henceforth, "he shall be known as Mahiri Sahani for all purposes.

S/d-
Suryakanti Bardhan

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

କେନ୍ଦ୍ରାପଡ଼ା | ପୃଷ୍ଠା : ୭

● ୨୭ ଅକ୍ଟୋବର ୨୦୨୫ ● ସୋମବାର


## ନିର୍ମାଣଧୀନ ଛାତରୁ ଖସି ଆହତ ଶ୍ରମିକଙ୍କ ମୃତ୍ୟୁ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତପୁର ଥାନା ନିକଟସ୍ଥ କଟକ ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ନିର୍ମାଣଧୀନ ଏକ ୪ ମହଲା କୋଠାର ସିଡ଼ିରୁ ଖସିପଡ଼ି ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମୃତ ଶ୍ରମିକ ହେଲେ ପଶ୍ଚିମବଂଗ ରାଜ୍ୟ ମେଦିନୀପୁର ଜିଲ୍ଲା ଖେଜୁରୀ ଥାନା ଅନ୍ତର୍ଗତ ଉତ୍ତରଶ୍ୟାମପୁର ଅଂଚଳର ପ୍ରବୀର ସିଂ (୪୦) । ସୂଚନା ମୁତାବକ, ଜଗତପୁର ଥାନା ନିକଟସ୍ଥ କଟକ ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଜନୈକ ବ୍ୟକ୍ତିଙ୍କ ଏକ ୪ ମହଲା କୋଠା ନିର୍ମାଣ କାର୍ଯ୍ୟ ଚାଲୁଅଛି । ମୃତ ପ୍ରବୀର ଏହି ନିର୍ମାଣ କାର୍ଯ୍ୟରେ ଜଣେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ । ଗତକାଲି ସନ୍ଧ୍ୟା ସମୟରେ କୋଠା ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ କୌଣସି କାରଣରୁ ପ୍ରବୀର ସିଡ଼ିରୁ ଖସି ପଡ଼ିଥିଲେ । ତାଙ୍କୁ ଚିକିତ୍ସା ନିମନ୍ତେ ତୁରନ୍ତ ଏକ ଘରୋଇ ହସପିଟାଲକୁ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ମୃତ ପ୍ରବୀରଙ୍କ ଭାଇ ସୁଜିତ ସିଂ ଥାନାରେ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉକି, ୪ ମହଲା କୋଠା ନିର୍ମାଣ ଚାଲୁଥିବା ସମୟରେ ଶ୍ରମିକଙ୍କ ସୁରକ୍ଷାକୁ ସଂପୂର୍ଣ୍ଣ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି । ଶ୍ରମିକଙ୍କ ନିମନ୍ତେ ସେଫ୍ଟି ବେଲ୍ଟ ଓ କୌଣସି ସୁରକ୍ଷା ସଂରଜାମର ବ୍ୟବସ୍ଥା ନଥିବା ଅଭିଯୋଗ ହୋଇଛି । ସହରରେ ଏଭଳି ଅନେକ କୋଠା ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲୁଥିବାବେଳେ ଶ୍ରମିକମାନେ ଅସୁରକ୍ଷିତ ଭାବେ ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି ।

## ସ୍ୱତନ୍ତ୍ର ଶିକ୍ଷଣ ଅକ୍ଷମତା ପଦଯାତ୍ରା

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ବିଦ୍ୟାଳୟ ଶିକ୍ଷ୍ୟା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଭୁବନେଶ୍ୱରଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟଙ୍କ ତତ୍ତ୍ୱାବଧାନରେ ସମଗ୍ର ଶିକ୍ଷା, ଖୋର୍ଦ୍ଧା ଆନୁକୁଲ୍ୟରେ ଅନ୍ତଃ ନିବେଶି ଶିକ୍ଷା ବିଭାଗ ଆନୁକୂଲ୍ୟରେ ସଂଯୋଜିକା ଶ୍ରୀମତୀ ପୁଷ୍ପମିତ୍ର ମିଶ୍ରଙ୍କ ପୌରହିତ୍ୟରେ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧାର ନାଲି ରଙ୍ଗର ଗଣ ବେଶ ପରିଧାନ କରିଥିବା ସମସ୍ତ ଛାତ୍ରୀମାନଙ୍କୁ ନେଇ ଶିକ୍ଷଣ ଅକ୍ଷମତା ଉପରେ ଏକ ପଦଯାତ୍ରା ଅୟୋଜନ କରଯାଇଥିଲା । ଏହି ପଦଯାତ୍ରାକୁ ଜିଲ୍ଲା ସୁଚନା ଓ ଲୋକ ସେବା ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଶର୍ମିଷ୍ଠା ଜେନା ଓ ସଂଯୋଜିକା ଶ୍ରୀମତି ପୁଷ୍ପମିତ୍ର ମିଶ୍ର ପତାକା ଦେଖାଇ ଉଦ୍ଘାଟନ କରିଥିଲେ । ଏହା ପୂର୍ବରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧାର ପରିସର ମଧ୍ୟରେ ସମସ୍ତ ଛାତ୍ରୀମାନଙ୍କ ପ୍ରାର୍ଥନା ସଭାରେ ସଂଜୋଯିକା ତାଙ୍କ ଉଦବୋଧନରେ କହିଥିଲେ ଯେ ଏହି ଭଳି ସମସ୍ୟା ଦ୍ୱାରା ଛାତ୍ରଛାତ୍ରୀ ଓ ବ୍ୟକ୍ତି ବିଶେଷମାନେ ପଢ଼ିବାରେ, ଲେଖିବାରେ ଓ ଗାଣିତିକ ସମାଧାନ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ପ୍ରକାର ସମସ୍ୟା ସେମାନଙ୍କର ମସ୍ତିଷ୍କ ଗଠନ ଓ କାର୍ଯ୍ୟର ବ୍ୟତିକ୍ରମ ଯୋଗୁଁ ସୃଷ୍ଟି ହୋଇଥାଏ । ଅନ୍ୟତମ ଅତିଥି ଖୋର୍ଦ୍ଧା ଜିଲ୍ଲାର ମନୋବିଜ୍ଞାନୀ ଶ୍ରୀମତୀ ଶୁଭଶ୍ରୀ ପଶ୍ଚିମକବାଟ ଜିଲ୍ଲା ସୁରକ୍ଷା ବିଭାଗ ତରଫରୁ ଆସି ଯୋଗଦାନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଏହା ହେଉଛି ଏକ ଜୀବନବ୍ୟାପୀ ସମସ୍ୟା । ଏହା ସାମାଜିକ ଜୀବନରେ ଓ ଦୈନନ୍ଦିନ ନିତ୍ୟକର୍ମ କରିବାରେ ଅଧିକ ପ୍ରଭାବ ପକାଇ ଛାତ୍ରଛାତ୍ରୀମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ବାଧକ ସୃଷ୍ଟି କରିଥାଏ । ତେଣୁ ସମସ୍ତ ଛାତ୍ରଛାତ୍ରୀ ଓ ବ୍ୟକ୍ତି ବିଶେଷ ଏହିପରି ସମସ୍ୟାର ସମ୍ମୁଖୀନ ହେବା ସତ୍ତ୍ୱେ ସେମାନଙ୍କ ମଧ୍ୟରେ ଥିବା ସାମର୍ଥ୍ୟ ଅଛି ବୋଲି ଅନୁଭବ କରିବା ଉଚିତ୍ ବୋଲି କହିଥିଲେ । ଏହି ସବୁ ସମସ୍ୟା ଥିବା ସତ୍ତ୍ୱେ ବହୁ ବିଶିଷ୍ଟ ବ୍ୟକ୍ତି ଯେପରିକି ଆଲବର୍ଟ ଆଇନ୍ ଷ୍ଟାଇନ୍, ବେଲ୍ ଗ୍ରିଟ୍ସ, ଅଭିଷେକ ବଚ୍ଚନ ଓ ସନୀ ଦେଓଲ୍ ଇତ୍ୟାଦିମାନଙ୍କର ଉଦାହରଣ ପିଲାମାନଙ୍କୁ କହିଥିଲେ । ଏହି ଶିକ୍ଷଣ ଅକ୍ଷମତା କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷକ ଅଗାଧୁ ସେଠୀ, ସିଆରସିସି ମନୋଜ ଦାଶ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାର ସମସ୍ତ ଶିକ୍ଷୟତ୍ରୀ, ଜଟଣୀ, ଖୋର୍ଦ୍ଧା, ବେଗୁନିଆ, ଓ ଟାଙ୍ଗୀ ବ୍ଲକର ସମସ୍ତ ସମ୍ବଳ ଶିକ୍ଷକ ଓ ଖୋର୍ଦ୍ଧା ଜିଲ୍ଲାର ପୋଲିସ କର୍ମଚାରୀ, ଟ୍ରାଫିକ କର୍ମଚାରୀ ପ୍ରମୁଖ ଏହି ପଦଯାତ୍ରାକୁ ପରିଚାଳନା କରିଥିଲେ । ଶେଷରେ ଅତିରିକ୍ତ ଶିକ୍ଷା ଅଧିକାରୀ ଧନ୍ୟବାଦ ଦେଇଥିଲେ ।

## ସୁକିନ୍ଦା ଓ ଦାନଗଦିରେ ମିଳିବ ପୋଷଣଯୁକ୍ତ ଚାଉଳ

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲାର ସୁକିନ୍ଦା ଓ ଦାନଗଦି ବ୍ଲକ ଅଞ୍ଚଳର ହିତାଧିକାରୀମାନଙ୍କ ପାଇଁ ଖୁସିର ଖବର । ରାଜ୍ୟ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ତିନି ମାସ ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ପାଇଁ ପୋଷଣଯୁକ୍ତ ଚାଉଳ ବଣ୍ଟନ କରିବାକୁ ନିଷ୍ପତ୍ତି ନେଇଛି । ଏହା ଫଳରେ ସୁକିନ୍ଦା ଓ ଦାନଗଦି ବ୍ଲକର ହଜାର ହିତାଧିକାରୀ ରାସନ୍ ଦୋକାନ ମାଧ୍ୟମରେ ମାଗଣାରେ ଏହି ପୋଷଣଯୁକ୍ତ ଚାଉଳ ଉପଲବ୍ଧ ପାଇବେ । ସରକାରଙ୍କ ନିର୍ଦ୍ଦେଶାନୁସାରେ ପ୍ରତ୍ୟେକ ହିତାଧିକାରୀ ପାଇଁ ମାସକୁ ୫ କିଲୋଗ୍ରାମ ହାରରେ ତିନିମାସ ପର୍ଯ୍ୟନ୍ତ ଚାଉଳ ବଣ୍ଟନ ହେବ । ଏହାକୁ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀଧର ନାୟକ ୧୯ ଜିଲ୍ଲାର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ୧୯ ଜିଲ୍ଲା ମଧ୍ୟରେ ଯାଜପୁର ମଧ୍ୟ ଥିବା ବେଳେ, ଏଠାର ସୁକିନ୍ଦା ଓ ଦାନଗଦି ଅଞ୍ଚଳରେ ଅଧିକାଂଶ ଲୋକ ଏନ୍‌ଏଫ୍‌ଏସ୍‌ଏ ଓ ଏସ୍‌ଏଫ୍‌ଏସ୍‌ଏସ୍ ଯୋଜନାର ହିତାଧିକାରୀ ହେଉଥିବାରୁ ଅନେକ ପରିବାର ଏହାର ଲାଭ ନେବେ । ସୁକିନ୍ଦା ଅଞ୍ଚଳରେ ଅନୁମାନିତ ୩୨,୦୦୦ ପରିବାର ଓ ଦାନଗଦି ବ୍ଲକରେ ପ୍ରାୟ ୨୭,୦୦୦ ପରିବାର ଏହି ଯୋଜନା ଅଧୀନରେ ରହିଥିବାରୁ, ମୋଟ ୫୯,୦୦୦ରୁ ଅଧିକ ପରିବାର ପୋଷଣଯୁକ୍ତ ଚାଉଳରେ ଲାଭ ପାଇବେ ବୋଲି ଅନୁମାନ । ଖାଦ୍ୟ ବିଭାଗ ସୂତ୍ର ଅନୁସାରେ, ଏହି ଚାଉଳ ଫର୍ଟିଫାଏଡ୍ ରାଇସ୍ ଥିବାରୁ ତାହାରେ ଇରନ, ଭିଟାମିନ୍ ବି-୧୨ ଓ ଫୋଲିକ୍ ଏସିଡ୍ ଯୋଗୁ ପୋଷକ ମୂଲ୍ୟ ବଢ଼ିଥାଏ । ଗ୍ରାମୀଣ ଅଞ୍ଚଳରେ ପୋଷଣ ଅଭାବ ଓ ଅନିମିଆ ଯୋଗୁ ହେଉଥିବା ଅସୁସ୍ଥତାକୁ ଦୂର କରିବା ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ । ଯାଜପୁର ଜିଲା ଖାଦ୍ୟ ଅଧିକାରୀ କହିଛନ୍ତି, "ସୁକିନ୍ଦା ଓ ଦାନଗଦିର ସମସ୍ତ ରାସନ୍ ଦୋକାନରେ ଚାଉଳ ପହଞ୍ଚିବା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ହିତାଧିକାରୀମାନେ ଏବେ ଏପିଓଏସ୍ ମାଧ୍ୟମରେ ଚାଉଳ ନେଇପାରିବେ ।" ସ୍ୱତନ୍ତ୍ର ସଚିବଙ୍କ ପତ୍ରରେ ସଂପୃକ୍ତ ସମସ୍ତ ଜିଲାପାଳମାନଙ୍କୁ ଦର୍ଶାଇଛନ୍ତି ଯେ, ଏହି ବଣ୍ଟନ ଯାହା ମାଗଣା ହେଲେ ମଧ୍ୟ, ତାହା ସଠିକ୍ ରେକର୍ଡ ଓ ଇ-ପିଓଏସ୍ ମାଧ୍ୟମରେ ଲିଙ୍କ୍ ହେବା ଆବଶ୍ୟକ । ସେହିପରି, ଷ୍ଟକ୍ ରେକର୍ଡ ଓ ବଣ୍ଟନ ତଥ୍ୟ ରିଅଲ୍ ଟାଇମ୍‌ରେ ସର୍ଭରରେ ଅପଲୋଡ୍ ହେବାକୁ ପଡ଼ିବ । ସରକାରଙ୍କ ଏହି ପଦକ୍ଷେପ ଯାଜପୁର ଜିଲ୍ଲାର ଗ୍ରାମୀଣ ଅଞ୍ଚଳରେ ପୋଷଣ ସୁରକ୍ଷା ଓ ଖାଦ୍ୟ ସାମାଜିକ ନ୍ୟାୟ ଦିଗରେ ଗୁରୁତ୍ୱପୂର୍ଣ୍ଣ ଅଭିନବ ଉଦ୍ୟମ ଭାବେ ଦେଖାଯାଉଛି ।

## ଯୋଗଧାରୀ ହତ୍ୟା ଘଟଣାରେ ୨ ଗିରଫ

**ଜଗତସିଂହପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ବହୁଚର୍ଚ୍ଚିତ ଯୋଗଧାରୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅପରାଧୀଙ୍କୁ ଧରିବାରେ ଜଗତସିଂହପୁର ପୋଲିସକୁ ମିଳିଛି ସଫଳତା । ଦୁଇଦିନ ତଳେ ବିଳମ୍ବିତ ରାତିରେ ଯୋଗଧାରୀରେ ଘଟିଥିବା ଜ୍ଞାନରଞ୍ଜନ ପୋଥାଳ ନାମକ ଜଣେ ଯୁବକକୁ ହତ୍ୟା କରିଥିବା ଆସାମୀମାନଙ୍କୁ ଜଗତସିଂହପୁର ପୋଲିସ ଧରିବାରେ ସଫଳ ହୋଇଛି । ବଳରାମପୁର ପଞ୍ଚାୟତ ଗୋପ ଗ୍ରାମର ଜ୍ଞାନରଞ୍ଜନ ଯୋଗଧାରୀ ଛକରେ ଥିବା ନିଜର ପାନ ଦୋକାନଙ୍କୁ ବନ୍ଦ କରି ଘରକୁ ଯାଉଥିବା ସମୟରେ ତାଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରି ହତ୍ୟା କରାଯାଇଥିଲା । ଯାହାକୁ ନେଇ ଜଗତସିଂହପୁର ପୋଲିସ ତତ୍ପର ହୋଇ ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୁଇଜଣ ଯୁବକଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଏକ ଖଣ୍ଡା ଓ ଏକ ବୁଲେଟ ଗାଡି ଜବତ କରିଛନ୍ତି । ଗିରଫ ଯୁବକ ହେଲେ ଜଗତସିଂହପୁର ଥାନା ଅଧିନ ଅଭିଧିଆନନ୍ଦପୁର ଗ୍ରାମର କାର୍ତ୍ତିକ ନାୟକ ଓ ନାଉଗାଁ ଥାନା ଅଧିନ ଚକୁଳିଆପଡା ଗ୍ରାମର ସବ୍ୟସାଚୀ ରାଉତରାୟ । ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଆସାମୀଙ୍କ ଗିରଫ ସମ୍ପର୍କରେ ସୂଚନା ଦେଇଛନ୍ତି ।

## ପ୍ରତିଶ୍ରୁତିକୁ ବର୍ଷେ ପୂରିଲା: ଛେନା ଓ ପାନ ପିଣ୍ଡି କେବେ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**



କଟକ ଜିଲ୍ଲା ନିଆଳି ବ୍ଲକ୍ ସାରା ଜିଲ୍ଲା ଓ ରାଜ୍ୟରେ ପ୍ରସିଧ ଲାଭ କରିଛି ନିଆଳିର ପାନ ଓ ଛେନା ପାଇଁ । ଏମିତିକି ନିଆଳିର ଛେନା ପାନ ଯୋଗୁ ନିଆଳି ବେଶ ପରିଚିତ । ନିଆଳିର ସାପ୍ତାହିକ ହାଟ ଗୁରୁବାର, ରବିବାର ସକାଳୁ ସକାଳୁ ହଜାର ହଜାର ପାନ ଚାଷୀ ପାନ ଆଣି ଗଦାଇଥାନ୍ତି । ଏହି ପାନକୁ ନେବା ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରୁ ବେପାରୀମାନେ ଅପେକ୍ଷା କରି ରହିଥାନ୍ତି । ଚାଷୀମାନେ ପାନ ଗଦା ରଖିବା ନିମନ୍ତେ ନା ସେମାନଙ୍କ ପାଇଁ ଅଛି ପିଣ୍ଡି ନା ଅନ୍ୟ କେଉଁ ବ୍ୟବସ୍ଥା । ସେମାନଙ୍କ ପାଇଁ ସାହାରା ପାଲଟିଥାଏ ଫୁଲ ନଖରା-ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ । ସାମାନ୍ୟ ଟିକେ ବର୍ଷା ହେଲେ ନିଆଳି ବଜାର ଓ ସାପ୍ତାହିକ ହାଟ ସତେ ଯେମିତି ସୃଷ୍ଟି କରେ ପୋଖରୀର ଭ୍ରମ । ଆଣ୍ଠୁଏ ଉଚ୍ଚର ପାଣି ଛିଡା ହୋଇ ପାନ ଭାସିଯାଉଥିବା ସତ୍ତ୍ୱେ ଚାଷୀମାନେ ବେପାରୀଙ୍କୁ ପାନ ବିକ୍ରି କରିବାରେ ବ୍ୟସ୍ତ ରହିଥାନ୍ତି । ବିଭିନ୍ନ ସମୟରେ ନେତାଙ୍କ ପ୍ରତିଶୃତି ପାନ ଚାଷୀଙ୍କ ପାଇଁ କରାଯିବ ପିଣ୍ଡି । ପ୍ରତି ୫ ବର୍ଷରେ ନେତା ବଦଳନ୍ତି ସତ ହେଲେ ପ୍ରତିଶୃତି, ପ୍ରତିଶୃତି ହେଇ ରହିଯାଏ । ସେହିଭଳି ନିଆଳିର ପ୍ରସିଦ୍ଧ ଛେନା ବ୍ୟବସାୟୀଙ୍କ ପାଇଁ ବିକ୍ରି କରିବା ପାଇଁ ନା କରାଯାଇଛି ଘରର ବ୍ୟବସ୍ଥା ନା ପିଣ୍ଡି । ଖରା ବର୍ଷାରେ ଛିଡା ହୋଇ ବେହେରା ଭାଇମାନେ ଖୋଲା ଆକାଶ ତଳେ ଛେନା ବେପାର କରିଥାନ୍ତି । ସାରା ନିଆଳିର ଛେନା ବେପାରୀ ନିମନ୍ତେ ସବୁଠୁ ବଡ଼ ପେଣ୍ଠସ୍ଥଳୀ ପାଲଟି ଥାଏ ଜଲାରପୁର ଛକ । ନିଆଳି ବ୍ଲକ୍‌ର ବିଭିନ୍ନ ପଂଚାୟତରୁ ଶତାଧିକ ବେହେରା ଭାଇମାନେ ବିକ୍ରି କରିବା ନିମନ୍ତେ ପ୍ରସ୍ତୁତ କରିଥିବା ଛେନାକୁ ଆଣି ବେପାରୀମାନଂକୁ ଅପେକ୍ଷା କରିଥାନ୍ତି । ସେ ଖରା, ବର୍ଷା ଶୀତ ଯାହା ବି ହେଉ କୁଇଣ୍ଟାଲ କୁଇଣ୍ଟାଲ ଛେନା ଧରି ଖୋଲା ଆକାଶ ତଳେ ଛିଡା ହୋଇଥାନ୍ତି । ଛେନା ଓ ପାନ ବ୍ୟବସାୟୀଙ୍କ ଦୁଃଖକୁ ଦେଖି ନିଆଳି ବିଧାୟକ ଛବି ମଲିକ୍ ଏକ ବର୍ଷ ତଳେ ନିଆଳି ବଜାର ଥିବା ଏକ ଘରୋଇ ମଣ୍ଡପରେ ତହସିଲଦାର ଓ ଅନ୍ୟ ପ୍ରଶାସନକୁ କହି ଜାଗା ଚିହ୍ନଟ କରିବା ସହ ଜାଲାରପୁରରେ ଛେନା ପାଇଁ ପିଣ୍ଡି ଓ ନିଆଳୀରେ ପାନ ପିଣ୍ଡି ନିର୍ମାଣ ପାଇଁ ପ୍ରତିଶୃତି ଦେଇଥିଲେ । ହେଲେ ପ୍ରତିଶୃତି କେବଳ ପ୍ରତିଶୃତିରେ ରହିଯାଇଛି । ଏବେ ଉଭୟ ଚାଷୀ ଓ ବେପାରୀଙ୍କ ପ୍ରଶ୍ନ କେବେ ହେବ ପିଣ୍ଡି ?

## ରାସ୍ତା ଉପରେ କରିଥିବା ଢଳେଇ ଭାଙ୍ଗିଲା ପ୍ରଶାସନ



**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ପ୍ରଶାସନ ଏବେ ଅଁଳା ନବମୀ ଯାତ୍ରା ପାଇଁ ବଡ ଚଳଚଞ୍ଚଳ ହୋଇପଡିଛି । ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ଥାନା ଅଧିକାରୀ ବିଜୟ କେତନ ବେହେରା ଏବେ ଆକ୍ସନ ମୋଡରେ ରହିଛନ୍ତି । ବସଷ୍ଟାଣ୍ଡଠାରୁ ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ପ୍ରଥମେ ଛାମୁଣ୍ଡିଆ ହୋଡିଂ ଓ ବିଭିନ୍ନ ଲାଇଟ୍ ଉଠାଇଲା ପରେ ସରକାରୀ ରାସ୍ତା ଉପରେ ଥିବା ପିଣ୍ଡା, ପାହାଚ ସିମେଣ୍ଟ ଢଳେଇ କରି ରାସ୍ତା ଗାଡ଼ି ମଟର ବା ଉଠା ଦୋକାନୀମାନେ ବସୁଥିଲେ । ସେଗୁଡିକ ଏବେ ଜେସିବ ମେସିନ ଲଗାଇ ଭାଙ୍ଗି ଦେବା ସହ ଗୋଡ଼ି ସିମେଣ୍ଟ ଢଳେଇ ଗୋଡିଗୁଡ଼ିକ ଉଠେଇ ନେଇଛି । ଯାହାକୁ ନେଇ ସତ୍ୟବାଦୀରେ ଏବେ ବେଶ୍ ଆଲୋଚନାର ବିଷୟ ହୋଇପଡିଛି । ବ୍ୟବସାୟୀମାନେ ଏବେ ଚିନ୍ତାରେ ପଡ଼ି ଯାଇଛନ୍ତି । ଯେଉଁପରି ଭାବେ ପ୍ରଶାସନ ଆକ୍ସନ ମୁଡ଼ରେ ରହିଛି କେଉଁ ସମୟରେ କଣ କରୁଛି ତାହା କହିବା କଷ୍ଟକର ହୋଇପଡିଛି । ଅନ୍ୟପକ୍ଷରେ ବ୍ୟବସାୟୀମାନେ କହିଛନ୍ତି ଆମେ ଏଥର ଭୋଟ ଦେଇଛୁ ଅଁଳା ନବମୀ ଯାତ୍ରାରେ ଭୋଗିବାକୁ ପଡୁଛି । ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ଥିବା ବହୁ ପୁରାତନ କୋଠା ଏପରିକି ବିପଦପୂର୍ଣ୍ଣ ଘୋଷଣା କରାଯାଇଥିଲା । ତାହା ଏବେ ସତ୍ୟବାଦୀ ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ମାଟିରେ ମିଶାଇ ଦିଆଯାଇଛି ।

## ସାମ୍ବାଦିକଙ୍କ ବାଇକ ଚୋରି

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଉପକଣ୍ଠ ଉଇଲକିଶନ ନଗର ସ୍ଥିତ ଏକ ଖବରକାଗଜ କାର୍ଯ୍ୟାଳୟ ଆଗରୁ ଏକ ବାଇକକୁ ଦୁର୍ବୃତ୍ତ ଚୋରି କରିନେଇଛନ୍ତି । ଏନେଇ ଗାଡି ମାଲିକ ତଥା ସାମ୍ବାଦିକ ମନୋରଞ୍ଜନ ପ୍ରଧାନ ଶିଶୁପାଂଚଳ ଥାନାରେ ଅଭିଯୋଗ କରିଛନ୍ତି । ମନୋରଞ୍ଜନ ଏକ ଦୈନିକ ଖବର କାଗଜରେ କାମ କରୁଥିବାବେଳେ ଗତକାଲି ରାତିରେ ନିଜ ଗାଁରେ କରିଥିବା ଅଫିସ ଆଗରେ ଗାଡି ରଖି ଭିତରେ କାମ କରିବା ପରେ ଶୋଇପଡିଥିଲେ । ମାତ୍ର ବାହାରେ ଥିବା ଓଆର.୦୨ବିୟୁ-୯୨୧୨ ନଂ ବିଶିଷ୍ଟ ଏକ ବାଇକକୁ କେହି ଦୁର୍ବୃର୍ତ୍ତ ରାତିରେ ଚୋରି କରିନେଇଛି । ସକାଳୁ ଅଫିସ ଆଗରେ ଗାଡି ନଦେଖି ଏଣେତେଣେ ଖୋଜି ନପାଇବାରୁ ଶେଷରେ ଥାନାରେ ଏନେଇ ଅଭିଯୋଗ କରିଛନ୍ତି । ଅଭିଯୋଗ ଉପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି ।

## ଆବାସ ଯୋଜନା ହିତାଧିକାରୀଙ୍କ ନୂତନ ଗୃହ ପ୍ରବେଶ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ରେ ଯେଉଁ ଯୋଗ୍ୟ ହିତାଧିକାରୀମାନେ କାର୍ଯ୍ୟାଦେଶ ପାଇ ନିଜର ପକ୍କାଘର ସମ୍ପୂର୍ଣ୍ଣ କରିଛନ୍ତି ସେମାନଙ୍କୁ ଏକ ସ୍ୱତନ୍ତ୍ରୀ ଉତ୍ସବ ଆୟୋଜନ କରାଯାଇ ନୂତନ ଘରେ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଯାଇଛି । ବିଭିନ୍ନ ୱାର୍ଡରୁ ଚୟନ ହୋଇଥିବା ୧୦ଜଣ ଆବାସ ଯୋଜନା ହିତାଧିକାରୀଙ୍କୁ ନଗରପାଳ ଶ୍ରୀମତୀ ମାଣିକ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥାନୀୟ କାଉନସିଲମାନଙ୍କ ଉପସ୍ଥିତି ଓ ଏନ୍.ଏ.ସି କର୍ମଚାରୀମାନଙ୍କ ଉପସ୍ଥିତିରେ ଗୃହ ପ୍ରବେଶ କରାଇଥିଲେ । ହିତାଧିକାରୀଙ୍କ ଘରକୁ ଫୁଲମାଳରେ ସଜାଇବା ସହ ଝୋଟି ଚିତା ବସାଇ ଶୁଭ କଳସ ବସାଇ ଧୂପଦୀପ ଦେଇ ପୂଜାର୍ଚ୍ଚନା କରି ନଗରପାଳ ଗୃହକର୍ତ୍ତାଙ୍କୁ ଗୃହପ୍ରବେଶ କରାଇଥିଲେ । ଏନ୍.ଏ.ସି ପକ୍ଷରୁ ଏହି ଅବସରରେ ଗୃହ କର୍ତ୍ତା ଏବଂ ତାଙ୍କ ପରିବାରବର୍ଗଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏହି ସ୍ୱତନ୍ତ୍ର ଗୃହପ୍ରବେଶ ଉତ୍ସବରେ ଗୃହ ପ୍ରବେଶ କରିଥିବା ହିତାଧିକାରୀମାନେ ହେଲେ ୱାର୍ଡ ନଂ-୭ର ବିପିନି ସାମଲ, ୱାର୍ଡ ନଂ-୯ର ଚନ୍ଦ୍ରମଣି ପୃଷ୍ଟି, ୱାର୍ଡ ନଂ-୧୦ ସଂଯୁକ୍ତା ସାମଲ, ୱାର୍ଡ ନଂ-୧୧ ବିଦ୍ୟାଧର ରଣା ଓ ପ୍ରତାପ ରଣା, ୱାର୍ଡ ନଂ-୧୩ ରମେଶ ଚନ୍ଦ୍ର ସ୍ୱାଇଁ ଓ ବିଜୟ ମଙ୍ଗୁଆଳ, ୱାର୍ଡ ନଂ-୧୪ ଭରତ ନାୟକ, ୱାର୍ଡ ନଂ-୧୫ ଅର୍ଜୁଣ ଦାସ, ୱାର୍ଡ ନଂ-୧୬ ଭରତ ମାଝୀ ପ୍ରମୁଖ ସେମାନଙ୍କର ନୂତନ ଆବାସ ଯୋଜନାରେ କରିଥିବା ଗୃହରେ ପ୍ରବେଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା, ବିକଳଗୋଛି, ରାଜେନ୍ଦ୍ର ମହାପାତ୍ର, ପ୍ରଭାତୀ ମଙ୍ଗୁଆଳ, ପଠାଣୀ ବେହେରା, ଚନ୍ଦନ ଗଣ୍ଡିଆ, ୱାର୍ଡ ନଂ-୭ କାଉନସିଲରଙ୍କ ପ୍ରତିନିଧି ଟଙ୍କଧର ବେହେରା ପ୍ରମୁଖଙ୍କ ସହ ସହରାଂଚଳ ଉନ୍ନୟନ ସଂସ୍ଥା କଟକର ଟିମ୍ ଲିଡର ଅକ୍ଷୟ ମିଶ୍ର, କାର୍ଯ୍ୟତଦାରଖ ବିଶେଷଜ୍ଞ ନିହାରରଞ୍ଜନ ନାୟକ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଶେଷଜ୍ଞ ଅମରକାନ୍ତ ରାଉତରାୟଙ୍କ ସହିତ ବାଙ୍କୀ ଏନ୍.ଏ.ସିର କ୍ୟାସିୟର୍ ରଶ୍ମିତା ରାଉତ, ହିସାବ ରକ୍ଷକ ସୁଶାନ୍ତ କୁମାର ବେହେରା, ଗୋଷ୍ଠି ସଂଗଠିକା ମଧୁସ୍ମିତା ଦାସ, ଆବାସ ଯୋଜନା ଅଧିକାରୀ ତାପସ କୁମାର ମଲ୍ଲିକ, ପରିମଳ ବିଶେଷଜ୍ଞ ସୁନୀଲ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ପରିଷଦ କର୍ମଚାରୀ ସୁଦର୍ଶନ ରାଉତ, କିଶୋର ମହାପାତ୍ର, ରମେଶ ମନ୍ତ୍ରୀ, ଗୋପାଳ ମହାନ୍ତି, ମନୋଜ ରାଉତ, ନରେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବାତ୍ୟା ମୁକାବିଲା ପାଇଁ ଏନଡ଼ିଆରଏଫ ଟିମର ଆନ୍ଧ୍ରପ୍ରଦେଶ ଯାତ୍ରା

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସାମୁଦ୍ରିକ ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ଆନ୍ଧ୍ରପ୍ରଦେଶ ଓ ସିକାକୁଲମ ଅଭିମୁଖେ ଏନଡିଆରଏଫ ଟିମ ବାହାରିଛନ୍ତି । ସ୍ଥାନୀୟ ମୁଣ୍ଡୁଳୀ ତୃତୀୟ ବାଟାଲିୟନରୁ ୩ଟି ଟିମ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାତ୍ରା କରିଛନ୍ତି । ଆବଶ୍ୟକୀୟ ସମସ୍ତ କିଟ ସାଥିରେ ଧରି ଟିମ ୨ଟି ଅଂଚଳକୁ ଯାତ୍ରା ଆରମ୍ଭ କରିଛି । ବାତ୍ୟା ଲ୍ୟାଣ୍ଡଫଲ କରିବା ପରେ ଉଦ୍ଧାରକାର୍ଯ୍ୟ ଓ ଗଛ ପଡ଼ିଥିବା ରାସ୍ତାକୁ ସଫା କରିବା ଆଦି କାର୍ଯ୍ୟ କରିବେ ବୋଲି ସେକେଣ୍ଡଇନ କମାଣ୍ଡାଣ୍ଟ ଧନଞ୍ଜୟ କୁମାର କହିଛନ୍ତି । ଏହି ୩ଟି ଟିମ ଦାୟିତ୍ୱରେ ତୀର୍ଥବାସୀ ସାହୁ ରହିଛନ୍ତି । ତୃତୀୟ ବାଟାଲିୟନର ବହୁ ଦକ୍ଷ ଉଦ୍ଧାରକାରୀ ଯବାନ ଏହି ଟିମରେ ଯାତ୍ରା କରୁଛନ୍ତି । ଆଜି ଅପରାହ୍ଣରେ ଏନଡିଆରଏଫ ବସ ଯୋଗେ ଯବାନ ମାନେ ଆନ୍ଧ୍ରପ୍ରଦେଶ ଓ ସିକାକୁଲମ ଅଭିମୁଖେ ଯାତ୍ରା କରିଛନ୍ତି ।

## ୧୪ବର୍ଷ ବାଳକ ଫୁଟବଲ୍ ଦଳରେ ଆଶୁତୋଷ ସାମିଲ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଡମପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁମତି ପାଟଣା ଗ୍ରାମର ନିରଞ୍ଜନ ରାଉତଙ୍କ ପୁଅ ଆଶୁତୋଷ ରାଉତ ୧୪ବର୍ଷ ବାଳକ ବର୍ଗରେ ଓଡ଼ିଶା ଫୁଟବଲ୍ ଦଳରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି । ଶ୍ରୀ ରାଉତ ପଞ୍ଜାବର ଅମୃତ ସହର ଠାରେ ଆୟୋଜିତ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଯୋଗଦେଇଛନ୍ତି । ସମ୍ପ୍ରତି ଶ୍ରୀ ରାଉତ କଟକସ୍ଥିତ ରଘୁନାଥଜୀଉ ସରକାରୀ ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ଏତାଦୃଶ ସଫଳତା ପାଇଁ କୋଚ୍ ବିଦ୍ୟାଳୟର ଶିକ୍ଷକମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ଐତିହ୍ୟ, ପରମ୍ପରାକୁ ସୁରକ୍ଷା ଦେବା ସମସ୍ତଙ୍କର କର୍ତ୍ତବ୍ୟ: ବିଧାୟକ

**ବଲାଙ୍ଗୀର:ଏକ୍ସପ୍ରେସ୍ ନ୍ୟୁଜ୍**



ବଲାଙ୍ଗୀର ଜିଲ୍ଲା ଦେଓଗାଁବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମଡୁଙ୍ଗୁରୀ ପର୍ଯ୍ୟଟନ ସ୍ଥଳୀ ଠାରେ ଗତ ୫ଦିନ ଧରି ଚାଲିଥିବା ୧୧ତମ ଭୀମପାହାଡ ମହୋତ୍ସବ ଶନିବାର ସଂଧ୍ୟାରେ ଉଦଯାପିତ ହୋଇଯାଇଛି । ପ୍ରତ୍ୟହ ଏଠାରେ ନାମ ସଂକିର୍ତ୍ତନ ସହିତ କଂସଦରବାର ଓସାଂସ୍କୃତିକସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁରହିଥିଲା । ଶନିବାର ରାତିର ଶେଷରଜନୀରେ କଂସବଧ ସହିତ ମହୋତ୍ସବ ଉଦଯାପିତ ହୋଇଥିଲା । ଶେଷ ସଂଧ୍ୟାରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ମହୋତ୍ସବ ଆୟୋଜକ କମିଟିକୁ ପ୍ରଶଂସା କରିବା ସହିତ ଐତିହ୍ୟ ଓ ପରଂମ୍ପରାକୁ ସୁରକ୍ଷାଦେବା ଆମସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ । ଏହା ସହିତ ଭୀମପାହାଡର ବିକାଶ ପାଇଁ ଆଗକୁ ନିଆଯାଉଥିବା ପଦକ୍ଷେପ ବିଷୟରେ ମଧ୍ୟ ଜନସାଧାରଣଙ୍କୁ କହିଥିଲେ । ମହୋତ୍ସବ କମିଟିର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱ ଓ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ପୂର୍ବତନ ବିଡିସିସି ସଭାପତି ସୁଶୀଳ କୁମାର ଚାନ୍ଦ, ମୁରିବାହାଲ ବ୍ଲକର ପୂର୍ବତନ ଅଧ୍ୟକ୍ଷ ହଂସଲାଲ ଜୈନ ଯୋଗ ଦେଇଥିଲେ । କମିଟିର ଉପଦେଷ୍ଟା ଶୈଳେନ୍ଦ୍ର କୁମାର ସାହୁ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ କମିଟିର ସଭାପତି ପ୍ରମୋଦ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କଂସ ଭୂମିକାରେ ଅଭିନୟ କରୁଥିବା କଳାକାର ରବିନ୍ଦ୍ର ସାହୁ, ମହୋତ୍ସବ କମିଟିର ରାଜେଶ ନାଏକ ଓ ଦୟାସାଗର ନାଏକଙ୍କୁ ମେମେଣ୍ଟୋ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶ୍ରୀମତୀ ସଙ୍ଗୀତା ଦାସ ପରିଚାଳନା କରିଥିଲେ, ସଙ୍ଗୀତା ଦାସଙ୍କ ଦ୍ୱାରା ନିର୍ଦ୍ଦେଶିତ ଲୋକ ନୃତ୍ୟ 'ଭାବ' ସଂଜ୍ୟୋତ୍ କଳା କେନ୍ଦ୍ରର ଛାତ୍ରଛାତ୍ରୀ ପରିବେଷଣ କରିଥିଲେ ଯାହାକି କୃଷ୍ଣଙ୍କଠାରୁ ରାଧାର ବିରହ ବେଦନାକୁ ନେଇ ଆଧାରିତ, ତାହା ଲୋକଙ୍କ ମନକୁ ବେଶ ଆକର୍ଷିତ କରିଥିଲା । ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟିର ସଂପାଦକ ଗୋବର୍ଦ୍ଧନ ସାହୁ, କୋଷାଧ୍ୟକ୍ଷ ଅଭିମନ୍ୟୁ ମାଝୀ, ନନ୍ଦିକିଶୋର ନାଏକ, ରୂପାଧର ପୁଟା, ପିତାମ୍ବର ପଧାନ, ସାର୍ଥକ ଭୋଇ, ଭୋଜରାଜ ରଣା, ମହମ୍ମଦ ରଣା ପ୍ରମୁଖଙ୍କ ସହ ବହୁସଂଖ୍ୟାରେ କର୍ମକର୍ତ୍ତା ମହୋତ୍ସବର ସଫଳତାରେ ସହଯୋଗ କରିଥିଲେ । ମହୋତ୍ସବ କମିଟିର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ଭୀମଡୁଙ୍ଗୁରୀ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଅଞ୍ଚଳବାସୀଙ୍କ ସହଯୋଗକୁ ପ୍ରଶଂସା କରି ଆଗାମୀ ଦିନରେ ମହୋତ୍ସବ ଜରିଆରେ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶ କରାଯାଇ ପାରିବ ବୋଲି କହିଥିଲେ ।

## ସରକାର ଶିକ୍ଷକମାନଙ୍କ ସମସ୍ୟା ଯଥାଶିଘ୍ର ସମାଧାନ କରନ୍ତୁ: ଓଷ୍ଟା

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ମାଧ୍ୟମିକ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ଗୁଡ଼ିକୁ ସରକାର ତୁରନ୍ତ ସମାଧାନ କରନ୍ତୁ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି । ଆଜି ପର୍ଯ୍ୟନ୍ତ ଅନୁଦାନ ପାଇନଥିବା ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଅବସର ନେଇଥିବା ଓ ନେବାକୁଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ଅବସରକାଳୀନ ସୁବିଧା ସୁଯୋଗ ଇତ୍ୟାଦି ଦାବି ପୂରଣ ନିମନ୍ତେ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଏହାକୁ ପାଳନ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏକ ଜନପ୍ରିୟ ସରକାର ଜନମଙ୍ଗଳ ରାଷ୍ଟ୍ରରେ ସବୁବର୍ଗର କର୍ମଚାରୀଙ୍କ କଥା ବିଚାର କରୁଥିବା ବେଳେ ଶିକ୍ଷକମାନଙ୍କ ପ୍ରତି ଏ ଅବିଚାର କାହିଁକି ବୋଲି ଶ୍ରୀ ଦାଶ ପ୍ରଶ୍ନ କରିଛନ୍ତି ।

ସୂଚନାଥାଉକି, ୨୦୦୪ ଜାନୁଆରୀ ପହିଲାରେ ସରକାର ବ୍ଲକ୍‌ଗ୍ରାଣ୍ଟ ବ୍ୟବସ୍ଥା ପ୍ରଚଳନ କଲେ । ସେ ମଧ୍ୟରୁ ଅନେକ ବିଦ୍ୟାଳୟ ୧୯୮୪-୮୫ ମସିହାରୁ ପ୍ରତିଷ୍ଠିତ ହୋଇଛି । ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ଶିକ୍ଷକମାନେ ୧୫୭୯ଟଙ୍କା ଓ ୪ର୍ଥ ଶ୍ରେଣୀ କର୍ମଚାରୀ ଭାଇମାନେ ୮୭୭ ଟଙ୍କା ପାଉଥିଲେ ପରେ ତା.୨୨.୦୯.୨୦୦୭ରିଖରେ ୧୧୦ ବାଳିକା ବିଦ୍ୟାଳୟମାନଙ୍କୁ ସରକାର ବ୍ଲକଗ୍ରାଣ୍ଟ ପ୍ରଦାନ କଲେ, ପରେ ତା.୦୧.୦୪.୨୦୦୮ରିଖରେ ଦରମାର ପରିବର୍ତ୍ତନ ଫଳରେ ଶିକ୍ଷକମାନେ ୪୯୯୫ଟଙ୍କା ଓ ୪ର୍ଥ ଶ୍ରେଣୀ କର୍ମଚାରୀମାନେ ୨୫୪୭ଟଙ୍କା ପାଇଲେ । ୨୦୧୩ ମସିହାରେ ସରକାର ୫୬୬ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ଦେବା କଥା ହେଲେ ମାତ୍ର ୨୦୧୫ ମସିହାରେ ୩୯୯ଟି ବିଦ୍ୟାଳୟକୁ ଅନୁଦାନ ପରିସରଭୁକ୍ତ କଲେ । ତେଣୁ ୧୬୭ଟି ବିଦ୍ୟାଳୟ ଅନୁଦାନ ପାଇବାରୁ ବଞ୍ଚିତ ହେଲେ । ୨୦୧୫ ମସିହାରେ ଆଉ କୌଣସି ବିଦ୍ୟାଳୟକୁ ଅନୁଦାନ ନଦେବା ପାଇଁ ସରକାର ଆମେଣ୍ଡମେଣ୍ଟ କଲେ । ୨୦୧୭ ଅନୁଦାନ ଆଇନରେ ସରକାର ଐତିହାସିକ ଗ୍ରାଣ୍ଟ-ଇନ୍-ଏଡ଼ ପ୍ରଦାନ କରାଗଲା ବୋଲି ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଘୋଷଣା କଲେ । ତାହାକୁ ତା୦୧.୦୧.୨୦୧୮ରିଖରୁ କାର୍ଯ୍ୟକାରୀ କରାଗଲା । ମାତ୍ର ସେହି ଗ୍ରାଣ୍ଟ-ଇନ୍-ଏଡ଼ ଆଇନରେ ଚାକିରୀ ସର୍ତ୍ତାବଳୀ, ପେନସନ୍ ଏବଂ ଅବସରକାଳୀନ ସୁବିଧା ସୁଯୋଗ ନଥିଲା । ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ କର୍ମଚାରୀମାନଙ୍କ ମଧ୍ୟରୁ ପ୍ରାୟ ୫୬୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଅବସର ନେଇଗଲେଣି । ସେମାନେ ୩୦ ବର୍ଷରୁ ଉର୍ଦ୍ଧ୍ୱ କାଳ ସେବା ଯୋଗାଇଥିଲେ ମଧ୍ୟ ଶୂନ୍ୟ ହସ୍ତରେ ଅବସର ନେଉଛନ୍ତି । ଅବସର ନେବା ପରଦିନ ଟଙ୍କାଟିଏ ମଧ୍ୟ ଔଷଧ କିଣିବା ପାଇଁ ନପାଇବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ସେମାନେ ଅବସର ନେବା ପରଦିନ ମୂଲଲାଗି ବା ଚା'ଦୋକାନ କରି ନିଜର ଜୀବିକା ନିର୍ବାହ କରୁଛନ୍ତି ।

ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ସମଗ୍ର ଓଡ଼ିଶାର ଅନୁଦାନରୁ ବଞ୍ଚିତ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସପ୍ତମ ବେତନରୁ ବଞ୍ଚିତ ଶିକ୍ଷକମାନଙ୍କୁ ସପ୍ତମ ବେତନ ପ୍ରଦାନ, ଅବସର ପରେ ପେନସନ୍ ପାଉନଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପେନସନ୍ ପ୍ରଦାନ, ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକର ସରକାରୀକରଣ, ୨୮୦୦, ୨୨୦୦, ୧୯୦୦ ଗ୍ରେଡ଼ପେରେ ଥିବା ଅସଙ୍ଗତି ଦୂରୀକରଣ, ୨ଟି ପିଅନ ଓ ୩୮, ୪୬, ୬୩ ବିଦ୍ୟାଳୟଙ୍କୁ ୨୦୦୮ ପରିବର୍ତ୍ତେ ୨୦୦୪ରୁ ଆଣ୍ଟିଡେସନ ପ୍ରଦାନ, ହିନ୍ଦୀ, ସଂସ୍କୃତ ଶିକ୍ଷକମାନଙ୍କର ଯୋଗ୍ୟତା ଅନୁଯାୟୀ ଉପଯୁକ୍ତ ହାରରେ ଦରମା ପ୍ରଦାନ, ୪୮ ବର୍ଷରେ ପଦାର୍ପଣ କରି କୋର୍ଟର ନିର୍ଦ୍ଦେଶ ପାଇଥିବା ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କୁ ଟି.ଜି. ସ୍କେଲ ପ୍ରଦାନ, ଆଲେଜେଡ୍ ଓ ସେକ୍ସନ ଶିକ୍ଷକମାନଙ୍କୁ ରେଗୁଲାର କରିବା, ଆର.ଏ. ସ୍କିମ୍‌ର ପୁନଃ ପ୍ରଚଳନ କରିବା, ଶୂନ୍ୟପଡ଼ିଥିବା ଶିକ୍ଷକ ଓ ପ୍ରଧାନ ଶିକ୍ଷକ ପଦବୀ ପୂରଣ, କ୍ରୀଡ଼ା ଶିକ୍ଷକମାନଙ୍କୁ ବିଏ ବି.ପି.ଏଡ୍./ ବିଏ ସି.ପି.ଏଡ୍. ଭିତ୍ତିରେ ଉଚ୍ଚତର ଦରମା ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷ ବୃଦ୍ଧି କରିବା, ଅଫିସ୍ ସହାୟକମାନଙ୍କର ଯୋଗ୍ୟତା ଭିତ୍ତିକ ପଦୋନ୍ନତି, ଉର୍ଦ୍ଧ୍ୱ ଶିକ୍ଷକମାନଙ୍କୁ ଅନୁଦାନ ପ୍ରଦାନ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ୍ ଇନିକ୍ରିମେଣ୍ଟ ପ୍ରଦାନ ଓ ନୂତନ ପେନସନ୍ ସ୍କିମ୍ (ଏନ୍.ପି.ଏସ୍) ପରିବର୍ତ୍ତେ ପୁରାତନ ପେନସନ୍ ସ୍କିମ୍ (ଓ.ପି.ଏସ୍) ପ୍ରଚଳନ କରିବା ଇତ୍ୟାଦି ।

ଶିକ୍ଷକ ଓ ଶିକ୍ଷାକର୍ମଚାରୀ ମାନଙ୍କର ଏହିସବୁ ଅସମାହିତ ସମସ୍ୟାବଳୀଗୁଡ଼ିକର ଯଥାଶୀଘ୍ର ସମାଧାନ କରିବା ନିମନ୍ତେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ସଭାପତି ସର୍ବଶ୍ରୀ ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କୁ ଜଣାଇବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଉପରୋକ୍ତ ଦାବି ଉପରେ ସହୃଦୟତାର ସହ ବିଚାର କରି ତୁରନ୍ତ ପଦକ୍ଷେପ ନେବାପାଇଁ ଦୃଢ଼ ଦାବୀ କରିଛନ୍ତି ।

## ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କୁ ନୁଆ କ୍ରିମିନାଲ ଆଇନ ଉପରେ କର୍ମଶାଳା




**ବଲାଙ୍ଗୀର:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତରେ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ତିନୋଟି ଆଇନ ଯଥା- ଭାରତୀୟ ନ୍ୟାୟସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ସମ୍ପର୍କରେ ବ୍ୟାପକ ସଚେତନତାର ଆବଶ୍ୟକ ହେତୁ ଆଇନ ସେବା ସଂସ୍ଥା କ୍ଲାପ ତରଫରୁ ବଲାଙ୍ଗିର ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କସହଯୋଗରେ ଏ.ଡି.ଆର୍. ହଲ୍‌ଠାରେ ପାରାଲିଗାଲମାନଙ୍କ ପାଇଁ ଏକ ଦିନିକିଆ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ-ତଥା-ଜିଲ୍ଲା ନ୍ୟାୟାଧିଶ ଡ. ପବିତ୍ର ମୋହନ ସାମଲ, ଜଜ୍ ଫେମିଲି କୋର୍ଟ ବିକ୍ରମ କେଶରି ପଟ୍ଟନାୟକ, ଜଜ ଭିଜିଲାନସ କୋର୍ଟ ମଳୟ ରଂଜନ ଦାସ, ସି.ଜେ.ଏମ୍. ଶଂଖ ଚକ୍ରବର୍ତୀ, ରେଜିଷ୍ଟାର ଶ୍ରଦୀପ ମିଶ୍ର, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶ୍ରୀଯୁକ୍ତ ପବିତ୍ରାନନ୍ଦ ପ୍ରଧାନ, ପ୍ରେସିଡେଂଟ ଜିଲ୍ଲା ବାର ଆସୋସିଏସନ ବାସୁଦେବ ରଥ, କ୍ଲାପର କ୍ରିମିନାଲ ଜଷ୍ଟିସ ପ୍ରୋଜେକ୍ଟ ଡାଇରେକ୍ଟର ଡ. ସଦାନନ୍ଦ ବାଗ, କ୍ଲାପର ଲିଗାଲ ଆଡଭାଇଜର୍ ଚନ୍ଦ୍ରଦେବ ପୁରୋହିତ, କ୍ରିମିନାଲ୍ ଜଷ୍ଟିସ ପ୍ରୋଜେକ୍ଟ କୋଡିନେଟର ବିଜୟଶ୍ରୀ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଆସିଷ୍ଟାଂଟ ପ୍ରଫେସର ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ଚଣ୍ଡିପ୍ରସାଦ ଖମାରୀ ପାରା ଲିଗାଲ ଭଲ୍ୟୁନଟିୟର ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ କ୍ଲାପ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସହଯୋଗରେ ଅନୁଷ୍ଠିତ ହୋଇଯାଇଛି ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 27th October, 2025 Monday | RNI Regd. No. ODIODI/2009/28880


## ମହିଳା ବିଶ୍ୱକପ ସେମିରେ ଭାରତ-ଅଷ୍ଟ୍ରେଲିଆ ଲଢ଼େଇ

**ନୂଆଦିଲ୍ଲୀ,୨୬।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ମହିଳା ବିଶ୍ୱକପ ସେମି ଫାଇନାଲ ଲାଇନ ଅପ ଚୂଡ଼ାନ୍ତ ହୋଇଛି। ନିଜର ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଏକତରଫା ଭାବେ ଜିତି ନେଇଛି। ଦକ୍ଷିଣ ଆଫ୍ରିକାକୁ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ୭ ୱିକେଟରେ ହରାଇ ଟେବୁଲ ଟପର ଭାବେ ଗ୍ରୁପ ପର୍ଯ୍ୟାୟ ଅଭିଯାନ ଶେଷ କରିଛି।

ଶେଷ ମ୍ୟାଚ୍‌ରେ କଙ୍ଗାରୁ ଟିମର ଆଲାନ କିଙ୍ଗ ରେକର୍ଡ ବ୍ରେକିଂ ସ୍ପେଲ ସହ ଟୁର୍ଣ୍ଣାମେଣ୍ଟ ଇତହାସରେ ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଛନ୍ତି। କିଙ୍ଗଙ୍କ ସ୍ପେଲ ଆଗରେ ଦକ୍ଷିଣ ଆଫ୍ରିକା ଧରାଶାୟୀ ହୋଇଛି।

ଏହି ବିଜୟ ସହ ଅଷ୍ଟ୍ରେଲିଆ ସେମି ଫାଇନାଲରେ ଭାରତର ସାମ୍ନା କରିବା ନିଶ୍ଚିତ ହୋଇଛି। ଅକ୍ଟୋବର ୩୦ରେ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ଦୁଇ ଦଳ ଫାଇନାଲ ଟିକେଟ ପାଇଁ ଲଢ଼େଇ କରିବେ। ଅଷ୍ଟ୍ରେଲିଆ ୭ଟି ମ୍ୟାଚ୍‌ରୁ ୧୩ ପଏଣ୍ଟ ଓ +୨.୧୦୨ ରନ ରେଟ୍ ସହ ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି। ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆ ଏକମାତ୍ର ଦଳ ଯିଏ ଏଯାଏ ଗୋଟିଏ ହେଲେ ମ୍ୟାଚ୍ ହାରିନାହିଁ। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିବା ବେଳେ ବାକି ୬ଟି ଯାକ ଦଳ ବାଜିମାତ କରିଛି। ଭାରତ-ଅଷ୍ଟ୍ରେଲିଆ ଗୋଟିଏ ସେମି ଫାଇନାଲ ଖେଳିବାକୁ ଥିବା ବେଳେ ଆଉ ଗୋଟିଏରେ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ଲଢ଼ିବେ। ଏହି ମ୍ୟାଚ୍‌ଟି ଅକ୍ଟୋବର ୨୯ରେ ଗୁହାଟୀର ବର୍ସାପରା ଷ୍ଟାଡିୟମରେ ଅନୁଷ୍ଠିତ ହେବ।

ଆଜିର ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବାର ଦକ୍ଷିଣ ଆଫ୍ରିକାକୁ ଲୌରା ୱଲଭାର୍ଡଟ ଓ ତାଜମିନ ବ୍ରିଟସ ଠିକଠାକ ଆରମ୍ଭ ଦେଇଥିଲେ। ଉଭୟ ୬.୪ ଓଭର ସୁଦ୍ଧା ୩୧ ରନ ଯୋଡିଥିଲେ। ମେଗନା ସ୍କୁଟଙ୍କ ଗୋଟିଏ ଓଭରରେ ୪ଟି ଚୌକା ସହାୟତାରେ ୱଲଭାର୍ଡଟ ୧୬ ରନ ଆଦାୟ କରିତଥିଲେ। କିନ୍ତୁ ୭ମ ଓଭର ଠାରୁ ଅଷ୍ଟ୍ରେଲିଆ କମବ୍ୟାକ ଆରମ୍ଭ କରିଥିଲା। ୩୧ ରନ କରିଥିବା ୱଲଭାର୍ଡଟଙ୍କୁ ଆଉଟ କରି ସ୍କୁଟ ମଧୁର ପ୍ରତିଶୋଧ ନେଇଥିଲେ। ଏହାପରେ କମି ଗାର୍ଥ ଅନ୍ୟତମ ଓନନର ବ୍ରିଟସ୍‌ଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ଏହିଠାରୁ ହିଁ ତାସର ଘର ଭଳି କିଙ୍ଗ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଲାଇନ ଅପକୁ ଧ୍ୱଂସ କରିଦେଇଥିଲେ। ଶେଷରେ ଦକ୍ଷିଣ ଆଫ୍ରିକା ୨୪ ଓଭରରେ ୯୭ ରନ କରି ଅଲଆଉଟ ହୋଇଯାଇଥିଲା। କିଙ୍ଗ ୭ ଓଭରରେ ୨ଟି ମେଡେନ ସହ ୧୮ ରନ ଦେଇ ୭ ୱିକେଟ ଦଖଲ କରିଛନ୍ତି। ପ୍ରଥେମ ସେ ୨.୨ ଓଭର ସୁଦ୍ଧା କୌଣସି ରନ ଦେଇ ୪ ୱିକେଟ ନେଇଥିଲେ। କିଙ୍ଗ ୭ଟି, ସ୍କୁଟ, ଗାର୍ଥ ଓ ଆଶଲେ ଗାର୍ଡନରଙ୍କ ଖାତାକୁ ଗୋଟିଏ ୱିକେଟ ଯାଇଛି। ୯୮ ରନର ଟାର୍ଗେଟକୁ ଅଷ୍ଟ୍ରେଲିଆ ୩ ୱିକେଟ ହରାଇ ୧୬.୫ ଓଭରରେ ହାସଲ କରି ନେଇଛି। ଜର୍ଜିଆ ଭଲ ଅପରାଜିତ ୩୮ ରନ କରିଥିବା ବେଳେ ବେଥ ମୁନି ତୃତୀୟ ବ୍ୟାଟର ଭାବେ ୪୨ ରନ କରି ଆଉଟ ହୋଇଥିଲେ। ତାଙ୍କ ପୂର୍ବରୁ ଫୋବ ଲିଚଫିଲ୍ଡ(୫) ଓ ଏଲିସ ପେରୀ(୦) ଆଉଟ ହୋଇଥିଲେ।

# ମିଲେଟ ଅଭିଯାନ: ଟିଫିନ୍ ସେଣ୍ଟର ଆଗରେ, କାଫେ ପଛରେ

**ଭୁବନେଶ୍ୱର,୨୬।୧୦**

**ତଥ୍ୟ**

ମିଲେଟ ମିଶନ ଦ୍ୱାରା ମିଲେଟରୁ ପ୍ରସ୍ତୁତ ଖାଦ୍ୟକୁ ଲୋକପ୍ରିୟ କରିବାପାଇଁ ଆରମ୍ଭ ହୋଇଥିବା ଅଭିଯାନରେ ମିଲେଟ ଟିଫିନ ସେଣ୍ଟ, ମିଲେଟ କାଫେ ଓ ମିଲେଟ ଆଉଟଲେଟ ଗଢି ଉଠିଥିଲା । ସରକାର ଏଥିପାଇଁ ପ୍ରୋତ୍ସାହନରାଶି ବି ଯୋଗାଇ ଦେଇଥିଲେ । ତେବେ ମିଲେଟ ସେଣ୍ଟର ଓ ମିଲେଟ ଆଉଟଲେଟ୍‌ର ବ୍ୟବସାୟ ବଢୁଥିବାବେଳେ ମିଲେଟ କାଫେ କ୍ଷେତ୍ରରେ ପଛରେ ପଡିଯାଇଛି ।

ରାଜ୍ୟରେ ୩୪୧ଟି ମିଲେଟ ଟିଫିନ ସେଣ୍ଟର ଥିବାବେଳେ ୧୫ଟି ମିଲେଟ କାଫେ ରହିଛି ସେହିଭଳି ୮ଟି ମିଲେଟ ଆଉଟଲେଟ୍ ରହିଛି । ତେବେ ମିଲେଟ ଟିଫିନ ସେଣ୍ଟର ରାଜ୍ୟର ୮ଟି ଜିଲ୍ଲାରେ ଖୋଲିପାରିନଥିବା ବେଳେ ମିଲେଟ କାଫେ ମାତ୍ର ୧୦ଟି ଜିଲ୍ଲାରେ ଖୋଲିଛି । ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫ଟି ମିଲେଟ କାଫେ ଥିବାବେଳେ କୋରାପୁଟରେ ୨ଟି ରହିଛି । ଅନ୍ୟ ୮ଟି ଜିଲ୍ଲାରେ ଗୋଟିଏ କରି କାଫେ ରହିଛି । ସେହିଭଳି ମିଲେଟ ଆଉଟଲେଟ ଖୋଲିଛି ୭ଟି ଜିଲ୍ଲାରେ । ମିଲେଟ ଟିଫିନ ସେଣ୍ଟରରେ ଭଲ କାରବାର ହେଉଥିବାବେଳେ ବାଲେଶ୍ୱର, କଟକ, ଢେଙ୍କାନାଳ, ନ୍ଦ୍ରୋପଡା, ଯାଜପୁର, ଜଗତ୍‌ସିଂହପୁର ଓ ପୁରୀ ଭଳି ଜିଲ୍ଲାରେ ଏହା ଖୋଲିପାରି ନାହିଁ । ଖୋରଧା ଜିଲ୍ଲାରେ ମାତ୍ର ୩ଟି ଟିଫିନ ସେଣ୍ଟର ଖୋଲାଯାଇଛି । ଏହିସବୁ ଜିଲ୍ଲାରେ ଅଧିକ ବ୍ୟବସାୟର ସୁଯୋଗ ଥିବାବେଳେ ଟିଫିନ ସେଣ୍ଟର ନଖୋଲିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି ।

ଉଲ୍ଲେଖନୀୟ ଯେ ୨୦୨୨-୨୩ ବର୍ଷରେ ୧୩୮ଟି ଟିଫିନ ସେଣ୍ଟର ଥିବାବେଳେ ସରକାର ଏଥିପାଇଁ ୪୧ ଲକ୍ଷ ଟଙ୍କାର ପ୍ରୋତ୍ସାହନରାଶି ଯୋଗାଇ ଦେଇଥିଲେ । ୨୦୨୩-୨୪ ବର୍ଷରେ ୪୦ଟି ସେଣ୍ଟର ପାଇଁ




୨୦ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିବାବଳେ ଗତ ଆର୍ଥିକ ବର୍ଷରେ ୫୧ଟି ଟିଫିନ ସେଣ୍ଟର ପାଇଁ ୨୫ ଲକ୍ଷ ଟଙ୍କ ଦିଆଯାଇଥିଲା । ୮ଟି ମିଲେଟ କାଫେ ପାଇଁ ୨୦୨୩-୨୪ ବର୍ଷରେ ସରକାର ୧କୋଟି ୩୬ଲକ୍ଷ ଟଙ୍କାର ପ୍ରୋତ୍ସାହନ ଯୋଗାଇ ଦିଆଯାଇଥିବାବେଳେ ଗତବର୍ଷ କୌଣସି କାଫେ ଖୋଲିନଥିବାରୁ ଟଙ୍କାଟିଏ ବି ପ୍ରୋତ୍ସାହନ ରାଶି ମିଳିନାହିଁ । ମିଲେଟ ଆଉଟଲେଟ୍ ସକାଶେ ୨୦୨୩-୨୪ ବର୍ଷରେ ୩ଟି ଆଉଟଲେଟ୍ ପାଇଁ ୩୬ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯାଇଥିବାବେଳେ ୨୦୨୪-୨୫ ବର୍ଷରେ ଗୋଟିଏ ଆଉଟଲେଟ୍ ପାଇଁ ସରକାର ୧୨ଲକ୍ଷ ୮୦ହଜାର ଟଙ୍କାର ପ୍ରୋତ୍ସାହନ ଦେଇଛନ୍ତି ।

ବ୍ୟବସାୟ କରିବା କ୍ଷେତ୍ରରେ ମିଲେଟ ଟିଫିନ ସେଣ୍ଟର ସବୁଠାରୁ ଆଗରେ ରହିଛି । ୨୦୨୩-୨୪ ବର୍ଷରେ ଏହା ୬କୋଟିରୁ ଅଧିକ ଟଙ୍କାର ବ୍ୟବସାୟ କରି ୧କୋଟି ୨୪ଲକ୍ଷ ଟଙ୍କା ଲାଭ କରିଥିବାବେଳେ ୨୦୨୪-୨୫ ରେ ୧୪କୋଟି ୧୭ଲକ୍ଷ ଟଙ୍କାର ବ୍ୟବସାୟ କରି ପାଖାପାଖି ଦେଢ କୋଟି ଟଙ୍କା ଲାଭ କରିଛି । ମିଲେଟ କାଫେ କେବଳ ଗୋଟିଏ ବର୍ଷ ଅର୍ଥାତ୍ ୨୦୨୩-୨୪ ବର୍ଷରେ ୧କୋଟି ୬୦ଲକ୍ଷ ଟଙ୍କାର ବ୍ୟୟସାୟ କରି ୬୪ହଜାର ଟଙ୍କା ଲାଭ କରିପାରିଛି । ମିଲେଟ ଆଉଟଲେଟ୍ ଗତ ଆର୍ଥିକ ବର୍ଷରେ କୋଟିଏ ଟଙ୍କାର ବ୍ୟବସାୟ କରି ୨୦ହଜାରରୁ ଅଧିକ ଟଙ୍କା ଲାଭ କରିଛି । ତେବେ ରାଜ୍ୟର ବିଭିନ୍ନ ସ୍ଥାନରେ ଖୋଲିଥିବା ମିଲେଟ କାଫେ ଗୁଡିକ ଧିରେ ଧିରେ ଲୋକପ୍ରିୟତା ହରାଉଥିବାବେଳେ ଏହାର ସଂଖ୍ୟାବୃଦ୍ଧି ସହିତ ବ୍ୟବସାୟ ବଢାଇବା ଦିଗରେ ସରକାର ପଦକ୍ଷେପ ନେବାକୁ ମତପ୍ରକାଶ ପାଉଛି । ବିଶେଷକରି ରାଜ୍ୟର ସହରାଞ୍ଚଳରେ ଏହାର ଅଧିକରୁ ଅଧିକ ଶାଖା ଖୋଲାଯାଇ ପାରିଲେ ଏହା ଲୋକଙ୍କ ଦ୍ୱାରା ଆଦୃତ ହୋଇପାରନ୍ତା।

## ପ୍ରଥମ ପୃଷ୍ଠାରୁ...

### ବାତ୍ୟା: ହୁହୁ...

ବିକ୍ରୟ କରୁଛନ୍ତି । କଟକର ସବୁଠାରୁ ବଡ଼ ପରିବା ମଣ୍ଡି ଛତ୍ରବଜାରରେ ପରିବା ଦରକୁ ଦେଖି ଗ୍ରାହକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଆଳୁ ଓ ପିଆଜ ଭଳି ଅତ୍ୟାବଶ୍ୟକ ପରିବା ଦର ସଂପ୍ରତି ପୂର୍ବାପେକ୍ଷା ବର୍ଦ୍ଧିତ ମୂଲ୍ୟରେ ବିକ୍ରି ହେଉଛି। କାର୍ତ୍ତିକମାସରେ ସାଧାରଣତଃ ପରିବା ଦର ସାମାନ୍ୟ ଉଚ୍ଚା ରହିଥାଏ। ସମ୍ଭାବ୍ୟ ବାତ୍ୟା ପାଇଁ ସହରର ପରିବା ମଣ୍ଡି ସମେତ ଖୁଚୁରା ବଜାରରେ ପରିବା ଦର ହଠାତ ବୃଦ୍ଧିକୁ ନେଇ ଗ୍ରାହକଙ୍କ ଚିନ୍ତା ବଢ଼ିଯାଇଛି।

୩ ଦିନ ପୂର୍ବରୁ ଖୁଚୁରା ବଜାରରେ ବିଲାତି କିଲୋପ୍ରତି ୫୦ ଟଙ୍କା ଦରରେ ବିକ୍ରି ହେଉଥିଲା। ମାତ୍ର ଆଜି ତାହା ବୃଦ୍ଧି ପାଇ ୭୦ ଟଙ୍କାରେ ବିକ୍ରୟ ହେଉଛି। ସେହିପରି ବାଇଗଣ ଦର ମଧ୍ୟ ୩ ଦିନ ପୂର୍ବରୁ ୬୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଆଜି ତାହା ବୃଦ୍ଧି ପାଇ ୮୦ ଟଙ୍କାରେ ବିକ୍ରି ହେଉଛି। ପୋଟଳ ଦର ମଧ୍ୟ ବୃଦ୍ଧି ପାଇଛି। ପୂର୍ବରୁ ପୋଟଳ ଦର ୬୦ ଟଙ୍କା ଥିବାବେଳେ ଆଜି ୮୦ଟଙ୍କାରେ ବିକ୍ରି ହେଉଛି। ବିନସ୍ ୩ଦିନ ପୂର୍ବରୁ ୧୦୦ଟଙ୍କାରେ ବିକ୍ରି ହେଉଥିବାବେଳେ ଆଜି ଏହା ୧୨୦ ଟଙ୍କାରେ ଉପଲବ୍ଧ ହେଉଛି। ସେହିପରି ଭେଣ୍ଡି କେଜି ୬୦ ଟଙ୍କାରୁ ବୃଦ୍ଧି ପାଇ ୮୦ ଟଙ୍କାରେ ପହଞ୍ଚିଛି। ଏହାଛଡ଼ା କଲରା କେଜି ପ୍ରତି ମୂଲ୍ୟ ୨୦ ଟଙ୍କା ବୃଦ୍ଧି ପାଇ ୮୦ଟଙ୍କାରେ ବିକ୍ରି ହେଉଛି। ବନ୍ଧାକୋବି ୩ ଦିନ ପୂର୍ବରୁ ୪୦ ଟଙ୍କା କେଜି ବିକ୍ରି ହେଉଥିବାବେଳେ ଆଜି ବନ୍ଧାକୋଟି ୬୦ଟଙ୍କା କେଜିରେ ବିକ୍ରି ହେଉଛି। ଏହାଛଡ଼ା ୩ ଦିନ ପୂର୍ବେ ଆଳୁ ଧଡ଼ା (୩କେଜି) ୬୦ଟଙ୍କାରେ ବିକ୍ରି ହେଉଥିବାବେଳେ ଆଜି ଆଳୁ ଖୁଚୁରା ବଜାରେ ଧଡ଼ା ପ୍ରତି ୭୦ଟଙ୍କାରେ ବିକ୍ରି ହେଉଛି । ସେହିପରି ୩ ଦିନ ପୂର୍ବେ ପିଆଜ ଧଡ଼ା ୬୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଆଜି ପିଆଜ ଧଡ଼ା ୭୫ଟଙ୍କାରେ ବିକ୍ରି ହେଉଛି । ୫୦୦ଟଙ୍କାରେ ପରିବା କିଣିଲେ ବ୍ୟାଗ ପୁରୁନାହିଁ ବୋଲି ଖାଉଟିମାନେ ଅଭିଯୋଗ କରିଛନ୍ତି । ଯଦିଓ ସବୁ ବ୍ୟବସାୟୀମାନେ ଏହି ଦର ବୃଦ୍ଧି କରିନାହାନ୍ତି, ମାତ୍ର କିଛି ବ୍ୟବସାୟୀ ଏପରି ଅସାଧୁ ଉପାୟରେ ଖାଉଟିଙ୍କୁ ଲୁଟୁଥିବା ଅଭିଯୋଗ ହୋଇଛି । ବଜାରକୁ ଯେତିକି ଆଳୁ ପିଆଜ ଆସିବା କଥା, ସେତିକି ନ ଆସିବାରୁ ଏପରି ଦର ବୃଦ୍ଧି ପାଉଥିବା ଖୁଚୁରା ବ୍ୟବସାୟୀମାନେ କହିଛନ୍ତି । ଅପରପକ୍ଷରେ ବ୍ୟବସାୟୀ ସଂଘ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି । ତେବେ ସମ୍ଭାବ୍ୟ ବାତ୍ୟାର ଆଶଙ୍କା ଯୋଗୁ ଏଭଳି ଦରବୃଦ୍ଧି ପାଉଥିବା ବେଳେ ବଜାରରେ କଳାବଜାରୀ ଦେଖିବାକୁ ମିଳିଛି।

### ଭାଗଚାଷୀଙ୍କ ପ୍ରତି...

ଦେବାକୁ ହୋଇଥାଏ । ପ୍ରାକୃତିକ ବିପର୍ଯ୍ୟୟ ହେଲେ ଭାଗଚାଷୀଙ୍କ ସବୁ ମେହନତ ଚାଲିଯାଏ । ଜମି ମାଲିକଙ୍କୁ ଫଳପୁଷ୍ଟେ ହେଉ ପଛେ କିଛି ଇନ୍ସୁରାନ୍ସ ବାବଦକୁ ଅର୍ଥ ମିଳେ ସିନା ହେଲେ ଭାଗ ଚାଷୀଙ୍କୁ କିଛି ମିଳେନାହିଁ । ପ୍ରାକୃତିକ ବିପର୍ଯ୍ୟୟ ଠାରୁ ଆରମ୍ଭ କରି ଅଭାବୀ ବିକ୍ରି ପର୍ଯ୍ୟନ୍ତରେ ଜମି ମାଲିକଙ୍କର କୌଣସି ସହଯୋଗ ନଥାଏ । ଜିଲ୍ଲାର ମୋଟ ୧୫ ପ୍ରତିଶତ ନାମମାତ୍ର ଓ କ୍ଷୁଦ୍ର ଚାଷୀ ନିଜ କ୍ଷେତରେ ଚାଷ କୁରୁଥିବା ବେଳେ ଅବଶିଷ୍ଟ ଭାଗ ଚାଷୀଙ୍କ ଦ୍ୱାରା ସମ୍ପର୍ଣ୍ଣ ହେଉଛି । ଏହି ଭାଗ ଚାଷୀଙ୍କ ସମସ୍ୟାର ସମାଧାନ ଓ ବିକାଶ କଥା ଦୂରେ ଥାଉ ସେମାନଙ୍କ ଚିହ୍ନଟକରଣ ଅଦ୍ୟାବଧି ହୋଇନାହିଁ । ଫଳରେ ବ୍ୟାଙ୍କରଣ, ଫସଲବୀମା ଠାରୁ ଆରମ୍ଭ କରି କୃଷକ ଉନ୍ନୟନ ଯୋଜନାରେ ସେମାନେ ସାମିଲ ହୋଇ ପାରୁନାହାନ୍ତି । ଏଥିପାଇଁ ପ୍ରଥମେ ଭାଗଚାଷୀ ଚିହ୍ନଟକରଣର ଆବଶ୍ୟକତା ଅଛି ବୋଲି ମତପ୍ରକାଶ ପାଇଛି । ୨୦୧୫ ମସିହାରେ ଭାଗ ଚାଷୀ ଚିହ୍ନଟିକରଣ ପାଇଁ ରାଜ୍ୟ ସରକାର ଏକ ବୈଠକ କରିଥିଲେ । ଏଥିରେ ଜିଲାସ୍ତରୀୟ କୃଷି ଯୋଜନା ସହ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାରେ ଭାଗ ଚାଷୀଙ୍କ ଭାଗିଦାରୀ ରହିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଇତିମଧ୍ୟରେ ୧୦ ବର୍ଷ ବିତିଥିଲେ ମଧ୍ୟ ଏନେଇ କୌଣସି ଅଗ୍ରଗତି ହୋଇନାହିଁ । ଅବଶ୍ୟ ଭାଗଚାଷୀଙ୍କୁ ଆଇନଗତ ଭାବେ ସୀକୃତି ଦେବା ପାଇଁ କେତେକ ପ୍ରତିବନ୍ଧକ ଅଛି । ଚୁକ୍ତିପତ୍ର କେତେ ବର୍ଷ ପାଇଁ ହେବ, ଜମି ମାଲିକ ଭାବେ ଟଙ୍କା ଅଥବା ଫସଲର ଭାଗ କେତେ ପାଇବେ ଆଦିର ତର୍ଜମା ହେବା ଆବଶ୍ୟକ । ତେବେ ଏସବୁକୁ ବିଚାର କରି ଭାଗଚାଷୀ ଆଇନ ଆସିଲେ କୃଷି ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବ। ଅଭାବୀ ବିକ୍ରି, ପ୍ରାକୃତିକ ବିପର୍ଯ୍ୟୟରେ ସହାୟତା, ସରକାରୀ ପ୍ରୋତ୍ସାହନରୁ ଭାଗ ଚାଷୀ ବଞ୍ଚିତ ହେବେ ନାହିଁ । ତେବେ ଭାଗଚାଷୀ ଆଇନ ଯେତେ ବିଳମ୍ବିତ ହେବ କୃଷି କ୍ଷେତ୍ର ସେତେ ପ୍ରଭାବିତ ହେବ ବୋଲି ସଚେତନ ମହଲରେ ମତପ୍ରକାଶ ପାଇଛି।

### ପ୍ରଚାରରେ ଚଳିବନି...

ପ୍ରଚାରରେ ରାଜନୈତିକ ଦଳଙ୍କ ଦ୍ୱାରା ହାଇପର-ରିୟଲେଷ୍ଟିକ୍ ସୂଚନା ଓ ଏଆଇ ଦ୍ୱାରା ପ୍ରସ୍ତୁତ କଣ୍ଟେଣ୍ଟର ତ୍ରୁଟିପୂର୍ଣ୍ଣ ଉପଯୋଗ ହେଉଛି। ଏଣୁ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ କରାଇବାରେ ବାଧା ଉପୁଜୁଛି।

ନିର୍ବାଚନ ଆୟୋଗ କହିଛନ୍ତି ଯେ ନିର୍ବାଚନ କାଳରେ ରାଜନୈତିକ ପ୍ରଚାରର ବିଶ୍ୱସନୀୟତା ବଜାୟ ରଖିବାର ଆବଶ୍ୟକତା ରହିଛି। ଏଣୁ ଏଆଇ ସୃଜିତ କଣ୍ଟେଣ୍ଟ ଓ ସିନ୍ଥେଟିକ ଉପାୟରେ ତିଆରି କରାଯାଇଥିବା ସୂଚନାର ପ୍ରଚାର ଓ ପ୍ରସାର ଲାଗି ଟେକ୍ନୋଲଜିର ବ୍ୟବହାର ଏକ ବଡ଼ ବିପଦ ସୃଷ୍ଟି କରିଛି। କାରଣ ଏଥିରେ ସତ୍ୟ ରୂପ ଧାରଣ କରିବା ଓ ଏହା ଅଜାଣତରେ ପଲିଟାକଲ ଷ୍ଟେକ୍ ହୋଲ୍ଡରଙ୍କୁ ଭୁଲ ଫଳାଫଳରେ ଫସେଇବାର କ୍ଷମତା ରହୁଛି। ଏଥିଲାଗି ନିର୍ବାଚନୀ ବିଶ୍ୱସନୀୟତା ଓ ଭୋଟରଙ୍କ ଭରସା କାୟମ ରଖିବା ଲାଗି ପାରଦର୍ଶୀ ଓ ଉତ୍ତରଦାୟୀ ହୁଅନ୍ତୁ। ମିଥ୍ୟା ଓ ନକଲୀ କଣ୍ଟେଣ୍ଟରେ ନିର୍ବାଚନୀ ପ୍ରକ୍ରିୟାରେ ହେରଫେର କରିବାର ବଢୁଥିବା ବିପଦ ମଧ୍ୟରେ ଇସିଆଇ ସମ୍ବିଧାନର ଆର୍ଟିକଲ ୩୨୪ ଅନୁସାରେ ଭୋଟର ଲିଷ୍ଟ ପ୍ରସ୍ତୁତ କରିବା ଓ ନିର୍ବାଚନ କରାଇବାର ତାଙ୍କ ଅଧିକାର ଉପଯୋଗ କରି ସବୁ ରାଜନୈତିକ ଦଳଙ୍କୁ ଏକ ନୂଆ ଆଡଭାଇଜରୀ ଜାରି କରିଛନ୍ତି। ଏଥିରେ ଆୟୋଗ ଏହି କଥା ଉପରେ ମଧ୍ୟ ଜୋର ଦେଇଛନ୍ତି ଯେ ଆଇଟି ଅଧିନିୟମ ୨୦୨୧ ଓ ଆୟୋଗଙ୍କ ଦ୍ୱାରା ପୂର୍ବରୁ ଜାରି କାରଯାଇଥିବା ନିର୍ଦ୍ଦେଶ ଏବଂ କଣ୍ଟେଣ୍ଟ ସମ୍ପର୍କିତ ଦାୟିତ୍ୱ କଡ଼ାକଡ଼ି ପାଳନ କରିବାକୁ ହେବ।

ଇତିମଧରେ ଇଲେକ୍ସନ ସିଜର ମ୍ୟାନେଜମେଣ୍ଟ ସିଷ୍ଟମ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସ୍ୱାଧୀନ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ସମ୍ପନ୍ନ କରିବାକୁ ଅବୈଧ ରାଶି, ଲିକର ଏବଂ ଅବୈଧ ନେଣଦେଣ ଉପରେ ଏନଫୋର୍ସମେଣ୍ଟ ଏଜେନ୍ସୀ ଦ୍ୱାରା ସତର୍କ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ୪ ଲକ୍ଷ ନକଲି...

ନୋଟ୍ ଜବତ କରାଯାଇଥିଲା। ଜେରା ବେଳେ ଅଭିଯୁକ୍ତମାନେ କହିଥିଲେ ଯେ ସେମାନେ ଦେଢ଼ ମାସ ତଳେ ବରଗଡ ଜିଲ୍ଲାର ଜଣେ ବ୍ୟକ୍ତିଙ୍କଠାରୁ ଏହି ନକଲି ନୋଟ୍ କିଣିଥିଲେ। ସେମାନେ ପ୍ରାୟ ୧ ଲକ୍ଷ ଟଙ୍କା ଦେଇ ୬ ଲକ୍ଷ ଟଙ୍କାର ନକଲି ନୋଟ୍ କିଣିଥିଲେ। ଏବେ ସେମାନଙ୍କଠାରୁ ୪ ଲକ୍ଷ ୧୫ ଶହ ଟଙ୍କାର ନକଲି ନୋଟ୍ ଜବତ କରାଯାଇଥିବା ବେଳେ ବାକି ୧ ଲକ୍ଷ ୯୮ ହଜାର ୫୦୦ ଟଙ୍କାର ନକଲି ନୋଟ୍ ମିଳିନାହିଁ। ଆମେ ଭାବୁଛୁ, ସେମାନେ ଗତ ମାସେ ଭିତରେ ବିଭିନ୍ନ ଲୋକଙ୍କୁ ସେହି ନକଲି ନୋଟ୍ ଦେଇ ଦେଇଛନ୍ତି।

ବରଗଡରୁ ଯେଉଁ ବ୍ୟକ୍ତିଙ୍କଠାରୁ ଏହି ଅଭିଯୁକ୍ତମାନେ ନକଲି ନୋଟ୍ କିଣିଥିଲେ, ତାଙ୍କ ବିଷୟରେ ସେମାନେ ବେଶୀ କିଛି ସୂଚନା ଦେଇ ନାହାନ୍ତି। ପୁଲିସ ଏ ଦିଗରେ ତଦନ୍ତ କରି ଏହି ନକଲି ନୋଟ୍ କାରବାରର ମୂଳରେ ପହଞ୍ଚିବାକୁ ଓ ବରଗଡର ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରିବାକୁ ପ୍ରୟାସ ଜାରି ରହିଛି ବୋଲି ଏସ୍‌ପି ଶ୍ରୀ ନାୟକ କହିଛନ୍ତି।

### ପ୍ରତିମାସରେ ଗୋଟିଏ...

ଯୁଦ୍ଧ ସମାପ୍ତ କରୁଛୁ। ଏବେ କେବଳ ଗୋଟିଏ ବାକି ଅଛି, ପାକିସ୍ତାନ-ଆଫଗାନିସ୍ତାନ ବିବାଦ। କିନ୍ତୁ ମୁଁ ଏହାକୁ ବହୁତ ଶୀଘ୍ର ସମାଧାନ କରିବି। ସେ କହିଥିଲେ ଯେ ଏବେ ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ସଂଘର୍ଷ ଦେଖାଦେଇଛି, କିନ୍ତୁ ସେ ଉଭୟ ଦେଶର ନେତାମାନଙ୍କୁ ଜାଣନ୍ତି ଏବଂ ଏହି ମାମଲା ଶୀଘ୍ର ସମାଧାନ ହେବ ବୋଲି ବିଶ୍ୱାସ କରନ୍ତି। ତାଙ୍କ ଭାଷଣ ଶେଷ କରି ଟ୍ରମ୍ପ ଦାବି କରିଥିଲେ ଯେ ତାଙ୍କ ପ୍ରଶାସନ ଯାହା କରିଛି ପୂର୍ବରୁ କୌଣସି ଆମେରିକୀୟ ରାଷ୍ଟ୍ରପତି ତାହା କରିପାରି ନାହାଁନ୍ତି। ସେ କହିଥିଲେ, ଅନ୍ୟ ରାଷ୍ଟ୍ରପତି ଯୁଦ୍ଧ ଆରମ୍ଭ କରନ୍ତି, ଆମେ ସେଗୁଡ଼ିକୁ ସମାପ୍ତ କରୁ, ଏହା ହିଁ ପାର୍ଥକ୍ୟ।

ସୂଚନାଯୋଗ୍ୟ ଯେ ଗତ କିଛି ଦିନ ହେଲା ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଡୁରାଣ୍ଡ ଲାଇନକୁ ନେଇ ବିବାଦ ଓ ସଂଘର୍ଷ ଦେଖାଦେଇଛି। ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ଅଭିଯୋଗ କରି ପାକିସ୍ତାନ ପକ୍ଷରୁ କାବୁଲ ଉପରେ ଆକ୍ରମଣ ପରେ ତାଲିବାନ ପକ୍ଷରୁ ସୀମାରେ ପ୍ରତିଆକ୍ରମଣ କରାଯାଇଥିଲା। ଏବେ ଇସ୍ତାନବୁଲରେ ଉଭୟ ପକ୍ଷ ମଧ୍ୟରେ ଶାନ୍ତି ଆଲୋଚନା ଜାରି ରହିଛି।

### ମାଟି ଆଡ଼କୁ...

ଥିବା ବନ୍ଦରଗୁଡିକୁ ୩ ନମ୍ବର ବିପଦ ସଂକେତ ଦିଆଯାଇଥିବା ବେଳେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି।

ରାଜ୍ୟ ସରକାର ବିଭିନ୍ନ ବିଭାଗକୁ ନେଇ ସତର୍କ କରାଇଛନ୍ତି। ସ୍ୱତନ୍ତ୍ର ରିଲିଫ କମିସନର ପକ୍ଷରୁ ନେଇ ପ୍ରସ୍ତୁତି ଜାରି ରହିଛି। ସେହିପରି ଜଳ ସମ୍ପଦ ବିଭାଗ ମଧ୍ୟ ନିଜର ଅଧିକାରୀମାନଙ୍କୁ ସତର୍କ ଓ ପ୍ରସ୍ତୁତ ରହିବାକୁ କହିଛି। ସମ୍ଭାବ୍ୟ ବାତ୍ୟା ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି। ସେ କହିଛନ୍ତି, ବାତ୍ୟା ପାଇଁ ସ୍କୁଲ ଛୁଟି ନେଇ ଆସନ୍ତାକାଲି ନିଷ୍ପତ୍ତି ନିଆଯିବ। ଆଜି ସମସ୍ତ ସରକାରୀ କର୍ମଚାରୀ ଅଫିସରେ ରହିବେ। ଅଧିକାରୀଙ୍କ ଛୁଟି ବାତିଲ ନେଇ କାଲି ନିଷ୍ପତ୍ତି ହେବ। ଛୁଟି ହେବ କି ନାହିଁ କାଲି ନିଷ୍ପତ୍ତି ନିଆଯିବ।

### ଚୌକି ଫିଙ୍ଗିଲେ...

ସନ୍ଧ୍ୟା ଗଡି ଯାଇଥିଲେ ସୁଦ୍ଧା କାର୍ଯ୍ୟକ୍ରମରେ କୌଣସି ନେତାଙ୍କ ଦେଖା ନଥିଲା କି ପ୍ରତିଶ୍ରୁତି ଅନୁଯାୟୀ କୌଣସି ସାମଗ୍ରୀ ବଣ୍ଟନ କରାଯାଇ ନଥିଲା।

ଏହାପରେ କିଛି ମହିଳାମାନେ ଏକଜୁଟ ହୋଇ ସେମାନଙ୍କ ସହିତ ଠକେଇ ହୋଇଥିବାର ଶିକାର କରି ବସିଥିବା ଚୌକି ସବୁକୁ ଉଠାଇ ଫିଙ୍ଗିବାର ଆରମ୍ଭ କରିଥିଲେ। ଏହାପରେ ଘଟଣାସ୍ଥଳରେ ଥିବା ପୁଲିସ ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ମହିଳାମାନଙ୍କୁ ବୁଝାସୁଝା କରି ଶାନ୍ତ କରାଇଥିଲା।

### କୋରାପୁଟ କଫି...

ଗୁରୁତ୍ୱକୁ ସ୍ୱୀକାର କରି ଏକ ବିଶେଷ ଅଭିଯାନ ଆରମ୍ଭ କରିଛି। ପାଞ୍ଚ ବର୍ଷ ପୂର୍ବେ, ବନ ବିଭାଗ ଦଳଗୁଡ଼ିକ ଅହମଦାବାଦ ନିକଟବର୍ତ୍ତୀ ଧୋଲେରାରେ ମାଙ୍ଗ୍ରୁଭ ରୋପଣ ଆରମ୍ଭ କରିଥିଲେ ଏବଂ ଆଜି ଧୋଲେରା ଉପକୂଳରେ ୩,୫୦୦ ହେକ୍ଟର ଜମିରେ ମାଙ୍ଗ୍ରୁଭ ବିସ୍ତାର କରିଛି। ସେମାନଙ୍କର ପ୍ରଭାବ ସମଗ୍ର ଅଞ୍ଚଳରେ ଦୃଶ୍ୟମାନ ହେଉଛି।

# ବାତ୍ୟା ପାଇଁ ଛୁଟି ବାତିଲ ସତ୍ତ୍ୱେ ଅଧିକାରୀ ଓ କର୍ମଚାରୀ ଅନୁପସ୍ଥିତ !

## ଜିଲ୍ଲାପାଳଙ୍କ ଆଦେଶକୁ ବେଖାତିର କରି କାର୍ଯ୍ୟାଳୟରେ ଝୁଲିଲା ତାଲା

**ରାଜନଗର,୨୬।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାତ୍ୟା ମନ୍ଥା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଚଳାଇବା ସହ ମୁକାବିଲା ପାଇଁ ପ୍ରଶାସନିକ ସ୍ତରରେ ପଦକ୍ଷେପ ଗ୍ରହଣ କରିଥିବା ନେଇ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ଏହି ସାମ୍ଭାବ୍ୟ ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା ଜିଲ୍ଲାପାଳ କାର୍ଯ୍ୟାଳୟର ଜରୁରୀକାଳୀନ ବିଭାଗ ଚିଠି ନଂ- ୩୧୨୧, ୨୫.୧୦.୨୦୨୫ ତାରିଖରେ ଜିଲ୍ଲାରେ ଥିବା ସମସ୍ତ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ୨୬ତାରିଖଠାରୁ ୩୦ତାରିଖ ପର୍ଯ୍ୟନ୍ତ ମୁଖ୍ୟାଳୟ ନଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ରଘୁରାମ ଆର ଆୟାର ନିର୍ଦ୍ଦେଶନାମା ଜାରୀ କରିଛନ୍ତି । ମାତ୍ର ରାଜନଗର ବ୍ଲକ ଅଧିନରେ ଥିବା ବହୁ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀମାନଙ୍କୁ ଅନୁପସ୍ଥିତ ଯୋଗୁଁ ରାଜନଗର ସେକ୍ସନ କାର୍ଯ୍ୟାଳୟ ଓ ସବଡିଭିଜନ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ପରିଲକ୍ଷିତ ହୋଇଛି । ସେହିପରି ମିଶନଶକ୍ତି କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ ସବଡିଭିଜନ କାର୍ଯ୍ୟାଳୟ, ତଟବନ୍ଧ ବିଭାଜନର ସବଡିଭିଜନ କାର୍ଯ୍ୟାଳୟ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟ, ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ (କୃଷି ଓ ସୂଚନା ପରାମର୍ଶ କେନ୍ଦ୍ର), ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟ, ବ୍ଲକ ଯୋଗାଣ ଓ ଖାଉଟି ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ, ବ୍ଲକ ବୈଷୟିକ ବିଭାଗ, ବ୍ଲକ ଓଡିଶା ଜୀବିକା ମିଶନ ବିଭାଗ ଏବଂ ଉପନିବନ୍ଧକ (ସବ-ରେଜିଷ୍ଟ୍ରାର)ଙ୍କ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କ ଅନୁପସ୍ଥିତ ଯୋଗୁଁ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ବାତ୍ୟା ପ୍ରଭାବରେ ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କର ଛୁଟିକୁ ଜିଲ୍ଲାପାଳ ବାତିଲ କରିଛନ୍ତି । ମାତ୍ର ଏହି ନିର୍ଦ୍ଦେଶକୁ ରାଜନଗର ବ୍ଲକର ଅଧିକାଂଶ ଅଧିକାରୀ ଓ କର୍ମଚାରୀମାନେ ବେଖାତିର କରି ଚାଲିଯାଇଛନ୍ତି । ଯାହାଫଳରେ ବିଭିନ୍ନ କାର୍ଯ୍ୟାଳୟରେ ତାଲା ଝୁଲୁଛି । ଏସଂପର୍କରେ କେନ୍ଦ୍ରାପଡା ଜିଲ୍ଲାପାଳ କି ପଦକ୍ଷେପ ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା ।

# ମହିଳା କନେଷ୍ଟବଳଙ୍କୁ ମରଣାନ୍ତକ ଆକ୍ରମଣ: ୩ ଗିରଫ

**କେନ୍ଦ୍ରାପଡ଼ା,୨୬।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅଧିନସ୍ଥ ନିକିରାଇ ଥାନାର ମହିଳା କନେଷ୍ଟବଳ ସୋନାଲିକା ବଳଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଏ ସଂପର୍କରେ ନିକିରାଇ ଥାନାରେ ଅଭିଯୋଗ ହେବାପରେ ପୁଲିସ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ନିକିରାଇ କଲେଜ ଛକ ପାଖରେ ଦୋକାନ କରିଥିବା ଜଣେ ବ୍ୟକ୍ତି କୌଣସି କାରଣ ନେଇ ନିକିରାଇ ଥାନାରେ ଅଭିଯୋଗ କରିଥିଲେ। ନିକିରାଇ ଥାନା ଅଧିକାରିଣୀ ଶୁକ୍ରବାର ରାତି ପ୍ରାୟ ୮ଟା ସମୟରେ ମହିଳା କନେଷ୍ଟବଳ ସୋନାଲିକାଙ୍କ ସହ ୪ ପୁଲିସ କାର୍ମଚାରୀଙ୍କୁ ଅଭିଯୁକ୍ତଙ୍କୁ ଥାନାକୁ ଡାକିଆଣିବା ପାଇଁ ପଠାଇଥିଲେ। କିନ୍ତୁ ଅଭିଯୁକ୍ତର ପରିବାର ଲୋକମାନେ ମହିଳା କନେଷ୍ଟବଳ ସୋନାଲିକାଙ୍କ ତଣ୍ଟିଚିପି ତାଙ୍କୁ ଅଟକ ରଖିଥିଲେ। ତାଙ୍କ ସହିତ ଯାଇଥିବା ୪ ପୁଲିସ କନେଷ୍ଟବଳ ପରିବାରର ଆକ୍ରମଣରୁ ରକ୍ଷାପାଇବା ପାଇଁ ସେଠାରୁ ଫେରିଆସି ଥାନାରେ ଜଣାଇଥିଲେ। ଖବରପାଇ ନିକିରାଇଥାନା ଅଧିକାରିଣୀ ପଦ୍ମାଳୟା ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସୋନାଲିକାଙ୍କୁ ସେଠାରୁ ଉଦ୍ଧାରକରି କେନ୍ଦ୍ରାପଡା ଡାକ୍ତରଖାନାକୁ ପଠାଇଥିଲେ ଏବଂ ସୋନାଲିକାଙ୍କୁ ଆକ୍ରମଣ କରିଥିବା ପରିବାରର ୩ ଜଣ ଅଭିଯୁକ୍ତଙ୍କୁ ଧରି ଥାନାକୁ ଆଣିଥିଲେ। ଶନିବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ନିକିରାଇ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରିରହିଛି। କର୍ତ୍ତବ୍ୟରତ ଜଣେ ମହିଳା କର୍ମଚାରୀଙ୍କ ଉପରେ ଏଭଳି ଆକ୍ରମଣକୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ନିନ୍ଦା କରିବା ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି।

# ଚୋରାମଦ ଜବତ: ୫ ଗିରଫ

**କେନ୍ଦ୍ରାପଡ଼ା,୨୬।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଓ ମହାକାଳପଡ଼ା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଖଡ଼ିଅନ୍ତା ଗ୍ରାମର କୈଳାଶ ମଳିକ(୨୫)ଙ୍କ ଠାରୁ ୧୪ ଲିଟର ବିଦେଶୀ ଓ ଘନି ମଳିକ(୪୦)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ନଛିପଡ଼ା ଗ୍ରାମର ଚଗଲା ଦାସ(୩୬)ଙ୍କ ଠାରୁ ୪୧ ଲିଟର ଦେଶୀ ମଦ, ଓରତଘାଟ ଗ୍ରାମର ଅନାଥ ମଳିକ(୪୨)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ ଓ ଏକଲପୁର ଗ୍ରାମର ସରୋଜ ରାଉତ(୪୦)ଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇ ଅଛି। ସେମାନଙ୍କ ପାଖରୁ ସମୁଦାୟ ୧୨୭ ଲିଟର ବିଦେଶୀ, ଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ, ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, କଳ୍ପନା ରାଉତ, ସୁଶ୍ରୀ ରୁତୁପ୍ରଭା ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ହାଇକୋର୍ଟ ଆଇନଜୀବୀଙ୍କୁ ବି ଛାଡ଼ିଲେନି ଉପଜିଲ୍ଲାପାଳ

**କେନ୍ଦ୍ରାପଡ଼ା,୨୬।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଭିନ୍ନ ଲୋକଙ୍କୁ ଦୁର୍ବ୍ୟବହାର କରିଚାଲିଛନ୍ତି କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ। ଏମିତିକି ହାଇକୋର୍ଟର ଜଣେ ଆଇନଜୀବୀ ମଧ୍ୟ ତାଙ୍କୁ ଦୁର୍ବ୍ୟବହାରରୁ ବର୍ତ୍ତିନାହାଁନ୍ତି । ଏଥିନେଇ ଜିଲ୍ଲାପାଳଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ ଓଡିଶା ହାଇକୋର୍ଟର ଆଇନଜୀବୀ ଲଳିତମାଧବ ଦତ୍ତା ଏକ କନଭରସନ ଓଏଲଆର କେଶ ନଂ-୮୪୦୯/୨୦୨୫ ସମ୍ପର୍କରେ ବୁଝିବାକୁ ଉପଜିଲ୍ଲାପାଳଙ୍କ ନିକଟକୁ ଯାଇଥିବା ବେଳେ ହଠାତ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ତାଙ୍କୁ କାହିଁକି ମୋ ଚାମ୍ବରକୁ ଆସିଲ ବୋଲି କହି ଦୁର୍ବ୍ୟବହାର କରିଥିଲେ। ଏସମ୍ପର୍କରେ ଆଇନଜୀବୀ ଶ୍ରୀ ଦତ୍ତା ଜିଲ୍ଲାପାଳଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ତହସିଲ ଅଧିନ ଶ୍ୟାମଗୁଡିଆ ମୌଜାର ଖାତା ନମ୍ବର ୨୪୪୧/୨୩୧୮ର ପ୍ଲଟ ନମ୍ବର-୧୦୨୧/୮୩୪୯ ଏରିଆ ଏ୧.୨୪ଡେସିମିଲ ମଧ୍ୟରୁ ଏ୦.୨୪ଡିସିମିଲ ଜମିକୁ ଘରବାଡି ଜମିରେ ପରିଣତ କରିବାକୁ ପ୍ରଥମେ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ତହସିଲରେ ୨୪ ଡେସିମିଲ ଜମି ଘରବାଡିରେ ପରିବର୍ତ୍ତନ ହୋଇସାରିଛି। କିନ୍ତୁ ସେହି ଖାତା ଓ ପ୍ଲଟର ଅବଶିଷ୍ଟ ଏ୧.୦୦କର ଜମିକୁ ଘରବାଡିରେ ପରିଣତ କରାଇବାକୁ ଆଇନଜୀବୀ ଶ୍ରୀ ଦତ୍ତା ଦୁଇମାସରୁ ଉର୍ଦ୍ଧ୍ୱ ହେବ ଦରଖାସ୍ତ କରିଥିଲେ ବି ତାହାର କୌଣସି ଫଇସଲା ହୋଇନାହିଁ। ମାମଲା ଦାୟର ହେବାର ୬୦ଦିନ ଭିତରେ ଫଇସଲା ହେବାର ନିୟମ ଥିବା ବେଳେ ଏହି ମାମଲା ଦାୟର ୭୦ଦିନ ପରେବି କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇଲା ନାହିଁ। ତେଣୁ ଏସମ୍ପର୍କରେ ଆଇନଜୀବୀ ଶ୍ରୀ ଦତ୍ତା ଗତ ୮, ୧୦ ଓ ୧୬ ତାରିଖରେ ଉପଜିଲ୍ଲାପାଳଙ୍କୁ ଭେଟି ସେହି କେଶର ଫଇସଲା ପାଇଁ ଅନୁରୋଧ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସେ ଏସମ୍ପର୍କରେ ୧୬ ତାରିଖରେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଜିଲ୍ଲାପାଳ ତୁରନ୍ତ ସଂପୃକ୍ତ କେଶର ଫଇସଲା କରିବାକୁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସବୁ ସତ୍ତ୍ୱେ ବି କୌଣସି ପଦକ୍ଷେପ ନିଆନଯିବାରୁ ୧୯ତାରିଖରେ ଆଇନଜୀବୀ ଶ୍ରୀ ଦତ୍ତା ଉପଜିଲ୍ଲାପାଳଙ୍କୁ ଭେଟିବାରେ ଉପଜିଲ୍ଲାପାଳ ତାଙ୍କୁ ଦୁର୍ବ୍ୟବହାର କରିଥିବା ଶ୍ରୀ ଦତ୍ତା ରାଜ୍ୟ ବାରକାଉନସିଲ ଓ କେନ୍ଦ୍ରାପଡା ଜିଲ୍ଲା ବାରକାଉନସିଲରେ ଜଣାଇଥିଲେ। ସେମାନଙ୍କ ପରାମର୍ଶ କ୍ରମେ ଆଇନଜୀବୀ ଶ୍ରୀ ଦତ୍ତା ରବିବାର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଉପଜିଲ୍ଲାପାଳ ଶ୍ରୀ ନାୟକ ଭିନ୍ନକ୍ଷମ ପ୍ରଫୁଲ୍ଲଙ୍କୁ ଗତ ଗୁରୁବାର ଅସୌଜନ୍ୟ ଭାଷାରେ ଗାଳିଗୁଲଜ କରି ତୁରନ୍ତ ଅଫିସ ଚାମ୍ବରରୁ ବାହାରି ଯିବା ପାଇଁ କହିଥିବା ବେଳେ ଗଜଲକ୍ଷ୍ମୀ ପୂଜା ଶାନ୍ତି କମିଟି ବୈଠକରେ ଜଣେ ସାମ୍ବାଦିକଙ୍କୁ ତୁ ତା କରି ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ଜିଲ୍ଲାପାଳ କ୍ଷୁବ୍ଧ ହୋଇଥିଲେ। କାରଣ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସମ୍ମୁଖରେ ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଉପଜିଲ୍ଲାପାଳ ଅସୌଜନ୍ୟ ବ୍ୟବହାର କରିଥିଲେ। ଏହାଦ୍ୱାରା ସାମ୍ବାଦିକମାନେ ଉପଜିଲ୍ଲାପାଳଙ୍କୁ ଘେରିଥିଲେ। ଉପଜିଲ୍ଲାପାଳଙ୍କ ବିରୋଧରେ ତଦନ୍ତ ହେବ ବୋଲି ଜିଲ୍ଲାପାଳ ରଘୁରାମ ଆର. ଆୟାର କହିଥିଲେ। ଫଳରେ ସାମ୍ବାଦିକମାନେ ଶାନ୍ତ ପଡିଥିଲେ। ଏବେ ପୁଣି ଜଣେ ହାଇକୋର୍ଟର ଆଇନଜୀବୀଙ୍କୁ ଉପଜିଲ୍ଲାପାଳ ଦୁର୍ବ୍ୟବହାର କରିବା ଘଟଣା ବୁଦ୍ଧିଜୀବୀମାନଙ୍କୁ ଆନ୍ଦୋଳିତ କରିଛି। ସହରର କେତେକ ବୁଦ୍ଧିଜୀବୀ କହିଛନ୍ତି ଜଣେ ସରକାରୀ ଅଧିକାରୀ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର କରିବା ଉଚିତ। ହେଲେ ଉପଜିଲ୍ଲାପାଳ ବାରମ୍ବାର ଜନସାଧାରଣଙ୍କୁ ଦୁର୍ବ୍ୟବହାର କରିବା ଦୁର୍ଭାଗ୍ୟଜନକ ଘଟଣା। ଏସଂକ୍ରାନ୍ତରେ ଉପଜିଲାପାଳ ଶ୍ରୀ ନାୟକଙ୍କୁ ପଚାରିବାରୁ ସେ କହିଲେ ସାମ୍ବାଦିକଙ୍କୁ ଚିହ୍ନି ନପାରିବା କାରଣରୁ ମୋପାଟିରୁ ଅସୌଜନ୍ୟ ବ୍ୟବହାର ବାହାରି ଯାଇଥିଲା। ସେନେଇ ମୁଁ ସଂପୃକ୍ତ ସାମ୍ବାଦିକଙ୍କୁ ବୁଝାଇ ସାରିଛି। କିନ୍ତୁ କୌଣସି ଭିନ୍ନକ୍ଷମ ବ୍ୟକ୍ତି ବା ଆଇନଜୀବୀଙ୍କୁ ମୁଁ ଦୁର୍ବ୍ୟବହାର କରିବାହିଁ ବୋଲି ଉପଜିଲ୍ଲାପାଳ କହିଛନ୍ତି।


Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460

Editor : **Ambika Prasad Das** ସମ୍ପାଦକ : **ଅମ୍ବିକା ପ୍ରସାଦ ଦାସ** | Chief Editor : **Umapada Bose** ମୁଖ୍ୟ ସମ୍ପାଦକ : **ଉମାପଦ ବୋଷ**